

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.



ବର୍ଷ- ୧୧ ସଂଖ୍ୟା-୨୦୭ ଭୁବନେଶ୍ୱର ସୋମବାର, ଅପ୍ରେଲ୍ ୧୪.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.207 Bhubaneswar, Monday, April 14, 2025


## ବାଣ କାରଖାନାରେ ବିସ୍ଫୋରଣ
# ୮ ଜଣଙ୍କର ମୃତ୍ୟୁ



ନୂଆଦିଲ୍ଲୀ,୧୩/୪: ରବିବାର ଆନ୍ଧ୍ରପ୍ରଦେଶର ଆନାକାପାଲି ଜିଲ୍ଲାରେ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟିଥିଲା। ଏହି ବିସ୍ଫୋରଣରେ କାରଖାନାରେ କାମ କରୁଥିବା ୮ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ସମୟରେ ସେଠାରେ ୩୦ରୁ ଅଧିକ ଶ୍ରମିକ କାମ କରୁଥିବାର କୁହାଯାଉଛି। ଏହି ଘଟଣାଟି ଆନାକାପାଲି ଜିଲ୍ଲାର କୋଟାଭୁରୁତଲାରେ ଘଟିଛି। ଆନ୍ଧ୍ର ପ୍ରଦେଶର ଗୃହମନ୍ତ୍ରୀ ଅନିତା ବଙ୍ଗାଲାପୁଡି ଏହି ଘଟଣାକୁ ନିଶ୍ଚିତ କରିଛନ୍ତି। ଗୃହମନ୍ତ୍ରୀ କହିଛନ୍ତି ଯେ ଏକ ବାଣ କାରଖାନାରେ ଅଗ୍ନିକାଣ୍ଡ ପରେ ଘଟିଥିବା ବିସ୍ଫୋରଣରେ ୮ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଆହତ ସମସ୍ତ ଶ୍ରମିକଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବା ପାଇଁ ଗୃହମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଏବଂ ଆହତ ହୋଇଥିବା ଶ୍ରମିକମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ମଧ୍ୟ ସେ ପ୍ରତିଶ୍ରୁତି ଦେଇଛନ୍ତି। ଅଧିକାରୀଙ୍କ ଅନୁଯାୟୀ, ଦୁର୍ଘଟଣାରେ ଘଟଣା ସ୍ଥଳରେ ଛଅ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଆହତଙ୍କୁ ଡାକ୍ତରଖାନା ନେବା ସମୟରେ ମୃତ୍ୟୁ ହୋଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୋଲିସ ଏବଂ ଅଗ୍ନିଶମ ବାହିନୀ ଦଳ ଘଟଣାସ୍ଥଳରେ ପହଞ୍ଚି ବହୁ କଷ୍ଟରେ ନିଆଁକୁ ଆୟତ୍ତ କରିଥିଲେ। ଘଟଣା ବିଷୟରେ ସୂଚନା ପାଇବା ପରେ, ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଜିଲ୍ଲା କଲେକ୍ଟର ଏବଂ ପୋଲିସ ଅଧୀକ୍ଷକଙ୍କ ସହ କଥା ହୋଇଥିଲେ ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଅଧିକାରୀମାନେ କହିଛନ୍ତି ଯେ ଘଟଣା ପଛର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ। ଦୁର୍ଘଟଣା ସମୟରେ କାରଖାନାରେ କାମ ଚାଲିଥିବା କୁହାଯାଉଛି। ଏହି ସମୟରେ, କାରଖାନାରେ ରଖାଯାଇଥିବା ବାରୁଦର ଗଦାରେ ନିଆଁ ଲାଗିଗଲା ଏବଂ ବିସ୍ଫୋରଣ ହୋଇଥିଲା । ଏହି କାରଣରୁ କାରଖାନାର ଛାତ ଭୁଶୁଡ଼ି ପଡ଼ିଥିଲା। ଏହି ଦୁର୍ଘଟଣାରେ ୬ ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା ଏବଂ ଅନେକ ଗୁରୁତର ଆହତ ହୋଇଥିଲେ। ଆହତମାନଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା, ଯେଉଁଠାରେ ଆଉ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା।

# ୭୭ ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୧୩/୪: ୭୭ ତମ ରାଜଧାନୀ ପ୍ରତିଷ୍ଠା ଦିବସ ଧୁମଧାମରେ ପାଳିତ ହୋଇଛି । ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଓ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ପାଳନ ଦିବସ ଅବସରରେ ଯୋଗ ଦେଇଥିବା ମୁଖ୍ୟ ଅତିଥିଙ୍କ ସହ ଅତିଥି ମାନେ ବିଧାନସୌଧ ସମ୍ମୁଖରେ ଥିବା ରାଜଧାନୀ ପ୍ରତିଷ୍ଠା ଫଳକରେ ମାଲ୍ୟାର୍ପଣ କରିଥିଲେ । ପରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ଅତିଥି ବାଚସ୍ପତି ସୁରମା ପାଢୀ ପତାକା ଉତ୍ତୋଳନ କରି ବେସାମାରିକ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ପ୍ୟାରେଡରେ ମୋଟ ୨୧ଟି ଦଳ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ସୈନିକ ସ୍କୁଲ ପ୍ରଥମ, ଏନ୍ ସି ସି ଆର ଆଣ୍ଡ ଭି ସ୍କ୍ୱାଡ୍ରନ୍ ଦ୍ୱିତୀୟ, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍ ୮ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସିଆରପିଏଫ୍ ବ୍ୟାଣ୍ଡ ଓ ଆର୍ମି ଏୟାର ଡିଫେନ୍ସ ବ୍ୟାଣ୍ଡକୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରାଯାଇଥିଲା । ୧୯୪୮ମସିହା ଏପ୍ରିଲ ୧୩ ତାରିଖ ଦିନ ଭୁବନେଶ୍ୱରରେ ପ୍ରତିଷ୍ଠା ହୋଇଥିଲା ରାଜଧାନୀ । ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ରାଜଧାନୀ ଫଳକର ଉନ୍ମୋଚନ କରିଥିଲେ । ସେତେବେଳେ ମାତ୍ର ୪୦ ହଜାର ଲୋକଙ୍କ ପାଇଁ ପରିକଳ୍ପନା କରାଯାଇଥିଲା ରାଜଧାନୀ । ମାତ୍ର ଆଜି ତାର କଳେବର ବୃଦ୍ଧି ପାଇଛି । ସଂପ୍ରତି ୧୩ଲକ୍ଷରୁ ଅଧିକ ଲୋକ ଏଠାରେ ବସବାସ କରୁଛନ୍ତି । ଆମ ରାଜଧାନୀ ଭୁବନେଶ୍ୱର ଆଜି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ସବୁ କ୍ଷେତ୍ରରେ ଦେଶର ଯେ କୌଣସି ରାଜଧାନୀଠାରୁ ବହୁ ଉଚ୍ଚରେ ରହିଛି । ଆମ ରାଜଧାନୀର କଳା, ସଂସ୍କୃତି ଐତିହ୍ୟର ସୁରକ୍ଷା କରିବା ସହ ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରି ଗଢିତୋଳିବା ପାଇଁ ମେୟର ଶ୍ରୀମତୀ ସୁଲୋଚନା ଦାସ ଭୁବନେଶ୍ୱରବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ରାଜଧାନୀ ହେଉଛି ରାଜ୍ୟର ମୁଖଶାଳା ।



ଦେଶବିଦେଶରୁ ପର୍ଯ୍ୟଟକମାନେ ଆକାଶ ପଥରେ ହେଉ କିମ୍ବା ରେଳପଥରେ ପ୍ରଥମେ ଆସି ରାଜଧାନୀରେ ପହଞ୍ଚିଥାନ୍ତି । ମହିମାମଣ୍ଡିତ ଆମ ରାଜଧାନୀର କଳା ଓ ଐତିହ୍ୟ ବେଶ ଗୌରବ ମଣ୍ଡିତ । ଏହି ଗୌରବମୟ ରାଜଧାନୀର ଶ୍ରୀବୃଦ୍ଧି କରିବା ପାଇଁ ରାଜଧାନୀବାସୀଙ୍କୁ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଆହ୍ୱାନ ଦେଇଥିଲେ । ଉପସ୍ଥିତ ଅତିଥିମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ଭୁବନେଶ୍ୱରକୁ ଆହୁରି ଉନ୍ନତି କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ । ଶେଷରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ଶ୍ରୀ ପ୍ରଦୋଷ ପ୍ରଚ୍ଛନାୟକ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ଜୟଦେବ ଭବନରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଏକ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ବାଚସ୍ପତି ଶ୍ରୀମତୀ ପାଢ଼ୀ ଏହି ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖିବା ଅବସରରେ ବାଚସ୍ପତି ଏହି ଫଟୋଚିତ୍ରଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ । ବିଭାଗ ପକ୍ଷରୁ ଏହି ପ୍ରଦର୍ଶନୀରେ ଭୁବନେଶ୍ୱରର ଐତିହ୍ୟ, କଳା, ସ୍ଥାପତ୍ୟ, ରାଜନୈତିକ ପୃଷ୍ଠଭୂମି, ସାମାଜିକ ରୂପାନ୍ତରଣ, ଆଧାତ୍ମିକ ପରିଦୃଶ୍ୟ, ସ୍ମାର୍ଟ ସିଟି ହେବା ପର୍ଯ୍ୟନ୍ତ ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ବିକାଶ ଆଦି ଉପରେ ପର୍ଯ୍ୟବେସିତ ଫଟୋଚିତ୍ର ପ୍ରଦର୍ଶିତ ହେଉଛି । ଏହି ଅବସରରେ ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଦର୍ଶନୀ ଅଧିକାରୀ ଶ୍ରୀ ଦୀପକ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଦୁଇଦିନିଆ ପ୍ରଦର୍ଶନୀ ଆସନ୍ତାକାଲି (ସୋମବାର) ପର୍ଯ୍ୟନ୍ତ ଦର୍ଶକଙ୍କ ନିମନ୍ତେ ଖୋଲା ରହିବ ।

# ନିଶାନାରେ ବିଜେଡି ମୂଷା

## ୱାକଫ ପ୍ରସଙ୍ଗ ପରଠୁ ଅସମ୍ଭାଳ ବିଦ୍ରୋହ, ନିଆଁରେ ଘିଅ ଢାଳିଲେ ପ୍ରସନ୍ନ ପାଟ୍ଟଶାଣୀ

ଭୁବନେଶ୍ୱର, ୧୩/୪: ୱାକ୍ଫ ପ୍ରସଙ୍ଗ ପରଠାରୁ ବିଜେଡି ବିବାଦ ବଢୁଛି ସିନା, ଥମିବାର ନାଁ ନେଉନି। ଗତକାଲି ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକ ଓ ନୃସିଂହ ସାହୁ ମେଳି ପାଇଁ ସଭାପତି ନବୀନଙ୍କ ନାଲି ଆଖିକୁ କଡ଼ା ସମାଲୋଚନା କରିବା ପରେ ଆଜି ସମ୍ବିତ ରାଉତରାୟ ପୁଣିଥରେ ମୂଷା ଉପାଖ୍ୟାନ କହି ପାଣ୍ଡିଆନଙ୍କୁ ପରୋକ୍ଷରେ ଟାର୍ଗେଟ୍ କରିଛନ୍ତି। ବିଧାୟକ ଅରୁଣ ସାହୁ ବି କହିଛନ୍ତି, ରାସ୍ତାରେ ଯିବାବେଳେ ଅନେକ ଛୋଟ ବଡ଼ ଭୁଲ୍ ହୁଏ। ଏଣେ ପୂର୍ବତନ ବିଜେଡି ସାଂସଦ ତଥା ଏବେକାର ବିଜେପି ନେତା ପ୍ରସନ୍ନ ପାଟ୍ଟଶାଣୀ, ନବୀନ ଓ ପାଣ୍ଡିଆନଙ୍କୁ ଶବ୍ଦବାଣରେ ଘାଇଲା କରିଛନ୍ତି। ଥମୁନି ନବୀନ-ପାଣ୍ଡିଆନ୍ ଚର୍ଚ୍ଚା। ଦଳ ଭିତରୁ ବରିଷ୍ଠ ନେତା ସିଧା ନିଶାନା କଲେଣି ନବୀନଙ୍କୁ। ଏହାରି ଭିତରେ ଆଜି ବିଦ୍ରୋହ ନିଆଁରେ ଘିଅ ଢାଳିଛନ୍ତି ପୂର୍ବତନ ବିଜେଡି ସାଂସଦ ତଥା ବର୍ତ୍ତମାନର ବିଜେପି ନେତା ପ୍ରସନ୍ନ ପାଟ୍ଟଶାଣୀ। ସାଂଘାତିକ ଅଭିଯୋଗ ଆଣି କହିଛନ୍ତି, ପାଣ୍ଡିଆନ୍‌ଙ୍କ କଥାରେ ପଡି ୱାକଫ୍ ପ୍ରସଙ୍ଗରେ ମିଛ କହିଛନ୍ତି ନବୀନ। ବିଜେଡିରେ ଏବେ ଭୀଷଣ ଷଡ଼ଯନ୍ତ୍ର। ଦଳ ପରାଜୟର କାରଣ ମଧ୍ୟ ସେହି ପାଣ୍ଡିଆନ୍। ଖାଲି ସେତିକି ନୁହେଁ ପାଣ୍ଡିଆନ୍ ରାଜନୀତିରୁ ସନ୍ନ୍ୟାସ ନେବା କଥା ପୃଥିବୀର ସବୁଠାରୁ ବଡ଼ ମିଛ। ବିଜେଡି ନେତା ଏବେ ଅଣନିଶ୍ୱାସୀ। ସେପଟେ କିନ୍ତୁ ପାଟ୍ଟଶାଣୀଙ୍କ ଅଭିଯୋଗକୁ ଖଣ୍ଡନ କରିଛି ବିଜେଡି।ଅନ୍ୟପଟେ ବିଜେଡି ବିବାଦ ଭିତରେ ଆଜି ବି କିଛି ନେତା ପରୋକ୍ଷରେ ସମାଲୋଚନା କରିଛନ୍ତି। ପୁଣି ଥରେ ମୂଷା ଉପାଖ୍ୟାନ କହି ପାଣ୍ଡିଆନଙ୍କୁ ଟାର୍ଗେଟ୍ କରିଛନ୍ତି ସମ୍ବିତ ରାଉତରାୟ। ବିଜେଡିର ଏହି ବଡ଼ ମୂଷାକୁ କେହି ଖାଇପାରିବେନି, କିନ୍ତୁ ଅଣନିଶ୍ୱାସୀ କରି ମାରିହେବ। ଆମ ଭଳି ନେତାଙ୍କୁ ଭୁଲ୍ ଚିତ୍ରଣ କରାଯାଉଛି ସୁପ୍ରିମୋଙ୍କ ଆଗରେ। ସେପଟେ ମାପି ଚୁପି କଥା କହୁଥିବା ଅରୁଣ ସାହୁ ବି କଥା ଛଳରେ କହିଛନ୍ତି ରାସ୍ତାରେ ଯିବାବେଳେ ଅନେକ ଛୋଟ ବଡ ଭୁଲ୍ ହୁଏ। ଏହାକୁ ସୁଧାରି ସଂସ୍କାର ଆଣିବାର ଆବଶ୍ୟକତା ରହିଛି।

## ହନୁମାନ ଜୟନ୍ତୀ: ଜଗିବେ ୨୦୦ ପ୍ଲାଟୁନ

ଭୁବନେଶ୍ୱର,୧୩/୪: ହନୁମାନ ଜୟନ୍ତୀ ପାଇଁ ସାରା ରାଜ୍ୟରେ କଡା ସୁରକ୍ଷା । ଆଇନଶୃଙ୍ଖଳା ଏଡିଜି ସଞ୍ଜୟ କୁମାରଙ୍କ ସୂଚନା । ୧୦ କମ୍ପାନି ସିଏପିଏଫ, ୩ କମ୍ପାନି ଆରଏଏଫ ମୁତୟନ । ରାଜ୍ୟରେ ୨୦୦ ପ୍ଲାଟୁନ ଫୋର୍ସ ମୁତୟନ । ୪୦ ଡ୍ରୋନ ସହ ୬୦୦ ସିସିଟିଭି ନଜରରେ ରହିଛି । ସମ୍ବଲପୁର ଉପରେ କଡା ନଜର ରହିଛି । ସୋସିଆଲ ମିଡିଆରେ ହେଉଥିବା ପୋଷ୍ଟ ଉପରେ କଡା ନଜର । ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଛନ୍ତି ଆଇନଶୃଙ୍ଖଳା ଏଡିଜି ।









ବାର୍ତ୍ତା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନ ପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍ପାଟି)

DADLS-12
OIPR- 15001/13/0509/2526

ଓଡ଼ିଆ ନୂଆବର୍ଷ ତଥା
ମହାବିଷୁବ ସଂକ୍ରାନ୍ତି ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଓଡ଼ିଆ ନୂଆବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ଓଡ଼ିଶା ତଥା ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଆମ ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ ଏହି ଦିବସରେ ଆସନ୍ତୁ, ଓଡ଼ିଶାର ଗୌରବକୁ ନୂଆ ଶିଖରରେ ପହଞ୍ଚାଇବା ସହିତ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ପିଏମ୍ ଶ୍ରୀ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ



ଧାମନଗର, : ଧାମନଗର ଏନ ଏ ସି ଅନ୍ତର୍ଗତ ପିଏମ୍ ଶ୍ରୀ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରି ସମାଜରେ ଘଟିଥିବା ପରିବର୍ତ୍ତନ ଆନ୍ଦୋଳନ ଆଦି ଶିକ୍ଷାନୁଷ୍ଠାନରୁ ଆରମ୍ଭ ହୋଇଥାଏ ପ୍ରକାଶ କରି ପିଏମଶ୍ରୀ ସ୍କୁଲ ଯୋଜନା ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ସୃଜନଶୀଳତା ଏବଂ ଜୀବନ ନିର୍ମାଣରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ସୁରଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ବରେଣ୍ୟ ଅତିଥି ଦିଲ୍ଲିପ ରାଉତରାଏ ଜିଲ୍ଲାପାଳ ଭଦ୍ରକ,ଶ୍ରୀମତୀ ନିବେଦିତା ଜେନା ଅଧକ୍ଷା,ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ,ସାଂସଦ ନଗର ପ୍ରତିନିଧି ସରୋଜ ମହାପାତ୍ର,ବନବିହାରୀ ଦିନ୍ଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧାମନଗର ବ୍ଲକ,ପ୍ରଫୁଲ୍ଲ କୁମାର ସାହୁ ବ୍ଲକ ଶିକ୍ଷାଧିକାରୀ ଧାମନଗର,ଶିକ୍ଷାବିତ୍ ମହେଶ୍ୱର ସ୍ୱାଇଁ,ପରିଚାଳନା କମିଟିର ସଭାପତି ପ୍ରହ୍ଲାଦ ମହାପାତ୍ର,ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟରେ ପିଏମ୍ ଶ୍ରୀ ବିଦ୍ୟାଳୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ସମୀର କୁମାର ଗୋସ୍ୱାମୀ ଅତିଥି ପରିଚୟ ପତ୍ର ପ୍ରଦାନ କରିଥିଲେ। ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଏବଂ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ମଞ୍ଚରେ ଜିଆରସି ଏବଂ ସ୍କାଉଟ ଗାଇଡ଼ ଟିମ ସହିତ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ ବିଦ୍ୟାଳୟ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉତ୍ସବ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିବା ବେଳେ ସହକାରୀ ଶିକ୍ଷକ ଭାସ୍କର ଚନ୍ଦ୍ର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ, ଅଭିଭାବକ, କମିଟି ସଭ୍ୟ,ସଭ୍ୟା,ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ଜଟଣୀ ପୌରାଞ୍ଚଳ ଓ ବ୍ଲକରେ ଆୟୁଷ୍ମାନ ଏବଂ ଗୋପବନ୍ଧୁ ଯୋଜନା ଶୁଭାରମ୍ଭ
## ସ୍ୱାସ୍ଥ୍ୟ ଚେତନା ରଥକୁ ଶୁଭାରମ୍ଭ କଲେ ଅତିରିକ୍ତ ଜିଲ୍ଲାପାଳ





ଜଟଣୀ ସ୍ଥାନୀୟ ପୌର ପରିଷଦ ପକ୍ଷରୁ ଆଭାସୀ ମାଧ୍ୟମରେ ସରକାରଙ୍କ ଦ୍ୱାରା ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂତନ ଏକକ କାର୍ଡ ଏବଂ ଆୟୁଷ୍ମାନ ୍ୱୟୋ ବନ୍ଦନା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଶୁକ୍ରବାର ମଧ୍ୟାହ୍ନ ପୌର କାର୍ଯ୍ୟାଳୟ ପରିସରରେ। ସେହିପରି ଜଟଣୀ ପଞ୍ଚାୟତ ସମିତି (ବ୍ଲକ) ପକ୍ଷରୁ ମଧ ଚାରୋଟି ସ୍ଥାନରେ ଶୁଭାରମ୍ଭ ହୋଇଛି। ପୌର କାର୍ଯ୍ୟାଳୟ କାର୍ଯ୍ୟକ୍ରମରେ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ନଗରପାଳ ଅନନ୍ତ ବେହେରା, ଉପାଧକ୍ଷା ଶ୍ରୀମତୀ ଆରତୀ ରାଉତ, ମଣ୍ଡଳ ଜଟଣୀ ବ୍ଲକ ଉନ୍ନୟନ ଅଧିକାରୀ ତଥା ନୂତନ ଭାବେ ନିର୍ବାହୀ ଅଧିକାରୀଣୀ ଦାଇତ୍ୱ ନେଇଥିବା ଶ୍ରୀମତୀ ରଶ୍ମିତା ନାଥ, ମେଡିକାଲ ଅଫିସର କୃଷ୍ଣଚନ୍ଦ୍ର ଦାସ, ଭୁବନେଶ୍ୱର ସାଂସଦଙ୍କ ପୌର ପ୍ରତିନିଧି ସତୀଶ କୁମାର ଶର୍ମାଙ୍କ ସମେତ ସମସ୍ତ ୨୩ଗୋଟି ୱାର୍ଡର ପୌରସଭ୍ୟା ଓ ସଭ୍ୟମାନେ ଉପସ୍ଥିତ ଥିଲେ। ଏତତଃ ବ୍ୟତୀତ ଶତାଧିକ ମହିଳା ଗୋଷ୍ଠୀ, ବସ୍ତି ବାସିନ୍ଦା ସଂଘ, ସ୍ଥାନୀୟ ଅଞ୍ଚଳବାସୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଆୟୁଷ୍ମାନ ଓ ଗୋପବନ୍ଧୁ ଯୋଜନାର ସଂପର୍କରେ ଅବଗତ ବି ହୋଇଛନ୍ତି। କାର୍ଯ୍ୟକ୍ରମରେ ଅନୁଷ୍ଠାନିକ ଭାବେ ସମସ୍ତ ୨୩ଗୋଟି ୱାର୍ଡରୁ ଜଣେ ଲେଖାଏଁ ହିତାଧିକାରୀଙ୍କୁ ନୋଡାଲ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ପୌରାଧକ୍ଷ ଓ ଅଧିକାରୀଣୀଙ୍କ ସମେତ ପୌରସଭ୍ୟା/ସଭ୍ୟ ମାନେ କାର୍ଡ ବଣ୍ଟନ କରିଛନ୍ତି।କାର୍ଯ୍ୟକ୍ରମ ପରିଶେଷରେ ପୌର କାର୍ଯ୍ୟାଳୟ ପରିସରରୁ ସ୍ୱାସ୍ଥ୍ୟ ଚେତନା ରଥକୁ ସବୁଜ ପତାକା ହଲାଇ ଶୁଭାରମ୍ଭ କରିଛନ୍ତି ଉପସ୍ଥିତ ଅତିଥିମାନେ। ଲାଗୁ କରାଯାଇଥିବା ପ୍ରତ୍ୟେକ କାର୍ଡକୁ ସଠିକ ହିତାଧିକାରୀଙ୍କ ପାଖରେ ଆଗାମୀ ଦିନ ମାନଙ୍କରେ ପହଞ୍ଚେଇବାକୁ ଲକ୍ଷ ରଖାଯାଇଥିବା ବେଳେ କୌଣସି ହିତାଧିକାରୀ ବାଦ ନ ପଡ଼ିବାକୁ ସୂଚନା ପ୍ରଦାନ କରାଯାଇଛି।ସେହିପରି ମହତ୍ ଯୋଜନା ଜଟଣୀ ପଞ୍ଚାୟତ ସମିତି (ବ୍ଲକ) ଅଧିନରେ ୪ ଗୋଟି ସ୍ଥାନରେ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ପଞ୍ଚାୟତ ସମିତି ଅଧିନରେ ଥିବା ବେଣାପଞ୍ଜରୀ, ଯାଆଁଳା, ରେତଙ୍ଗ ୩ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଓ ୪ର୍ଥ ତରବୋଇ ଗ୍ରାମ ପଞ୍ଚାୟତ କାର୍ଯ୍ୟଳୟ ପରିସରରେ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ଜୟନ୍ତୀ ଛୋଟରାୟ, ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ମାନେ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ମାନେ ଉପସ୍ଥିତ ଥିଲେ। ସମସ୍ତ ୱାର୍ଡସଭ୍ୟ/ସଭ୍ୟା ମାନେ ମାଧ ଉପସ୍ଥିତ ଥିଲେ। ଶତାଧିକ ମହିଳା ଗୋଷ୍ଠୀ ସଦସ୍ୟା, ସ୍ଥାନୀୟ ଗ୍ରାମାଞ୍ଚଳବାସୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ପ୍ରତ୍ୟେକ ପଞ୍ଚାୟତରୁ କିଛି ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିବା ବେଳେ କାର୍ଯ୍ୟକ୍ରମ ପରିଶେଷରେ ୨ଟି ସ୍ୱାସ୍ଥ୍ୟ ଚେତନା ରଥର ଶୁଭାରମ୍ଭ ହୋଇଛି।

## ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ( ଓଡିଶାରେ କାହାକୁ ରକ୍ତ ଅଭାବରେ ମରିବାକୁ ଦେବା ନାହିଁ )




ଗୋପ, : ଗ୍ରୀଷ୍ମ ଋତୁରେ ସାଧାରଣତଃ ରକ୍ତ ସଙ୍କଟ ଦେଖିବାକୁ ମିଳିଥାଏ କ୍ଷ ସେଥିପାଇଁ ସରକାରୀ ଅନୁଷ୍ଠାନ ଠାରୁ ବେସରକାରୀ ଅନୁଷ୍ଠାନ କ୍ଷେତ୍ରରେ ଅନେକ ପ୍ରୟାସ ହୋଇଥାଏ ରକ୍ତ ସଂଗ୍ରହ କ୍ଷେତ୍ରରେ କ୍ଷ ନୂତନ ସରକାର ଙ୍କ ଆଗମନ ପରେ ଓଡିଶା ଅସ୍ମିତା, କଳା ସଂସ୍କୃତି, ପରମ୍ପରା, ଐତିହ ସରବର କୁ ଜାଗ୍ରତ କରିବା ପାଇଁ ସ୍ୱେ ପକ୍ଷ ର ଶୁଭାରମ୍ଭ ହୋଇଛି କ୍ଷ ଯେପରି ଏପ୍ରିଲ ଏକ ତାରିଖ ଓଡିଶା ଦିବସ ଠାରୁ ୧୪ ତାରିଖ ପଣାସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନ ପାଇଁ ଦୈନିକ କିଛ ନା କିଛି ପକ୍ଷ ଅନୁଯାଇ କାର୍ଯ୍ୟକ୍ରମ ପାଳିତ ହେଉଛି କ୍ଷ କ୍ଷ ଠିକ ସେହିପରି ଓଡିଶା ରେ କାହାକୁ ରକ୍ତ ଅଭାବ ରେ କାହାକୁ ମରିବାକୁ ଦିଆଯିବ ନାହିଁ କ୍ଷ ସେଥିପାଇଁ ଆଜି ତା ୧୧.୦୪.୨୦୨୫ ତାରିଖ ଶୁକ୍ରବାର ଦିନ ଗୋପ କଲେଜ ପ୍ରାଙ୍ଗଣରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଗୋପ କଲେଜର ଯୁବ ରେଡ଼ କ୍ରସ ଓ ଜାତୀୟ ସେବା ଯୋଜନାର ମିଳିତ ଆୟୋଜନରେ ମୋଟ ୧୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା କ୍ଷ ଭୁବନେଶ୍ୱର ର କ୍ୟାପିଟାଲ ହସ୍ପିଟାଲ ବ୍ଲଡ଼ ବ୍ୟାଙ୍କର ମୁଖ୍ୟ ଅଧିକାରୀ ଡ଼ା ଦେବାଶିଷ ମିଶ୍ର ଓ କ୍ୟାମ୍ପ ସଂଯୋଜକ ସାରଦାକାନ୍ତ ଚୌଧୁରୀ ରକ୍ତଦାନ କରିବାର ମହତ୍ତ୍ୱ ସମ୍ପର୍କରେ ରକ୍ତଦାତା ମାନଙ୍କୁ ବୁଝାଇବା ସହିତ ଆପଣଙ୍କ ରକ୍ତଦାନ ଦ୍ୱାରା ଅତିକମରେ ୪ଟି ଜୀବନ ବଞ୍ଚାଇବା ଓ ରକ୍ତ ଭଣ୍ଡାର ମାନଙ୍କରେ ଗ୍ରୀଷ୍ମ ପ୍ରବାହରେ ରକ୍ତ ଜନିତ ଅଭାବ ପୂରଣ କରିବାରେ ସହାୟକ ହେ୍ୱ ବୋଲି ଉପସ୍ଥିତ ରକ୍ତଦାତା ମାନଙ୍କୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ । ଏହି ଶିବିରକୁ ଗୋପ କଲେଜର ଅଧକ୍ଷା ଶ୍ରୀମତୀ ପ୍ରିୟମ୍ୱଦା ପଣ୍ଡା ଉଦ୍ଘାଟନ କରିଥିବା ବେଳେ କଲେଜର ସମସ୍ତ ଅଧାପକ ଅଧାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

## ଆଦିବାସୀଙ୍କ ସେବାରେ ସମର୍ପିତ ମିନାକ୍ଷୀ ଗ୍ରୁପ ଆଦିବାସୀ ଅଞ୍ଚଳରେ ଆଶାର କିରଣ ମିନାକ୍ଷୀ ଗ୍ରୁପ



କୋରାପୁଟ, ୪: ଆଜିର ବ୍ୟସ୍ତ ବହୁଳ ଦୁନିଆରେ ସ୍ୱାର୍ଥ କୁ ପଛରେ ପକାଇ ସାମାଜିକ କାର୍ଯ୍ୟ ରେ ନିଜକୁ ନିୟୋଜିତ କରିବା ଦୃଶ୍ୟ ଖୁବ୍ କମ୍ ଦେଖାଯାଇଥାଏ।କୋରାପୁଟ ଓ ମାଲକାନଗିରି ଜିଲ୍ଲାର ତେନ୍ତୁଲିଗୁମା, କିଆଙ୍ଗ ଓ କର୍ପନପାଲି ଆଦି ଗ୍ରାମରେ ବସବାସ କରୁଥିବା ଉପାନ୍ତବାସୀ ଙ୍କୁ ଆଲୋକମୁହାଁ କରିବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଅହରହ ପ୍ରୟାସ ଜାରିରଖିଛି ହାଇଦ୍ରାବାଦର ମିନାକ୍ଷୀ ଗ୍ରୁପ।ଗ୍ରୁପ ର ମୁଖ୍ୟ ପରିଚାଳକ ଶ୍ରୀଯୁକ୍ତ ବି.ଶ୍ରୀନିଭାସ ଙ୍କ କହିବା ପ୍ରକାରେ ୨୦୦୯ ମସିହାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆମନ୍ତ୍ରିତ ହୋଇ ନକ୍ସଲ ଅଧୁଷିତ ଦୁର୍ଗମ ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ପ୍ରଚେଷ୍ଟା କରିଥିଲେ। ପ୍ରକୃତି ର ଅନନ୍ୟ ଅବଦାନ ସବୁଜ ବନାନୀ ଘେରା ଅଞ୍ଚଳ ବୁଲି ଦେଖିଥିଲେ ତେବେ କିଛି ଦୃଶ୍ୟ ତାଙ୍କୁ ଖୁସି ପ୍ରଦାନ କରିଥିଲେ ହେଁ ଅନେକ୍ କିଛି ତାଙ୍କୁ ଆନ୍ଦୋଳିତ କରୁଥିଲା ସେ ଲକ୍ଷ କରିଥିଲେ ସ୍ଥାନୀୟ ଗରିବ ଆଦିବାସୀ ଖୁବ୍ ସରଳ ସେମାନଙ୍କ ପାଖରେ ଖରାପ ଓ ଭଲର ଜ୍ଞାନ ନାହିଁ, ସେମାନେ ନିଜ ଜୀବନ ର ଭାର ନିଜେ ହିଁ ବହନ କରିଥାନ୍ତି ତାଙ୍କ କାମ କରିବା ପାଇଁ କେହି ସହାୟକ ନଥାନ୍ତି, ତାଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ,ଯୋଗାଯୋଗ ପାଇଁ ପକ୍କା ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟସେବା ମୌଳିକ ବ୍ୟବସ୍ଥା ପ୍ରତି କାହାର ନଜର ନାହିଁ। ସେମାନଙ୍କ ପାଇଁ ସଞ୍ଚୟ ର ସଚେତନତା ସହିତ ସମ୍ଭାବନା ନାହିଁ ସେମାନଙ୍କ ଉପାର୍ଜିତ ଦ୍ରବ୍ୟର ବଜାର୍ ନାହିଁ।ଏମାନେ ଗରିବ କାରଣ ଏଠି କିଛି ଠିକ୍ ଚାଲି ନାହିଁ ଶେଷରେ ଶ୍ରୀଯୁକ୍ତ ବି.ଶ୍ରୀନିଭାସ ପ୍ରାୟ ୧୬ ଗୋଟି ଗ୍ରାମର ଅଧିବାସୀଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ଆର୍ଥିକ ସୁରକ୍ଷା ପାଇଁ ପଦକ୍ଷେପ ନେବା ସହିତ ଯୁବକ ଯୁବତୀ ମାନଙ୍କୁ ନିଜ ହାଇଡ୍ରୋ ପ୍ରୋଜେକ୍ଟ ରେ ନିଯୁକ୍ତି ପ୍ରଦାନ କରିଅଛନ୍ତି।ଏଥି ନେଇ ଏକ ସ୍ୱତନ୍ତ୍ର ଯୋଜନାରେ ମିନାକ୍ଷୀ ଗ୍ରୁପ ପକ୍ଷରୁ ସର୍ଭେ ଅନୁଯାୟୀ ବାସହୀନ ଙ୍କୁ ଗୃହ ନିର୍ମାଣ ପାଇଁ ସହାୟତା ପ୍ରଦାନ, ଉଦ୍ୟୋଗୀ ବ୍ୟକ୍ତି ଙ୍କୁ ବ୍ୟବସାୟିକ ଜ୍ଞାନ ପ୍ରଦାନ ସହିତ ଆର୍ଥିକ ସହାୟତା ପ୍ରଦାନ, ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ପାଇଁ ଶିକ୍ଷକ ନିଯୁକ୍ତି, ମାଗଣା ପୁସ୍ତକ ଓ ସାମଗ୍ରୀ ପ୍ରଦାନ,ଦୁରାନ୍ତର ବିଦ୍ୟାର୍ଥୀ ଙ୍କ ପାଇଁ ସ୍କୁଲ ବସ୍ ର ବ୍ୟବସ୍ଥା,ଉଚ୍ଚ ଶିକ୍ଷା ପାଇଁ ଇଚ୍ଛୁକ ବିଦ୍ୟାର୍ଥୀ ଙ୍କୁ ଆର୍ଥିକ ସହାୟତା ପ୍ରଦାନ, ଗ୍ରାମର ମହିଳା ସଶକ୍ତୀକରଣ ସହିତ ଦାଦନ ଶ୍ରମିକଙ୍କୁ ଆତ୍ମନିର୍ଭରଶୀଳ କରିବା, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗୁଣାତ୍ମକ ପରିବର୍ତ୍ତନ ସହିତ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ କର୍ମଚାରୀ ଓ ମାଗଣା ଔଷଧ ସହିତ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ,ରୋଗୀଙ୍କୁ ମାଗଣା ଆମ୍ବୁଲାନ୍ସ ସେବା ଉପଲବ୍ଧ କରାଇବା।ଗ୍ରାମବାସୀ ଙ୍କ ବିଜୁଳି ବିଲ୍ ପ୍ରଦାନ, ଗ୍ରାମ ରାସ୍ତା ମରାମତି, ଯୁବ ଖେଳାଳିଙ୍କୁ ଖେଳ ପ୍ରଶିକ୍ଷଣ ସହିତ ସାମଗ୍ରୀ ଓ ଖେଳ ପୋଡ଼ିଆ ନିର୍ମାଣ, ଶିଶୁ ଙ୍କ ମନୋରଞ୍ଜନ ପାଇଁ ପାର୍କ ନିର୍ମାଣ, ସ୍ୱଚ୍ଛ ପାନୀୟଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ,କମ୍ୟୁନିଟି ହଲ୍ , ମନ୍ଦିର ଆଦି ନିର୍ମାଣ,ବୃଦ୍ଧ ଙ୍କୁ ରନ୍ଧନ ଖାଦ୍ୟ ସହିତ ପେନସନ୍ ପ୍ରଦାନ କରି ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି । ଦୀର୍ଘ ବର୍ଷର ସମର୍ପିତ ସେବାରେ ମିନାକ୍ଷୀ ଗ୍ରୁପ ପକ୍ଷରୁ ଏବେ ସ୍ଥାନୀୟ ଯୁବକଯୁବତୀ ଙ୍କୁ ସମାଜ ର ମୁଖ୍ୟ ସ୍ରୋତରେ ସାମିଲ କରି ବିଭିନ୍ନ ସରକାରୀ ଯୋଜନା ଗୁଡିକୁ ନିଜ ନିଜ ଅଞ୍ଚଳରେ ଲୋକମାନଙ୍କ ପାଖରେ ପହଞ୍ଚାଇବା, ବାଲ୍ୟ ବିବାହ ରୋକିବା ସହିତ ସଚେତନତା ସୃଷ୍ଟି କରିବା,ବେକାର ଯୁବକ ଯୁବତୀ ମାନଙ୍କୁ ବିଭିନ୍ନ ପ୍ରକାର ଦକ୍ଷତା ବିକାଶ ତାଲିମ ପ୍ରଦାନ କରି ରୋଜଗାରକ୍ଷମ କରାଇବା,ନିଜ ନିଜ ଅଞ୍ଚଳରେ ମଦ୍ୟପାନ, ଧୂମ୍ରପାନ କମ୍ କରି କୁପରିଣାମ ସମ୍ପର୍କରେ ଆଲୋଚନା କରିବା, ଶିଶୁମାନଙ୍କ ଅଭିଭାବକ ଙ୍କୁ ଶିକ୍ଷା ଦିଗରେ ସଚେତନ କରି ଶିଶୁମାନଙ୍କୁ ପ୍ରତ୍ୟେକ ଦିନ ସ୍କୁଲ ଯିବା ପାଇଁ ଅଭ୍ୟସ୍ତ କରିବା ପାଇଁ ଧ୍ୟାନ ଦେବା ଭଳି କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ମିନାକ୍ଷୀ ଗ୍ରୁପ ପକ୍ଷରୁ ବିଭିନ୍ନ ସୁବିଧା ସୁଯୋଗ ପାଇଥିବାରୁ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ଖୁସି କହିଲେ ନ ସରେ।

## ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଓ ଗୋପବନ୍ଧୁ ଜନ ଆରୋଗ୍ୟ କାର୍ଡ ବଣ୍ଟନ ଶୁଭାରମ୍ଭ



ବଡଚଣା, : ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଅନ୍ତର୍ଗତ ଦଶ ଗୋଟି ସ୍ୱାସ୍ଥ୍ୟ ଉପ କେନ୍ଦ୍ରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ, ଗୋପବନ୍ଧୁ ଜନ ଆରୋଗ୍ୟ ଓ ଆୟୁଷ୍ମାନ ବାୟୋ ବନ୍ଦନା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ବଡଚଣା କେନ୍ଦ୍ର ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଥିବା ଛତିଆ,ବାଉଁଶନଳୀ,ସିହା,ଦର୍ପଣ,ଦୁର୍ଘଟଣା ଚିକିତ୍ସା କେନ୍ଦ୍ର ଚଣ୍ଡିଖୋଲ,ଖଡିଅଙ୍ଗ, ଉଦୟଗିରୀ, ବାହୁଜଙ୍ଗ, କ୍ଷେତ୍ରୀୟ ଚିକିତ୍ସା କେନ୍ଦ୍ର, ଗୋପାଳପୁର ଓ ବନ୍ତଳା ଠାରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ହୋଇଯାଇଛି।ବିଧାୟକ ଅମର କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ରମେଶ ଚନ୍ଦ୍ର ଜେନା ଓ ବଡଚଣା ମଣ୍ଡଳ ଉନ୍ନୟନ ଅଧିକାରୀ ରବିନ୍ଦ୍ର କୁମାର ପ୍ରଧାନ ସମସ୍ତ କେନ୍ଦ୍ର ପରିଦର୍ଶନ କରି ତଦାରଖ କରିଥିଲେ।ଏହି କାର୍ଯ୍ୟକୁ ସରପଞ୍ଚ ପଞ୍ଚାୟତ କାର୍ଯ୍ୟ ନିର୍ବାହି ଅଧିକାରୀମାନେ ସଞ୍ଚାଳନ କରିଥିଲେ। ଚଣ୍ଡିଖୋଲ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ସୁଙ୍ଗୁଡା, ଧାନମଣ୍ଡଳ ଓ ରାଧାଦେଇପୁର ଗ୍ରାମ ପଞ୍ଚାୟତର ୪୫୦ ଜଣଙ୍କ ଆୟୁଷ୍ମାନ କାର୍ଡ ପ୍ରସ୍ତୁତ ହୋଇ ଆସିଥିବା ବେଳେ ସେଥି ମଧ୍ୟରୁ ୨୫ ଜଣ ହିତାଧିକାରୀଙ୍କୁ ଏଠାରେ ବଣ୍ଟନ କରାଯାଇଥିଲା।ଏଥିରେ ପଞ୍ଚାୟତ ସମିତି ଉପାଧକ୍ଷ ବିଭାସ ଚନ୍ଦ୍ର ନନ୍ଦ, ସୁଙ୍ଗୁଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ, ଚଣ୍ଡିଖୋଲ ଦୁର୍ଘଟଣା ଚିକିତ୍ସା କେନ୍ଦ୍ର ଅଧିକାରୀ, ଫାର୍ମାଶିଷ୍ଟ ସଞ୍ଜୁକ୍ତା ଧଳ,ପଂଚାୟତ କାର୍ଯ୍ୟନିର୍ବାହି ଅଧିକାରୀ ରମାକାନ୍ତ ତ୍ରୀପାଠୀ, ପୂର୍ବତନ ସମିତି ସଭ୍ୟ ପ୍ରୀତମ ନାୟକ,କନିଷ୍ଠ ଯନ୍ତ୍ରୀ ଅନିତା ବେହୁରା,ସୁଙ୍ଗୁଡା ସ୍ୱାସ୍ଥ୍ୟ ଉପକେନ୍ଦ୍ର ପରିଚାଳକ ତୃପ୍ତିମୟୀ ଦାଶ,ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ସାନ୍ତନୁ ମହାନ୍ତି,ସ୍ମିତାରାଣୀ ଦାଶ,କୁନି ମହାନ୍ତି ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରିଥିଲେ।ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ପ୍ରମୋଦ ଜେନା ସଞ୍ଚାଳନ କରିଥିଲେ।ଆଶା କର୍ମି ଓ ମିଶନ ଶକ୍ତି ମହିଳାଙ୍କ ସହ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ ପି ନଡାଙ୍କ ଦ୍ୱାରା କଟକଠାରେ ଆୟୋଜିତ ଆୟୁଷ୍ମାନ କାର୍ଯ୍ୟକ୍ରମ ଶୁଭାରମ୍ଭ କୁ ଆଭାସୀ ମଧ୍ୟମରେ ଏଠାରେ ପରିବେଷଣ ହୋଇଥିଲା

## ଗୁଆଳିପୁର ରେ ସମାଜ ସେବୀ ଚିତ୍ତରଞ୍ଜନ ମେ ମୋରିୟାଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ



ଜଗତସିଂହପୁର ତା ୧୩/୪(ନିପ୍ର)ରଘୁନାଥପୁର ବ୍ଲକ ଗୁଆଳିପୁର ପଞ୍ଚାୟତ ତଥା ଗୁଆଳାପୁର ଗ୍ରାମ ରେ ଗ୍ରାମର ବିଶିଷ୍ଟ ସମାଜ ସେବୀ ସ୍ୱର୍ଗତ ଚିତ୍ତରଞ୍ଜନ ପଟ୍ଟନାୟ ଙ୍କ ସ୍ମୃତି ଉଦେଶ୍ୟରେ ଯୁବକ ମାନେ ଚିତ୍ତରଞ୍ଜନ ମେମୋରିୟାଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନାମରେ ପ୍ରତିବର୍ଷ ଏକ ରାତ୍ରୀକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ଆୟୋଜ କରିଥାନ୍ତି। ଏହି ଅବସରରେ ଶନିବାର ଅନୁଷ୍ଠାନ ପକ୍ଷରୁ ଏଠାରେଥିବା ମହେଶ୍ୱର ବିଦ୍ୟାପୀଠ ଖେଳ ପଡିଆରେ ନାଇଟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଇନଜୀବୀ ରାଜକିଶୋର ବେହେରା ଯୋଗଦେଇ ଫିତା କାଟି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ଜ୍ଞାନରଂଜନ ପଟ୍ଟନାୟକ,ସରପଞ୍ଚ ମନୋଜିନୀ ସାହୁ,ବିଜେପି ରାଜ୍ୟ ପରିଷଦ ସଦସ୍ୟ ସୁବାଷ ଜେନା,ବରିଷ୍ଠ ବିଜେପି ନେତା ସରୋଜକାନ୍ତ ସ୍ୱାଇଁ,ସମିତି ସଭ୍ୟ କମଳାକାନ୍ତ ପରିଡା,ଜିଲ୍ଲାଯୁବ ମୋର୍ଚ୍ଚା ସମ୍ପାଦକ ବଳରାମ ଦଳଇ,ମଣ୍ଡଳ ସଭାପତି ସ୍ୱରାଜ ସାମଲ, ବନୋଜ ନାୟକ, ଓବିସି ମୋର୍ଚ୍ଚା ସଭାପତି ଅସିତ୍ ମହାରଣା,ରଘୁନାଥପୁର ଯୁବ ମୋର୍ଚ୍ଚା ସଭାପତି ମନୋଜ ସାହୁ ଯୋଗ ଦେଇଥିଲେ।ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଗୋଟି ଟିମ ଭାଗନେଇଥିଲେ।୬ ଓଭର ଲେଖାଏଁ ଖେଳ ହୋଇଥିଲା। ଏଥିରେ ବଗୁଲା ଇଲେଭେନ କ୍ରିକେଟ ଟିମ ଚମ୍ପିୟାନ ହୋଇ ଥିଲା। ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ ୧୮ହଜାର ନଗଦ ଟଙ୍କା ସହ ଚମ୍ପିୟାନ ଟଫି ଓ ଗୁପ୍ତେଶ୍ୱର ଇଲେଭେନ କ୍ରିକେଟ ଟିମ ଗୋପାଳପୁର ରନରସ୍ ହୋଇଥିଲା। ସେମାନଙ୍କୁ ୧୪ହଜାର ନଗଦ ଟଙ୍କା ଓ ରନରସ୍ ଟଫି ୯ଚିତ୍ତରଂଜନଙ୍କ ଭାଇ ଜ୍ଞାନରଂଜନ ପଟ୍ଟନାୟକ ପ୍ରଦାନକରିଥିଲେ।ମ୍ୟାନଅଫ୍ ଦି ମ୍ୟାଚ ବଗୁଲା କ୍ରିକେଟ ଟିମ ର ରାଜା ଓ ମ୍ୟାନଅଫ୍ ଦି ସିରିଜ ଗୁପ୍ତେଶ୍ୱର ଟିମର ଅନିଲ ଙ୍କୁ ମିଳିଥିଲା। ଅମ୍ପୟାର ଭାବେ ଅଜିତ ସ୍ୱାଇଁ ଓ ଭବାନୀ ଶଙ୍କର ପଟ୍ଟନାୟକ ଖେଳର କାର୍ଯ୍ୟନିର୍ବାହ କରିଥିଲେ।ଏଥିରେ ସହଯୋ ପ୍ରଦାନ କରିଥିଲେ ବିଶ୍ୱଜିତ୍ ସ୍ୱାଇଁ, ରାଜେଶ ପଟ୍ଟନାୟକ, ସୁସିଲ ସ୍ୱାଇଁ, ସନ୍ଦୀପ ବେହେରା, କାହ୍ନୁ ଚରଣ ଖଟୁଆ, ରାଜକିଶୋର ବେହେରା, ସୁଜିତ ସ୍ୱାଇଁ, ସାଗର ପଟ୍ଟନାୟକ, ବିପୁଳ କାନ୍ତ ସ୍ୱାଇଁ ଙ୍କ ସମେତ ଗ୍ରାମ ଲୋକ ମାନେ।

## ଭବାନୀପାଟଣାରେ ଓଡ଼ିଶା ସାମ୍ବାଦିକ ୟୁନିଅନର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିଅନର ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଭବାନୀପାଟଣା ତା ୧୩/୪/୨୫(ଜଗନ୍ନାଥ ଏକ୍ସପ୍ରେସ୍)ରାଜ୍ୟରେ ଯେଉ ସରକାର ରହନ୍ତୁ ନାଁ କାହିଁକି ସାମ୍ବାଦିକ ମାନଙ୍କ ସ୍ୱାର୍ଥ ପାଇଁ, ହକ୍ ପାଇଁ ସାମ୍ବାଦିକ ୟୁନିଅନ ତା'ର ସଂଗ୍ରାମ ଜାରି ରଖିବ ବୋଲି ଭବାନୀପାଟଣା ଟାଉନ ହଲ୍ ଠାରେ ଅନୁଷ୍ଠିତ ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ)ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ତଥା କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିଅନର ୨୦ତମ ବାର୍ଷିକ ଉତ୍ସବରେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ତାଙ୍କ ବକ୍ତବ୍ୟରେ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ମାନଙ୍କ ବୀମା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି, ସାମ୍ବାଦିକଙ୍କ ପେନସନ ଲାଗୁ, ଏକ୍ରିଡିଏସନ୍ କମିଟି ତିଆରି ପାଇଁ ସରକାରଙ୍କ ନିକଟରେ ଦାବୀ, ସାମ୍ବାଦିକ ମାନଙ୍କ ସୁରକ୍ଷା ପାଇଁ ଦାବୀ ନେଇ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା।ରାଜ୍ୟ ସମ୍ପାଦକ କମ୍ବୁପାଣି ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ସ୍ୱତନ୍ତ୍ର ଅତିଥି ଭାବରେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି, ମୁଖ୍ୟ ବକ୍ତା ଭାବେ ଓଟିଭିର ପଶ୍ଚିମ ଓଡ଼ିଶା ବ୍ୟୁରୋ ଚିଫ୍ ମନୋରଞ୍ଜନ ଯୋଷୀ, ସମ୍ମାନୀତ ଅତିଥି ଭାବରେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ତଥା ଗୋଲାମୁଣ୍ଡା ସମାଜ ପ୍ରତିନିଧି ବିନ୍ଦୁ ମହାନନ୍ଦ, ରାଜ୍ୟ ଉପସଭାପତି ରାଜେଶ ପଟ୍ଟନାୟକ, ଉପସଭାପତି ରାଜୀବ ମହାନ୍ତି, କଳାହାଣ୍ଡି ଜିଲ୍ଲା




ସାମ୍ବାଦିକ ୟୁନିଅନର କାର୍ଯ୍ୟକାରୀ ସଭାପତି ବିରଞ୍ଚି ନାରାୟଣ ଜାଲ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଅତିଥି ମାନଙ୍କୁ ସଂଘ ତରଫରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସମ୍ପାଦକ ଶ୍ରୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ସିଂଦେଓ ବିବରଣୀ ପଠନ କରିଥିଲେ। ଇତ୍ୟବସରରେ କଳାହାଣ୍ଡି ଜିଲ୍ଲାର ସଂସ୍କୃତିକୁ ଓ ସାମ୍ବାଦିକଙ୍କ ସ୍ୱାଭିମାନ ବହନ କରୁଥିବା ବାର୍ଷିକ ପତ୍ରିକା 'କାରୁଣ୍ଡ' କୁ ଅତିଥି ବୃନ୍ଦ ଉନ୍ମୋଚନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସାମ୍ବାଦିକ ହେମନ୍ତ ସାହୁ। ୫୩ ବର୍ଷର ସାମ୍ବାଦିକ ୟୁନିଅନ୍ ପ୍ରତି ସବୁବେଳେ ରାଜ୍ୟ ସରକାର ଅବହେଳା କରି ଆସିଛନ୍ତି। ବିହାର ଭଳି ରାଜ୍ୟରେ ସାମ୍ବାଦିକ ମାନଙ୍କ ସମସ୍ତ ଅଧିକାର ପୂରଣ କରାଯାଇଛି। ପେନସନ୍, ପ୍ରୋଟେକ୍ସନ୍ ଓ ଆକ୍ରିଡିଏସନ୍ ପାଇଁ ଆମେ ଦୀର୍ଘ ଦିନ ଧରି ସ୍ୱର ଉତ୍ତୋଳନ କରି ଆସୁଛୁ। ଆମର ସହିବାର ସୀମା ଟପି ଗଲାଣି। ଏଣୁ ଆଗକୁ ଆମର ହକ ପାଇଁ ଆନ୍ଦୋଳନ କରିବୁ। ପ୍ରତି ଜିଲ୍ଲାରେ ଆନ୍ଦୋଳନ ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ମହାନ୍ତି ତାଙ୍କ ଅଗ୍ନିବର୍ଷି ଭାଷଣରେ କହିଥିଲେ। ମୁଖ୍ୟ ବକ୍ତା ଶ୍ରୀ ଯୋଶୀ ପ୍ରକୃତ ସାମ୍ବାଦିକତା ବିଷୟରେ କହିଥିବା ବେଳେ ମୁଖ୍ୟ ଅତିଥି ଶ୍ରୀ ଦାସ ସାମ୍ବାଦିକ ସମାଜକୁ ବଞ୍ଚାଇ ରଖିଛି ବୋଲି ତାଙ୍କ ବକ୍ତବ୍ୟରେ କହିବା ସହିତ ନାରୀ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ଇତ୍ୟବସରରେ ସାମ୍ବାଦିକତା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ସମ୍ବାଦର ଜିଲ୍ଲା ପ୍ରତିନିଧି ଦେବେନ୍ଦ୍ର ବିଶି, ସକାଳର କଳାହାଣ୍ଡି ଜିଲ୍ଲା ପ୍ରତିନିଧି ସ୍ୱାଧୀନ ପାତ୍ର, ଓଟିଭି ପ୍ରତିନିଧି ଇଙ୍ଗିତ ପଣ୍ଡା, ବିକାଶ ଷଡ଼ଙ୍ଗୀ, କନକ ଟିଭି ଜୟପାଟଣା ପ୍ରତିନିଧି ସମୀକ୍ଷା ପ୍ରହରାଜ, ରୂପ୍ରାରୋଡ ପ୍ରମେୟ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ମହାନ୍ତି, ପରେଶ ନାଏକ, ମନମୋହନ ପଧାନ, କିଶୋର ନାଏକ, ଆଶୁତୋଷ ରାଉତ, ସନତ କୁମାର ପ୍ରଧାନୀ, ଖଗେଶ୍ୱର ଧଙ୍ଗଡାମାଝୀ, ଶୁଭମ ରୋହିଲା, ଭଦ୍ରାଞ୍ଚଳ ନାଏକ ପ୍ରମୁଖ ? ସାମ୍ବାଦିକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।ଯାଜପୁର ଜିଲ୍ଲା ସାମ୍ବାଦିକ ଅଭୟ ପତି, ରାଜ୍ୟ ବାର୍ କାଉନସିଲର ସଦସ୍ୟ ଭାବରେ ମନୋନୀତ ହୋଇଥିବାରୁ ରାଜୀବ ମହାନ୍ତି, ବିକ୍ରମାଦିତ୍ୟ ସିଂ ଦେଓ ଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ମାନୀତ କରାଯାଇଥିଲା। ସଂଘରେ ନୂତନ ଭାବରେ ଯୋଗଦାନ କରିଥିବା ସଦସ୍ୟ ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଶେଷରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶ୍ରୀ ଜାଲ ଧନ୍ୟବାଦ ଅର୍ପଣ କରିଥିଲେ। ଭୋଜନ ବିରତି ପରେ ପୁଣି ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା।

## ଜବାହାର ନବୋଦୟ ବିଦ୍ୟାଳୟ ନର୍ଲାର ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳନ



ଭବାନୀପାଟଣା ତା:୧୩/୪/୨୫(ଜଗନ୍ନାଥ ଏକ୍ସପ୍ରେସ୍) ମାସ ୧୯୮୬ ମସିହାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ଦେଶର ଗ୍ରାମାଞ୍ଚଳରେ ରହୁଥିବା ଗରିବ ଛାତ୍ରଛାତ୍ରୀମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ପାଇଁ ଜବାହାର ନବୋଦୟ ବିଦ୍ୟାଳୟର ପରିକଳ୍ପନା କରିଥିଲେ। ତେଣୁ ଏପ୍ରିଲ ୧୩ ତାରିଖକୁ 'ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ଦିବସ' ଭାବରେ ପାଳନ କରାଯାଏ। ସମଗ୍ର ଭାରତର ବିଭିନ୍ନ ଜିଲ୍ଲାର ଛାତ୍ରଛାତ୍ରୀମାନେ ପାଠପଢି ଦେଶ ବିଦେଶରେ ବଡ ବଡ ସରକାରୀ ଓ ବେସରକାରୀ ଚାକିରୀ କରିବା ସହିତ ବିଜନେସ୍, ସାମାଜିକ, ରାଜନୈତିକ ଓ ବିଭିନ୍ନ କ୍ଷେତ୍ରରେ ନିଜର ନାମ ଅର୍ଜନ କରିପାରିଛନ୍ତି। ଏହି ଅବସରରେ ଆଜି ଦେଶର ବିଭିନ୍ନ କୋଣଅନୁକୋଣରେ ପାଳନ ହେବା ସହ କଳାହାଣ୍ଡି ଜିଲ୍ଲାରେ ଜବାହାର ନବୋଦୟ ବିଦ୍ୟାଳୟ ନର୍ଲାର ପୁରାତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରତିଷ୍ଠା ଦିବସ ପାଳନ କରିବା ସହ ଭବାନିପାଟଣା ସହର ସ୍ଥିତ ନୂଆ ବସଷ୍ଟାଣ୍ଡ ସମ୍ମୁଖରେ ଦହି ପଣା ବଣ୍ଟନ କରାଯାଇଥିଲା। ଭିଷଣ ଗରମରେ ସହରର ହଜାର ହଜାର ଲୋକ ପଣାର ଉପଭୋଗ କରିଥିଲେ। ଏଥିରେ ପୁରାତନ ଛାତ୍ରଛାତ୍ରୀ ସଭାପତି ଗୋଲକ ବିହାରୀ ଭୋଇ, କୋଷାଧକ୍ଷ କାର୍ତ୍ତିକ ସୁନା, ଶିବରଞ୍ଜନ ଶତପଥୀ, ସୁଧନ୍ୱା ବାଗ, ବସନ୍ତ ନାଏକ, ଯଶୋବନ୍ତ ପ୍ରଧାନୀ, ପ୍ରଣବ ପ୍ରଧାନ, ଲକ୍ଷ୍ମୀନାରାୟଣ ପଣ୍ଡା, ସଞ୍ଜୟ ରଣା, ହେମନ୍ତ ମାଝୀ, ହେମରାଜ କୁମାର, କେଦାର ଖମାରୀ, ଅଜିତ କୁମାର ସାହୁ, ସଞ୍ଜୟ ନାଗ, ସୁବ୍ରତ ସ୍ୱାଇଁ, ଅନନ୍ତ ମହାପାତ୍ର, ମମତା ମହାପାତ୍ର, ଭବାନୀ ବାଗ, ପ୍ରଦିପ ହରପାଲ, ଆନନ୍ଦ ନାଏକ, ରଶ୍ମିତା ନିଆଲ, ସାନ୍ତନୁ ମହାରଣା, ବିମଳ କିଶୋର ନାଏକ ଓ କୁବେର ପାତ୍ର ସହିତ ୫୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ସାମିଲ ଥିଲେ। ରିଟାର୍ଡ ସରକାରୀ କର୍ମଚାରୀ ସଂଘର ସଭାପତି ଶ୍ରୀ ଶରତ ଚନ୍ଦ୍ର ନାୟକ ମଧ୍ୟ ଆସି ପଣା ବଣ୍ଟନରେ ସହଯୋଗ କରିଥିଲେ ।

## ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ବଲାଙ୍ଗିର, : ଆଜି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କଦମ ପଡ଼ା ଠାରେ ରାଷ୍ଟ୍ରୀୟ ନବବର୍ଷ ରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓଡ଼ିଶା ପଶ୍ଚିମ ରାଜ୍ୟ ସଂଗଠନ ର ପ୍ରାନ୍ତୀୟ କାର୍ଯ୍ୟ କାରିଣୀ ବୈଠକ ପ୍ରାନ୍ତ ସଭାପତି ଶଶି ଭୂଷଣ ପୁରୋହିତ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇ ଯାଇଚି । ବିଭିନ୍ନ ଖାଉଟି ବିଷୟ ରେ ଆଲୋଚନ ସହିତ ଜିଲ୍ଲା ଗୁଡ଼ିକର ବିବରଣୀ ଓ ସହିତ କାର୍ଯ୍ୟ ର ସମୀକ୍ଷା କରଯଇଥିଲା ।ବୈଠକ ରେ ପ୍ରାନ୍ତର ଆଗାମୀ କାର୍ଯ୍ୟ ପନ୍ଥା ସ୍ଥିର କରିବା ସହିତ ପଞ୍ଚାୟତ ର ୫୦ ବର୍ଷ ପୂର୍ତ୍ତି ନିକଟ ରେ ଗତ ବର୍ଷ ସରିଥିବା ବେଳେ ଜିଲ୍ଲା ସଂଗଠନ ଗୁଡିକ ଉପରେ ଆଲୋଚନା କରାଯାଇ ଚଳିତ ବର୍ଷ ରାଷ୍ଟ୍ରୀୟ ସ୍ୱୟ ସେବକ ସଙ୍ଘ କୁ ୧୦୦ ବର୍ଷ ପୂରଣ ସମୟର କାର୍ଯ୍ୟକୁ ଆହୁରି ସକ୍ରୀୟ ବିସ୍ତାର କରି ଆହୁରି ଅଧିକ ସଭ୍ୟ ସଂଖ୍ୟା ବୃଦ୍ଧି କରିବା ଦିଗରେ ପ୍ରସ୍ତାବ ନିଆଯାଇଛି । ବିଭିନ୍ନ ଜିଲ୍ଲାରେ ଗ୍ରାହକ ନିଶୁଳ୍କ ପରାମର୍ଶ କେନ୍ଦ୍ର କରାଯାଇ ସେବା ଯୋଗାଇ ଦେବା କୁ ସ୍ଥିର କରା ଯାଇଥିଲା। କେନ୍ଦ୍ରୀୟ ବୈଠକ ପାଇଁପ୍ରାନ୍ତ ରୁ ୬ ଜଣ ଯିବେ ବୋଲି ନିଷ୍ପତ୍ତି ହୋଇଚି। ରାଜ୍ୟରେ ସୁନ୍ଦରଗଡ଼ ରେ ପ୍ରଶିକ୍ଷଣ ବର୍ଗ,ସମ୍ବଲପୁର ସମେତ ଅନ୍ୟ ସ୍ଥାନରେ ପାଞ୍ଚ ପାଞ୍ଚଟି ଜିଲ୍ଲାର ପ୍ରଶିକ୍ଷଣ ବର୍ଗ ନିକଟରେ କରାଯିବା କୁ ସ୍ଥିର କରାଯାଇଛି। ଏହି ବୈଠକ ରେ ପ୍ରାନ୍ତ ସାଧାରଣ ସମ୍ପାଦକ ମାଣିକ ଲାଲ୍ ବର୍ମା ବିବରଣୀ ପ୍ରଦାନ କରିଥଲେ , ପ୍ରାନ୍ତ ମହିଳା ସଂଯୋଜିକା ସଂଯୁକ୍ତା ମିଶ୍ର, ପ୍ରାନ୍ତ ମହିଳା ସହ ସଂଯୋଜୀକା ମୀନାକ୍ଷୀ ନାଏକ , ସୁନ୍ଦରଗଡ଼ ଜିଲା ସଭାପତି ନବୀନ କୁମାର୍ ପଟେଲ,ଉପ ସଭାପତି ସୁଧାଂଶୁ କୁମାର ଚୌଧୁରୀ, ବଲାଙ୍ଗିର ସଭାପତି ଗୋପବନ୍ଧୁ ଶତପଥୀ, କୋଷାଧକ୍ଷ ନବକୃଷ୍ଣ ପଟେଲ, ଦିବାକର ହୋତା ସଭ୍ୟ ବଲାଙ୍ଗିର,ସମୀର କୁମାର କର ଉପଦେଷ୍ଟା ସୁନ୍ଦରଗଡ଼, ମୀନା ନାଗ, ବିମଳ ପ୍ରସାଦ ପାଣିଗ୍ରାହି ସୁନ୍ଦରଗଡ଼ ପ୍ରମୁଖ ବୈଠକ ରେ ଆଲୋଚନା ରେ ଭାଗ ନେଇଥିଲେ। ଶେଷରେ ଶ୍ରୀ ଶତପଥୀ ଧନ୍ୟବାଦ୍ ଅର୍ପଣ କରିଥଲେ।

## 'ଆସ ବହିଟିଏ କିଣିବା'ଓଡ଼ିଆ ପକ୍ଷ ପାଳନ ଅବସରରେ ନବରଙ୍ଗପୁର ଠାରେ କାର୍ଯ୍ୟକ୍ରମ



ନବରଙ୍ଗପୁର,, ସ୍ଥାନୀୟ ନବରଙ୍ଗପୁର ମହାବିଦ୍ୟାଳୟ ଠାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ନବମ ଦିବସରେ ' 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ! ନବରଙ୍ଗପୁର ମହାବିଦ୍ୟାଳୟ ଅଧକ୍ଷ ବି ଗୋବିନ୍ଦ ରାଓ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପାଧକ୍ଷ ତଥା ଅଧ୍ୟାପିକା ସଂଗୀତା ତ୍ରିପାଠୀ ,ଓଡିଆ ବିଭାଗ ମୁଖ୍ୟ ନନ୍ଦିତା ମିଶ୍ର, ଅର୍ଥନୀତି ବିଭାଗ ମୁଖ୍ୟ ଦିଲ୍ଲୀପ ହୋତା,ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା,ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ ! ଅତିଥି ଗଣ ନିଜ ନିଜ ବକ୍ତବ୍ୟରେ ଓଡିଆ ଭାଷା ,ସାହିତ୍ୟ ,ସଂସ୍କୃତି କୁ ବଞ୍ଚାଇବାକୁ ହେଲେ ନିହାତି ଭାବେ ବହି ଟିଏ କିଣିବା ଓ ପଢ଼ିବା ଉପରେ କହିଥିଲେ ! ଆଜିଠାରୁ ପୁସ୍ତକ ପଠନ ଏକ ଦୈନନ୍ଦିନ ଅଭ୍ୟାସ ରୂପେ ଗ୍ରହଣ କଲେ ଆମେ ନିଶ୍ଚିତ ଭାବେ ଆହୁରି କାଳଜୟୀ ଉପନ୍ୟାସ,ଗଳ୍ପ,କବିତା ପଢ଼ିବା ଓ ସ୍ରଷ୍ଟା ଙ୍କୁ ଉତ୍ସାହିତ କରିପାରିବା ବୋଲି ମତ ପ୍ରକାଶ ପାଇଥିଲା ! ଉପସ୍ଥିତ ଛାତ୍ର ଛାତ୍ରୀ ଙ୍କୁ ଅତିଥି ମାନେ ଓଡ଼ିଆ ଜାତିର ମହାନ୍ ଲେଖକ ଙ୍କର ରଚିତ ପୁସ୍ତକ ,ମହାପୁରୁଷ ଙ୍କ ଜୀବନୀ ପୁସ୍ତକ ଗୁଡ଼ିକ ପ୍ରଦାନ କରିଥିଲେ ! ସେଭଳି ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟ ରେ ଅନୁଷ୍ଠିତ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ,ଅଧ୍ୟାପକ ଅଧ୍ୟାପିକା ଭାଗ ନେଇ ଓଡ଼ିଶା ର ପୁସ୍ତକ, ଭାଷା,ସଂସ୍କୃତିକୁ ସମୃଦ୍ଧ କରିବାର ଲକ୍ଷ୍ୟ ନେଇ ଓଡ଼ିଆ ପୁସ୍ତକ କିଣିବା ଏବଂ ପଢ଼ିବା ପାଇଁ ସଂକଳ୍ପ କରିଥିଲେ ! ନବରଙ୍ଗପୁର ରୁ ରଞ୍ଜିତ ନାୟକ ଙ୍କ ରିପୋର୍ଟ ଉତ୍କଳ ମେଲ !

## ବିଦ୍ୟାଳୟ ସ୍ତରୀୟ ବାର୍ଷିକ ଉତ୍ସବ ପାଳିତ



ନବରଙ୍ଗପୁର : ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ବାଙ୍କୁଲୀ ପଞ୍ଚାୟତ ଅଧୀନ ବାଙ୍କୁଲୀ ହାଇସ୍କୁଲ ରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (୧୭) ତମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । ଉକ୍ତ ଉତ୍ସରେ ବାଙ୍କୁଲୀ ପଞ୍ଚାୟତ ର ସରପଞ୍ଚ ଦାୟିତ୍ୱରେ ଥିବା ସତ୍ୟବ୍ରତ ଜାନି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପିଲା ମାନଙ୍କୁ ଉତ୍ସାହିତ କରିଥିଲେ । ଓ ମଞ୍ଚ ଇଇଡଂ ଦିଗାମ୍ବର ହରିଜନ , ବାଙ୍କୁଲୀ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିଦ୍ୱାନ ବିଶ୍ୱାସ , ବିଦ୍ୟାଳୟ ପରିଚାଳନା କମିଟି ସଭା ଦାସ ଭତରା , ଓ ନକୁଳ ମାଝୀ ଆଲୁମିନୀ ପ୍ରେସିଡେଣ୍ଟ, ଝଗଡ ମେମ୍ବର କୁମର ମାଝୀ, ।ବିସ୍ୱୋଜିତ ଚାନ୍ଦ ସଭାକୁ ସହ ପରିଚାଳନା କରିଥିଲେ ।ଉକ୍ତ ବାର୍ଷିକ ଉତ୍ସବ ପାଳନ ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପିଲା ମାନେ ଆଗାମୀ ଦିନରେ କିପରି ଭାବେ ନିଜେ ନିଜର କଳା କୁ ଲୋକ ଲୋଚନ କୁ ଆଣିବେ ଓ ଉତ୍ସାହିତ ହୋଇ ଦୈନନ୍ଦିନ ବିଦ୍ୟାଳୟ ଆସିବେ । ଉକ୍ତ ଉତ୍ସବରେ ପ୍ରତିଭା ପିଲା ମାନଙ୍କୁ ଭିନ୍ନ ଭିନ୍ନ ପ୍ରକାର ର ପ୍ରତି ହେଇଥିଲେ କ୍ଷ ଓ ଛାତ୍ର ଛାତ୍ରୀ ମାନେ ମଞ୍ଚରେ ଦେଶାତ୍ମ ବୋଧ ଗୀତରେ ନୃତ୍ୟ ପ୍ରଦଶନ କରିଥିଲେ କ୍ଷ ସମସ୍ତ ଛାତ୍ର ଛାତ୍ରୀ ମାନେ କାର୍ଯ୍ୟକ୍ରମ ଦେଖି ବହୁ ଆଣନ୍ଦିତ ଥିଲେ।

## ପୁରୀ ମହିଳା ସାମ୍ବାଦିକା ଆକ୍ରମଣ ଘଟଣାକୁ ପ୍ରେସକ୍ଲବର ଦୃଢ଼ ନିନ୍ଦା

ପୁରୀ, :କାର୍ଯ୍ୟରତ ମହିଳା ସାମ୍ବାଦିକାଙ୍କୁ ଆକ୍ରମଣ ପ୍ରତିବାଦରେ ନିମାପଡ଼ା ପ୍ରେସକ୍ଲବ ତରଫରୁ ଦୃଢ ନିନ୍ଦା କରାଯାଇଛି। ଖବର ଅନୁଯାୟୀ ଗତ ରବିବାର ପୂର୍ବାହ୍ନରେ ପୁରୀ ଠାରେ କାର୍ଯ୍ୟରତ ଜଣେ ମହିଳା ସାମ୍ବାଦିକାଙ୍କୁ କେତେଜଣ ସେବାୟତ ଖରାପ ବ୍ୟବହାର କରିବାସହ ମରଣାନ୍ତକ ଆକ୍ରମଣ କରିଥିବା ନେଇ ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଥିଲା। ଆକ୍ରମଣର ତିନିଦିନ ବିତିଯାଇଥିଲେ ସୁଦ୍ଧା ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆକ୍ରମଣକାରୀଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କେତେ ସୁରକ୍ଷିତ ଏଥିରୁ ବେଶ୍ ଅନୁମେୟ। ନିମାପଡ଼ା ପ୍ରେସକ୍ଲବ ସଭାପତି ଅକ୍ଷୟ ବେହେରା, ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ରମାକାନ୍ତ ବେହେରା, ସହ ସମ୍ପାଦକ ଅଶୋକ ବେହେରା, ସଂଗଠନ ସମ୍ପାଦକ ସୁଦର୍ଶନ ବେହେରା, ପରିଚାଳନା କମିଟି ସଭ୍ୟ ତପନ ପଣ୍ଡା, ନିବେଦିତା ମିଶ୍ର, ରଞ୍ଜନ ପଟ୍ଟନାୟକ, ପ୍ରଫୁଲ୍ଲ କର ଏବଂ ଉପଦେଷ୍ଟା ମଣ୍ଡଳୀ ପ୍ରମୁଖ ଉକ୍ତ ଘଟଣାର ଦୃଢ଼ ନିନ୍ଦା କରିବା ସହ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ବନଦୁର୍ଗା ମହୋତ୍ସବ ଉଦ୍‌ଘାଟନ କଲେ ନରସିଂହ ଲୋକଙ୍କ ଏକତା ସମସ୍ୟାର ସମାଧାନ କରିବ:ନରସିଂହ





ବଲାଙ୍ଗିର, - ବଲାଙ୍ଗିର ଜିଲ୍ଲା ସବର୍ବୃହତ ଲୋୟର ସୁକେତଲ ଜଳ ସେଚନ ପ୍ରକଳ୍ପର ପାଦ ଦେଶେର ବନ ଦୁର୍ଗା ମେହାତ୍ସବ ଉଦ୍‌ଘାଟିତ ହୋଇଯାଇଛି । ସକାଳୁ ପ୍ରଥେମ ବନଦୁର୍ଗା ଙ୍କ ଦେହରି ଏବଂ ସାଥୀ ଆର.ଆର. କେଲାନି ଗଡଶଙ୍କର ଡୁଙ୍ଗୁରିପାଲି ରୁ ପୂଜାର୍ଚ୍ଚନା ପାଇଁ ମହାଶୋଭାଯାତ୍ରାେର ମାଗୁରେବଡା ମନ୍ଦିର ପର୍ଯ୍ୟନ୍ତ ବାହାରିଥିଲା। ବନଦୁର୍ଗା ମେହାତ୍ସବ କେବଳ ମେନାରଂଜନ ପାଇଁ ନହୁେଁ ଏହାର ମାଧ୍ୟମେର ବୁଡି ଅଂଚଳ ବିସ୍ଥାପିତଙ୍କ ମଧ୍ୟେର ଏକତା ଆଣିବା ଆମର ମୂଳ ଲକ୍ଷ୍ୟ, ଇତିହାସ କୁ ଦେଖିଲେ ଆପଣମାନେ ଜାଣି ପାରିବେ ଏକତା ଆଣିବା ପାଇଁ ବିଭିନ୍ନ ପୂଜା ପାବର୍ଣ ଓ ମେହାତ୍ସବ ପାଳନ କରାଯାଇ ଲୋକଙ୍କ ମନ ଏକତା ଭାବ ଜାଗ୍ରତ କରାଇ ଲୋକଙ୍କ ନ୍ୟାର୍ଯ୍ୟ, ହକ୍ , ଅାଲୋଚନା ହେଉ କି ଅାନ୍ଦୋଳନ ମାଧ୍ୟମେର ହେଉ ପୁରଣ କରିବାକୁ ସରକାରଙ୍କୁ ବାଧ କରାଇବାେର ସଫଳତା ମିଳୁଥିଲା। ତେଣୁ ଏ ଅଂଚଳର ଲୋକଙ୍କ ଏକତା ହିଁ ସେମାନେ ଭୋଗୁ ଥିବା ସମସ୍ୟା ସମାଧାନ କରିବା ବୋଲି ଲୋୟର ସୁକେତଲ ଜଳେସଚନ ପ୍ରକଳ୍ପେର ଅାୟୋଜିତ ବନଦୁର୍ଗା ମେହାତ୍ସବ ଉଦ୍‌ଘାଟନ କରିବା ଅବସରେର ଅାୟୋଜନ କମିଟିର ଅଧ୍ୟକ୍ଷ ପୂବର୍ତନ ମନ୍ତ୍ରୀ ନରସିଂହ ମିଶ୍ର ନିଜ ବକ୍ତବ୍ୟେର କହିଛନ୍ତି । ଏ ଅବସରେର ଶ୍ରୀ ମିଶ୍ର ଆହୁରି ମଧ କହିଛନ୍ତି ଯେ ଏହା ଆରମ୍ଭ ମାତ୍ର ଆଗାମୀ ଦିନେର ଏହି ମଂଚ ବିସ୍ଥାପିତ, ଅବେହଳିତ ସମସ୍ୟା ଜଜର୍ରିତ ବୁଡି ଅଂଚଳବାସୀଙ୍କ ସ୍ୱର ହେବ । ଏ ଅଂଚଳର ଦେବାେଦବୀ, ସାହିତ୍ୟ, ସଂସ୍କୃତି, ସାମାଜିକ ବ୍ୟବସ୍ଥା , ପ୍ରାକୃତିକ ପରେବଶର ପୁନରୁଦ୍ଧାର ଓ ତାର ସୁରକ୍ଷା ର ନିଶ୍ଚିତତା କରିବ। ଲୋେକ ଯେପରି ଶିକ୍ଷା, ସ୍ୱାସ୍ଥ୍ୟ, ମୌଳିକ ସୁବିଧାରୁ ବଂଚିତ ନ ହେବ ସେ କ୍ଷେତ୍ରେର ଲୋକଙ୍କ ବଳ ହୋଇ କାମ କରିବ ବୋଲି ଶ୍ରୀ ମିଶ୍ର ନିଜ ବକ୍ତବ୍ୟେର କହିଥିଲେ । ସମ୍ମାନିତ ଅତିଥି ଭାବେର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁକେତଲ ଜଳ ସେଚନ ପ୍ରକଳ୍ପ ସୁେରନ୍ଦ୍ର କୁମାର ଭୋଇ, ମୁଖ୍ୟବକ୍ତା ଅବସରପ୍ରାପ୍ତ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବେଲାର ସିଂ ଭୋଇ ପ୍ରମୁଖ ସୁକେତଲ ଡେମ୍ ନିର୍ମାଣ ଓ କାର୍ଯ୍ୟକାରିତା ଉପେର ପୁଙ୍ଖାନୁପୁଙ୍ଖ ତଥ୍ୟ ଉପସ୍ଥାପନ କରିଥିଲେ ଏବଂ ଏହି ପ୍ରକଳ୍ପ ଦ୍ୱାରା ଉପଜିଥିବା ସମସ୍ୟାକୁ ଶିଘ୍ର ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ସାମାଜିକ କର୍ମୀ ଧେମର୍ନ୍ଦ୍ର ପ୍ରସାଦ ନନ୍ଦ ଯୋଗ ଦେଇ ସେମସ୍ତ ସଂଗଠିତ ହୋଇ ସାହାଯ୍ୟ କେଲ ସବୁ ସମସ୍ୟାର ସମାଧାନ ଅତି ସରଳ ଭାବେର ହୋଇପାରିବ ବୋଲି ବକ୍ତବ୍ୟ ରଖିଥିଲେ । ସଭାପତି ସଂଜୟ ଗଡତ୍ୟା, ସଂପାଦକ ଜୟକୃଷ୍ଣ ମିଶ୍ର ମଂଚାସିନ ଥିଲେ ଓ ସହ-ସଂପାଦକ ବିକାଶ ଚନ୍ଦ୍ର ରଥ ସଭା ପରିଚାଳନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମେର ଦଣ୍ଡସରୋମଣି, ସାନନ୍ଦ ଶିକା ଓ ସାଥୀ, ଗୋପାଳ ପଣ୍ଡା ଓ ସାଥୀ କଂସ ଦରବାର, ସମେଲଶ୍ୱରୀ କଳା ପରିଷଦ, ବରେିନ୍ଦ୍ର ପେଣ୍ଡ କାର୍ଯ୍ୟକ୍ରମ ସଂେଯାଜନା କରିଥିଲେ ।

## ପ୍ରଥମ ବାର୍ଷିକ ଗ୍ରାମୀଣ ମେଳାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପାଟଳିପୁରା ଗୀତା ପାଠଶାଳା ତଥା ଇଣ୍ଟରନ୍ୟାସନାଲ ନେଚରପାଥ୍ ଅର୍ଗାନାଇଜେସନର ମିଳିତ ସହଯୋଗରେ ଅନୁଷ୍ଠିତ



ବ୍ଵଡ଼ସାହି ବଡସାହି ବ୍ଲକର ମାଗୋବିନ୍ଦପୁର ଗ୍ରାମ ପଞ୍ଚାୟତର ବିଜିପୁରଗ୍ରାମରେ ପ୍ରଥମ ବାର୍ଷିକ ଗ୍ରାମୀଣ ମେଳାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପାଟଳିପୁରା ଗୀତା ପାଠଶାଳା ଏବଂ ବାଲେଶ୍ୱର ରେମୁଣା ବ୍ଲକରେଥିବା ବାଲିପାଳ ଗୀତା ପାଠଶାଳା ତଥା ଇଣ୍ଟରନ୍ୟାସନାଲ ନେଚରପାଥ୍ ଅର୍ଗାନାଇଜେସନର ମିଳିତ ସହଯୋଗରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ 'କରଯୋଗ ରୁହ ନିରୋଗ 'ଶୀର୍ଷକ ପ୍ରସଙ୍ଗରେ ଏକ ଆଲୋଚନାଚକ୍ର ଭାରତୀୟ ରେଡକ୍ରସ ସୋସାଇଟିର ଭାଇସ ପେଟ୍ରୋନ ତଥା ଇଣ୍ଟରନ୍ୟାସନାଲ ନେଚରପ୍ୟାଥ୍ ଅର୍ଗାନାଇଜେସନର ଉତ୍ତର ଓଡିଶା ସଂଯୋଜକ କବି ଡ଼କ୍ଟର ରମାକାନ୍ତ ମହାନ୍ତଙ୍କର ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି କ୍ଷ ଏଥିରେ ମୁଖ୍ୟ ଅତିଥି ଭାବରେ ବିହାର ପ୍ରଦେଶ ଅନ୍ତର୍ଗତ ମୁଜଫାପୁରର ବରିଷ୍ଠ ରାଜଯୋଗୀ ବିକେ ଦିଗବିଜୟ ଜୀ, ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ ରାଜଯୋଗୀ ହେମନ୍ତ କୁମାର ଜେନା, ବାସୁଦେବ ବାରିକ ଏବଂ ମୁଖ୍ୟ ବକ୍ତା ଭାବରେ ପ୍ରାକୃତିକ ଚିକିତ୍ସକ ବରିଷ୍ଠ ରାଜଯୋଗୀ ଭାସ୍କର ଚନ୍ଦ୍ର ଦୁର୍ଗା, ସମ୍ମାନିତ ବକ୍ତା ଭାବରେ ଡାକ୍ତର ଧ୍ରୁବ ଚରଣ ପ୍ରଧାନ ପ୍ରମୁଖ ଯୋଗଦାନ କରି ସୁସ୍ଥ ନିରାମୟ ସୁଖୀ ଜୀବନର ଆଧାର ରାଜ ଯୋଗ ବୋଲି କହିଥିଲେ କ୍ଷକ୍ଷ ଅଧକ୍ଷୀୟ ବକ୍ତବ୍ୟ ପ୍ରଦାନ କରି କବି ଡ଼କ୍ଟର ମହାନ୍ତ କହିଲେ ଯେ ସୁସ୍ଥ ରହିବା ଆମର ଜନ୍ମଗତ ଅଧିକାର, ଅସୁସ୍ଥ ହେଲେ ଆମେ ନିଜ ପାଇଁ, ପରିବାର ପାଇଁ ସମାଜ ପାଇଁ ଅକାମି ହୋଇ ଯିବା, ତେଣୁ ନିୟମିତ ଯୋଗ ଅଭ୍ୟାସକରି ସୁସ୍ଥ ରହିବାପାଇଁ ସମସ୍ତ ଙ୍କୁ ଆହ୍ୱାନ ଦେଇଥିଲେ କ୍ଷକ୍ଷ କାର୍ଯ୍ୟକ୍ରମକୁ ସଂଯୋଜନା ଏବଂ ପରିଚାଳନା କରିଥିଲେ ବାଲିପାଳ ଗୀତା ପାଠଶାଳାର ମୁଖ୍ୟ ବ୍ରହ୍ମାକୁମାରୀ ଉଷା କ୍ଷକ୍ଷ ଧନ୍ୟବାଦ ଅର୍ପଣ କରିଥିଲେ ଶରତ ଚନ୍ଦ୍ର ପାତ୍ର କ୍ଷ ଏଥିରେ ବିଜିପୁରଗ୍ରାମୀଣ ମେଳାର ସଭାପତି ଦୀପକ କୁମାର ସାହୁ, ସମ୍ପାଦକ ଅଜିତ କୁମାର ବାରିକଙ୍କ ସମେତ ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ।

## ବନଦୁର୍ଗା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ବିସ୍ଥାପିତଙ୍କୁ ମୌଳିକ ଅଧିକାରରୁ ବଂଚିତ କରାନଯାଉ



ବଲାଙ୍ଗିର, : ଲୋୟର ସୁକତେଲ ଡେମ୍ ମାଗୁରବେଡା ନିକଟ ପଡିଆରେ ବନଦୁର୍ଗା ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଯୁବ ନେତା ଆକାଶ ମିଶ୍ର, ସମ୍ମାନିତ ଅତିଥି ଜତିନ୍ଦ୍ର ପଟେଲ, ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ । ଶ୍ରୀ ମିଶ୍ର ବନଦୁର୍ଗା ମହୋତ୍ସବ ଏ ଅଂଚଳ ର କଳା ସଂସ୍କୃତି ତଥା ସମୃଦ୍ଧ ଇତିହାସ ର ମୁକସାକ୍ଷୀ ମାଁ ବନଦୁର୍ଗା ଙ୍କ ପୁନରୁଦ୍ଧାର ପାଇଁ ଅଣ୍ଟା ଭିଡିଥିବାରୁ ଆୟୋଜକ ଙ୍କୁ ସାଧୁବାଦ ଜଣାଇଥିଲେ ଏବଂ ବିସ୍ଥାପିତ ପରିବାରଙ୍କ ସ୍ୱର କୁ ଏ ମଂଚରେ ପ୍ରାଧନ୍ୟ ଦେଇ ଆଲୋଚନା ପର୍ଯ୍ୟାଲୋଚନା କରିବାର ସୁଯୋଗ ଦେଇଥିବାରୁ ବିସ୍ଥାପିତ ପରିବାର କିଭଳି ଭାବେ ମୌଳିକ ସମସ୍ୟାରୁ ବଂଚିତ ହେଉଛନ୍ତି ବର୍ଣ୍ଣନା କରିଥିଲେ । ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତ୍ୟେକ ନାଗରିକ ର ସାମ୍ବିଧାନିକ ମୌଳିକ ଅଧିକାର କୁ ଗୁରୁତ୍ୱ ଦେବା କଥା କିନ୍ତୁ ବିଡମ୍ବନାର ବିଷୟ ଆଜିର ଦିନରେ ଡୁଙ୍ଗୁରିପାଲି, ବିଜାପାଟି, ଅନ୍ତପାଲି, ଖୁଣ୍ଟପାଲି ଓ କୁଶମେଲ କଲୋନିରେ ଶିକ୍ଷା, ସ୍ୱାସ୍ଥ୍ୟ, ପିଇବା ପାଣି ର ଘୋର ଅଭାବ ଅଛି । ଶ୍ରୀ ପଟେଲ ନିର୍ଭର ପ୍ରତିଶୃତି ଦେଇଥିଲେ ଲୋଇସିଂହା ବ୍ଲକ ଅଂଚଳରେ ବୁଡି ଅଂଚଳରୁ ଆସି ବସବାସ କରୁଥିବା ପରିବାରଙ୍କୁ ଅଗ୍ରାଧିକାର ଭତ୍ତିରେ ସାମାଜିକ ସୁରକ୍ଷା ତଥା ସେବା ଯୋଗାଇ ଦେବା ପାଇଁ ପ୍ରତିଶୃତିବଦ୍ଧ । ଶ୍ରୀ ପଣ୍ଡା ପ୍ରକଳ୍ପ ନିର୍ମାଣର ଆରମ୍ଭ ରୁ ଆଜି ପର୍ଯ୍ୟନ୍ତ ଲମ୍ବା ଯାତ୍ରାର ପ୍ରତିଟି ଦିଗ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ମାନଅଧିକାର ଉଲଙ୍ଘନ ର ଅନେକ ଜ୍ୱଳନ୍ତ ଉଦାହରଣ ଦେଇଥିଲେ । ସମୟ ଆସିଛି ସମସ୍ତଙ୍କ ଏକତା ଦ୍ୱାରା ସମାଧାନର ବାଟ ଫିଟାଇବ ଏ ବନଦୁର୍ଗା ମହୋତ୍ସବ । ସଭାପତି ସଂଜୟ କୁମାର ଗଡତ୍ୟା, ସରପଂଚ ହିମାଞ୍ଚଳ ମେହେର, କସ୍ତୁଭ ସାହୁ, ସମିତି ସଭ୍ୟ ଦେବାଶିଷ ଦାଶ, ବିରେନ୍ଦ୍ର ସାହୁ ଓ ମହାଦେବ ବିଶ୍ୱାଳ ପ୍ରମୁଖ ମଂଚାସିନ ଥିଲେ । ବିକାଶ ରଂଜନ ରଥ ସଭା ପରିଚାଳନା କରିଥିବା ବେଳେ ସଂପାଦକ ଜୟକୃଷ୍ଣ ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କୈଳାସ ସିଂଦେଓ, ନରେନ୍ଦ୍ର ବିଶି, ଅଜୟ ଗଡତ୍ୟା, ବ୍ୟାସଦେବ ଥନାପତି, ପ୍ରମୋଦ ପଟେଲ, ଭରତ ସାହୁ ସହଯୋଗ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାଜିବି ବରଗଡ, ପାୟଲ ଇନ୍ ?ଷ୍ଟିଚ୍ୟୁଟ କଟକ, ମହନି ବଲାଙ୍ଗିର, କେନ୍ଦ୍ରପଡା ଓ ଗୋପାଳ ପଣ୍ଡା ସାଥୀ କଂସ ଦରବାର ପରିଚାଳନା କରିଥିଲେ ।

## ସାମ୍ବାଦିକ ସୁରକ୍ଷା ଦାବିକଲା ଯାଜପୁର ଜିଲ୍ଲା ପ୍ରେସ କ୍ଲବ

ଯାଜପୁର, : ଗତ ୬ ତାରିଖ ରବିବାର ଦିନ ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ?' ବଡ଼ ଖବର' ର ସ୍ଥାନୀୟ ପ୍ରତିନିଧି ଲିନୁ ନାୟକ ଏବଂ ତାଙ୍କ କ୍ୟାମେରାମ୍ୟାନ ଶିବ କିଶୋର ପଲେଇ ଖବର ସଂଗ୍ରହ କରୁଥିଲେ। ନିଜକୁ ସେବାୟତ ବୋଲି କହୁଥିବା କେତେକ ଗୁଣ୍ଡା ଶ୍ରେଣୀର ବ୍ୟକ୍ତି ଲିନୁଙ୍କୁ ଟଣାଘୋଷରା କରିବା ସହିତ ମାଡ଼ ମାରିଥିଲେ। ଏଥିସହିତ କ୍ୟାମେରା ମ୍ୟାନ ଶ୍ରୀ ପଲେଇ ଙ୍କୁ ତଳେ ପକେଇ ତାଙ୍କ ଉପରେ କେତେକ ସେବାୟତ ଚଢି ଯାଇଥିଲେ। ଯାହା କି କ୍ୟାମେରାରେ ରେକର୍ଡ଼ ହୋଇଛି ,କେବଳ ସେତିକି ନୁହେଁ ସୁଟିଂ କରାଯାଉଥିବା କ୍ୟାମେରା ଓ ଉଭୟ ଙ୍କ ମୋବାଇଲ ଫୋନ କୁ ମଧ୍ୟ ଉଦ୍ଧତ ସେବାୟତ ମାନେ ଛଡ଼ାଇ ନେଇଛନ୍ତି। ଜଣେ ମହିଳା ସାମ୍ବାଦିକାଙ୍କୁ ପୁରୁଷ ସେବାୟତ ମିଳିମିଶି ମାଡ଼ ମାରିବା, ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଏବଂ ଫଟୋ ସାମ୍ବାଦିକ ଙ୍କୁ ମରଣାନ୍ତକ ଆକ୍ରମଣ କରି ଗୁରୁତର ଆହତ କରିଥିଲେ। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଦୃଢ଼ ତଥା ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଯାଜପୁର ଜିଲ୍ଲା ପ୍ରେସ କଲଣି ରାଜ୍ୟ ମୁଖ୍ୟମନ୍ତ୍ରୀ ଙ୍କ ଠାରେ ଦୃଢ ଦାବି କରୁଛି। ସେହିପରି ନିଷ୍ଠାର ସହିତ ନିଜର କର୍ତ୍ତବ୍ୟ ସମ୍ପାଦନା କରୁଥିବା କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଉପରେ ରାଜ୍ୟ ର ବିଭିନ୍ନ ଅଞ୍ଚଳ ରେ ନିୟମିତ ଭାବେ ଆକ୍ରମଣ ହେଉଥ?ବା ଯୋଗୁଁ ସାମ୍ବାଦିକ ମାନେ ସ୍ୱାଧୀନ ଭାବେ କାମ କରିବା କଷ୍ଟକର ହୋଇପଡିଛି। ଏପରି ସ୍ଥଳେ ସରକାର ଯଥାଶୀଘ୍ର ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ କରିବାକୁ ଯାଜପୁର ଜିଲ୍ଲା ପ୍ରେସ୍ କ୍ଲବର ସଭାପତି ଅଜୟ ରାଉଳଙ୍କ ନେତୃତ୍ୱରେ ଆଦିତ୍ୟ ମେକାପ, ବିରଜା ପାଣି, ଦେବେନ୍ଦ୍ର ପାଢ଼ୀ, ବିଭୁତି ଖଣ୍ଡାଇ, ସନ୍ତୋଷ ମିଶ୍ର, ପରମେଶ୍ୱର ପଣ୍ଡା, ଏସକେ ସାଜିଦ, ତାପସ ପାଲ, ସଞ୍ଜୟ କର, ସଂଜୀବ ଜେନା, ଅଜୟ ମିଶ୍ର, ଅଜିତ ଦାସ ପ୍ରଭୁତି ଜିଲ୍ଲାପାଳଙ୍କ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରେ ଦାବି କରିଛନ୍ତି

## ପୂଜା ପାଇଁ ଦକ୍ଷିଣା ଦେଲେ ୫୦୦୦ଟଙ୍କା ଫେରସ୍ତ ପାଇଲେ ୫୫୦୦ଟଙ୍କା



ଉମରକୋଟ, : ପୂଜା ପାଇଁ ଦକ୍ଷିଣା ଦେଇ, ପୁଣି ଦକ୍ଷିଣା ଫେରସ୍ତ ମାଗିବା କେତେ ଯୁକ୍ତିଯୁକ୍ତ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ରେ। ସୂଚନା ଅନୁଯାଇ :ଉମରକୋଟ ସହରରେ ଚାଲିଥିଲା ମା ଜଗତଜନନୀ ଠାକୁରାଣୀ ଙ୍କ ନବଦିନ ଯାତ୍ରା ।ପୂଜାରୀ ଙ୍କ କହିବାନୁଯାୟୀ ଗତକାଲି ସହରର ଜଣେ କୋଟେଶ୍ୱର ପଟନାୟକ ନାମକ ବ୍ୟକ୍ତି ମାଁ ଙ୍କୁ ତାଙ୍କ ଘରେ ପୂଜା କରିବାକୁ ଡାକିଥିଲେ। ମାଁ ଙ୍କ ସହିତ ପୂଜକ ମାନେ ମଧ୍ୟ ଉକ୍ତ ବ୍ୟକ୍ତି ଙ୍କ ଘରକୁ ଯାଇଥିଲେ। ପୂଜା ସାରିବା ପରେ ଉକ୍ତ ବ୍ୟକ୍ତି ଜଣକ ମାଁ ଙ୍କୁ ୫୦୦୦/ଟଙ୍କା ଦକ୍ଷିଣା ଆକାରରେ ଦେଇଥିଲେ। ଏହି ପଇସା ଦେବା ସମୟରେ ଉକ୍ତ ବ୍ୟକ୍ତି ଜଣକ ମୋବାଇଲ ରେ ଫୋଟୋ ଉତ୍ତୋଳନ କରିଥିଲେ। ଆଜି ଉକ୍ତ ବ୍ୟକ୍ତି ଜଣକ ମଙ୍ଗଳା ମନ୍ଦିରକୁ ଆସି ପୂଜାରୀ ଙ୍କୁ ଦେଇଥିବା ୫୦୦୦/ ଟଙ୍କା କୁ ମାଗିଥିଲେ। ପୂଜାରୀ କୋଟେଶ୍ୱର ପଟନାୟକ ଙ୍କୁ ୫୫୦୦/ ଟଙ୍କା ଫେରସ୍ତ କରିଥିଲେ। ବର୍ତ୍ତମାନ ଏହି ଖବର ଟି ମୋବାଇଲ ରୁ ମୋବାଇଲ ଘୂରି ବୁଲୁଛି ।ଜନସାଧାରଣ ଏହା ଦେଖି ଏହା ଏକ ଲଜ୍ୟାଜନକ ବିଷୟ ବୋଲିଆଲୋଚନା କରୁଥିବା ଦେଖିବାକୁ ମିଳିଛି !

## ରାମନବମୀ ପାଇଁ ଉତ୍ସବ ମୁଖରିତ ଗାଁ, ହରିନାମ ସଂକୀର୍ତ୍ତନରେ ମଜିଛନ୍ତି ଶ୍ରଦ୍ଧାଳୁ



କୋଣାର୍କ, : ପବିତ୍ର ରାମ ନବମୀ ପାଇଁ ଗାଁ ଠାରୁ ସହର ସବୁଠି ଶ୍ରୀରାମଙ୍କ ନାମ ପ୍ରକମ୍ପିତ ହୋଇଥିବା ବେଳେ ଉତ୍ସବ ମୁଖରିତ ହୋଇଛି ପୂର ପଲ୍ଲୀ । ଏହାରି ମଧ୍ୟରେ ଏହି ଉତ୍ସବକୁ ଅଧିକ ବିଶେଷ ଏବଂ ଆକର୍ଷଣୀୟ କରିବା ନିମନ୍ତେ ବିଭିନ୍ନ ସ୍ଥାନରେ ଅଷ୍ଟପ୍ରହର ନାମଯଜ୍ଞ ପାଳିତ ହେଉଥିବା ବେଳେ ପୁରୀ ଜିଲ୍ଲା କୋଣାର୍କ ଥାନା ଅନ୍ତର୍ଗତ କୁରୁଜଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ବାମରା ଗ୍ରାମର ଗ୍ରାମ୍ୟଦେବୀ ମା' ବାମରେଇଙ୍କ ପ୍ରାଙ୍ଗଣରେ ସ୍ୱତନ୍ତ୍ର ଭାବେ ପାଳିତ ହୋଇଯାଇଛି ପୂଜାର୍ଚ୍ଚନା । ଗ୍ରାମବାସୀ ମାନେ ସମୂହ ଏକତ୍ରିତ ହୋଇ ଶନିବାର ଅଧିବାସ ତଥା କଳସ ଶୋଭା ଯାତ୍ରାରେ ପାଣି ତୋଳା, ରବିବାର ନାମ ସଂକୀର୍ତ୍ତନ ଏବଂ ସୋମବାର ପୂର୍ଣ୍ଣାହୁତି ପରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।ଛୋଟ ଠାରୁ ବଡ଼ ସଭିଏଁ ଆନନ୍ଦରେ ଏକତ୍ରିତ ହୋଇ ଏହି ଉତ୍ସବ ଅତି ଧୁମଧାମରେ ପାଳନ କରୁଥିବା ବେଳେ। ହରି ନାମ କୀର୍ତ୍ତନରେ ଗଗନ ପବନ ପ୍ରକମ୍ପିତ ହୋଇ ଉଠୁଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ ଗ୍ରାମ୍ୟ କମିଟିର ସଭାପତି ଶ୍ୟାମ ସୁନ୍ଦର କଅଁରା, ସମ୍ପାଦକ ଅଭୟ କୁମାର ସ୍ୱାଇଁ, ଅଭୟ କୁମାର ବିଶ୍ୱାଳ, ମେଘନାଦ ସ୍ୱାଇଁ, ନଟବର ସେନାପତି ଙ୍କ ସହ ଗ୍ରାମବାସୀ ମାନେ ମିଳିତ ଭାବେ ଆୟୋଜନ କରିଥିଲେ।

## ବିଶ୍ୱନାଥ ଇଛା ବିହାରୀ ବିଦ୍ୟା ମନ୍ଦିରରେ କୃତି ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଜଗତସିଂହପୁର, : ବିଭିନ୍ନ ବିଭାଗରେ, ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ଅର୍ଜନ କରିଥିବା ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ , ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋଷ୍ଠିମଲ୍ଲିକାପୁର ସ୍ଥିତ ବିଶ୍ୱନାଥ ଇଚ୍ଛାବିହାରୀ ସରକାରୀ ଉ ପ୍ରା ବିଦ୍ୟାଳୟ ଓ ଇଚ୍ଛାବିହାରୀ ବିଦ୍ୟା ମନ୍ଦିରରେ ଅଧ୍ୟୟନ କରିଥିବା ବିଦ୍ୟାର୍ଥୀ ମାନଙ୍କୁ ପ୍ରେରଣା ଦେବା ପାଇଁ, ଚଳିତ ଶିକ୍ଷାବର୍ଷର କୃତି ଛାତ୍ର ଛାତ୍ରୀ ମାନଙ୍କୁ, ଉଭୟ ବିଦ୍ୟାଳୟ ର ମିଳିତ ଆନୁକୁଲ୍ୟରେ ଏକ ସମ୍ବର୍ଦ୍ଧନା ଉତ୍ସବ, ପ୍ରଧାନ ଶିକ୍ଷୟତ୍ରୀ ପୁଷ୍ପାଞ୍ଜଳି ସ୍ୱାଇଁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବିଦ୍ୟାଳୟ ରେ ୫ ଶ୍ରେଣୀରେ ପାଠ ପଢୁଥିବା ସୌମ୍ୟ ରଞ୍ଜନ ନନ୍ଦ ଓ ସ୍ମୃତି ରଞ୍ଜନ ନନ୍ଦ, ଆଦର୍ଶ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଯୋଗ୍ୟ ବିବେଚିତ ହୋଇଥିବା ବେଳେ , ଆୟେସା ଅଭିଲିପସା ଦାସ ମଧ ଅନୁରୂପ ଗୌରବ ଅର୍ଜନ କରିଅଛନ୍ତି। ସୁଦୀପ୍ କୁମାର ସାହୁ, ତୃତୀୟଶ୍ରେଣୀ ବୃତ୍ତିପରୀକ୍ଷାରେ ତିର୍ତ୍ତୋଲ ବ୍ଲକ ରେ ପ୍ରଥମ ସ୍ଥାନ ଲାଭ କରିଥିବା ବେଳେ ୫ ମ ଶ୍ରେଣୀର ପ୍ରଜ୍ଞା ପରମିତା ନନ୍ଦ ମଧ ଏହି ବୃତ୍ତିପରୀକ୍ଷାରେ ବିଜୟ ଲାଭ କରିଅଛନ୍ତି। ସେହିପରି ଏନ୍ ଆଇ ଏମ୍ ଏସ ପରୀକ୍ଷାରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଲକ୍ଷ୍ମୀପ୍ରିୟା ବାରିକ ମଧ ଲଗାଦାର ଭାବେ କୃତିତ୍ୱ ଅର୍ଜନ କରିଥିବା ବେଳେ ଏହି ୭ ଜଣ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଇଥିଲା। ତେବେ ଏହି ସମସ୍ତ କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନଶିକ୍ଷକ ସୁଶୀଲ କୁମାର କୁଅଁର , ଭୋଳକ୍ଷ ନାଥ ଦାସ ଓ ନରେନ୍ଦ୍ର କୁମାର ନନ୍ଦ ଙ୍କ ସମେତ ପୂର୍ଣ୍ଣ ଚନ୍ଦ୍ର ମହାରଣା, ସସ୍ମିତା ମିଶ୍ର , ସୁଜାତା ମହାପାତ୍ର , ଅମ୍ବିକା ପ୍ରସାଦ ମହାରଣା, ସୁରମା ନନ୍ଦ , ଦେବଦୁର୍ଲ୍ଲଭ ଶତପଥୀ , ସନ୍ଧ୍ୟାରାଣୀ ଦାସ, ମିନତୀ ସ୍ୱାଇଁ ଓ ପ୍ରୀତିରଞ୍ଜନ ସାହୁ ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା । ପୁରାତନ ଛାତ୍ର ଗୌରାଙ୍ଗ ଚରଣ ଓ ଜିତେନ୍ଦ୍ର ନାୟକଙ୍କ ସମେତ ସମସ୍ତ ଅଭିଭାବକ ଓ ଗ୍ରାମବାସୀ ମାନେ ପରିଚାଳନା କରିବା କ୍ଷେତ୍ରରେ ସକ୍ରିୟ ସହଯୋଗ କରିଥିବାର ଦେଖିବାକୁ ମିଳିଥିଲା ।ପଣ୍ଡିତ ବାସବ ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ !

## ସଂପାଦକୀୟ

# ବିଜ୍ଞାନ ବନାମ ଆଧ୍ୟାତ୍ମିକତା

ମନୁଷ୍ୟ ଏକ ତର୍କଶୀଳ ପ୍ରାଣୀ। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ତର୍କସଙ୍ଗତ ବା ଯୁକ୍ତିସଙ୍ଗତ ଜୀବନ ଜିଇଁବାକୁ ଚାହେଁ। କାର୍ଯ୍ୟସହ କାରଣକୁ ଯୋଡ଼ିବା, ପ୍ରଶ୍ନ ଉପରେ ପ୍ରତି-ପ୍ରଶ୍ନ ପଚାରିବା ହେଉଛି ଗବେଷଣା। ସବୁଗବେଷଣା ପରୀକ୍ଷାଗାର ଭିତରେ ହେବା ଜରୁରୀ ନୁହେଁ। ଏହା ମଧ୍ୟ ବିଶ୍ୱାସ-ଅବିଶ୍ୱାସର କ୍ଷେତ୍ର ନୁହେଁ। ପ୍ରତ୍ୟେକ ତତ୍ତ୍ୱ ପ୍ରଶ୍ନ, ପ୍ରତି-ପ୍ରଶ୍ନ ଓ ଆହ୍ୱାନକୁ ଗ୍ରହଣ କରେ। ବ୍ୟାକରଣର 'ନିପାତନସିଦ୍ଧ' ବିଜ୍ଞାନ କ୍ଷେତ୍ରରେ ଗ୍ରହଣୀୟ ହୁଏ ନାହିଁ। ବିଦ୍ୟାଳୟକୁ ମନ୍ଦିର ସହ ଯୋଡ଼ାଯାଏ ନାହିଁ। କାରଣ ମନ୍ଦିର ବିଶ୍ୱାସର କ୍ଷେତ୍ର। ଏଠାରେ ପ୍ରଶ୍ନ ଗ୍ରହଣୀୟ ନୁହେଁ। ବିଦ୍ୟାଳୟ ବିଶ୍ୱାସର ପରିସରଭୁକ୍ତ ନୁହେଁ, ଏଠାରେ ପ୍ରଶ୍ନ ମାଧ୍ୟମରେ ଜ୍ଞାନ ଆହରଣ କରାଯାଏ। ଆମେ ଭୌତିକ ଜଗତରେ ବାସ କରୁ। ତେଣୁ ପ୍ରକୃତି ଭିତରେ ଥିବା ପ୍ରାକୃତିକ ନୟମ ସବୁର ପଦ୍ଧତିଗତ ଅଧ୍ୟୟନ ହେଉଛି ବିଜ୍ଞାନ। ବିଜ୍ଞାନ ବିପକ୍ଷରେ ରହିଛି ଭିନ୍ନ ଏକ ଜଗତ। ତାହା ଆଧ୍ୟାତ୍ମିକ ଜଗତ। ଏଠାରେ ପ୍ରକୃତି ଓ ପ୍ରାକୃତିକ ନିୟମର ବିରୁଦ୍ଧାଚରଣ କରୁଥିବା ଘଟଣା ସବୁର ବର୍ଣ୍ଣନା ଉପରେ ବିଶ୍ୱାସ କରାଯାଏ। ଏ ଜଗତରେ ପ୍ରଶ୍ନ ଚିହ୍ନର ସ୍ଥାନନାହିଁ। ଏଠାରେ ଆରୋହ ଓ ଅବରୋହ ଚିନ୍ତନର ପ୍ରଶ୍ନ ପଚାରୁଥିବା ବ୍ୟକ୍ତିକୁ ତିରସ୍କାର କରାଯାଏ। ଏହାକୁ 'ମୁଦ୍‌ଗର ପ୍ରଦର୍ଶନ ଭୟ ସଞ୍ଚାର' ଭାବରେ ନାମିତ କରାଯାଇପାରିବ। ଏହା ମାଧ୍ୟମରେ ପ୍ରଶ୍ନକର୍ତ୍ତାର ଉଦ୍ୟମ ଚାପିଦିଆଯାଏ। କିନ୍ତୁ ଏଭଳି ପ୍ରଶ୍ନଗୁଡ଼ିକ ପଚରାଯାଉଥିବା ମନୋବୃତ୍ତି ହେଉଛି ବୈଜ୍ଞାନିକ ସଚେତନତା।

ପୃଥିବୀ ପୃଷ୍ଠରେ ସବୁ ଶିଶୁର କୌଣସି ଏକ ଧାର୍ମିକ ପରିବେଶର ପରିବାରରେ ଜନ୍ମ ହୋଇଥାଏ। ବୟସ ବଢ଼ିବା ସହିତ ପରିବାରର ଧାର୍ମିକବିଶ୍ୱାସକୁ ଶିଶୁ ଉପରେ ଏକପ୍ରକାର ଲଦି ଦିଆଯାଏ। ପ୍ରତ୍ୟେକ ଶିଶୁ କୌତୁହଳୀ। ଅନେକକିଛି ଜାଣିବାର ଅଦମ୍ୟ ଆଗ୍ରହ ଥାଏ। କିନ୍ତୁ ପରିବାରର ବୟୋଜ୍ୟେଷ୍ଠ ଓ ଗୁରୁଜନମାନଙ୍କ କଥାକୁ ଗ୍ରହଣ କରିବା, ସେମାନଙ୍କୁ ପ୍ରତିପ୍ରଶ୍ନ ନ କରିବା ପାଇଁ ଉପଦେଶ ଓ ଆଦେଶ ମାଧ୍ୟମରେ ବାଧ୍ୟ କରାଯାଏ। ଯେତେ ପାଠ ପଢ଼ିଲେ ମଧ୍ୟ ଏହି ବାଧ୍ୟବାଧକତାରୁ ମୁକ୍ତ ହେବା ସହଜ ନୁହେଁ। ପାରିବାରିକ ଧର୍ମ ବିଶ୍ୱାସର ବାଧ୍ୟବାଧକତାରୁ ମୁକ୍ତ ହୋଇ ପାରିନଥିବା ବୈଜ୍ଞାନିକମାନଙ୍କ ଅଲୌକିକ ଅବଧାରଣା ଉପରେ ବିଶ୍ୱାସକୁ କିଛି ଲୋକ ଆଦର୍ଶ ଭାବରେ ଗ୍ରହଣ କରନ୍ତି। କୌତୂହଳ ମନୋବୃତ୍ତି ଯେକୌଣସି ବୟସରେ ବ୍ୟକ୍ତିଠାରେ ସୃଷ୍ଟି ହୋଇପାରେ। କିଛି ବ୍ୟକ୍ତିଙ୍କଠାରେ ବିରଳ ଘଟଣା ଭାବରେ ପ୍ରଶ୍ନ ଉପରେ ପ୍ରଶ୍ନ ପଚାରି କାର୍ଯ୍ୟ ସହ କାରଣ ଯୋଡ଼ିବା, ପ୍ରାକୃତିକ ଘଟଣାଗୁଡ଼ିକୁ ଅଲୌକିକ ଭାବରେ ଗ୍ରହଣ ନକରି ଏସବୁର ଅନୁସନ୍ଧାନ କରିବା ଆଦି ମନୋବୃତ୍ତି ସୃଷ୍ଟି ହୁଏ। ପିତାମାତା ଗୁରୁଜନଙ୍କ ଉପଦେଶକୁ ଗ୍ରହଣ କରିବା ସେଭଳି ବ୍ୟକ୍ତିଙ୍କ ପକ୍ଷରେ ସମ୍ଭବ ହୁଏନାହିଁ। ସେଭଳି ଧାରାକୁ ଗ୍ରହଣ କରି ନେଇଥିଲେ ସିଦ୍ଧାର୍ଥ ଗୌତମରେ ପରିଣତ ହୋଇପାରି ନଥା'ନ୍ତେ। କାର୍ଯ୍ୟ ଓ କାରଣର ସମ୍ପର୍କ ନେଇ ମନ ଆନ୍ଦୋଳିତ ହେବା ଏବଂ ଅଲୌକିକତାକୁ ଗ୍ରହଣ ନ କରିବା ହେଉଛି ତର୍କଶୀଳ ମନୋବୃତ୍ତି। ଏହା ହିଁ ହେତୁବାଦ।

୧୮୯୮ ମସିହା ଅପ୍ରେଲ ୧୦ ତାରିଖରେ କେରଳର ତିରୁଭାଲ୍ଲାଠାରେ ତର୍କଶୀଳ ମନୋବୃତ୍ତି ସମ୍ପନ୍ନ ସାମାଜିକ ଭାବେ ଅଲୌକିକତା ଉପରେ ନିର୍ଭୀକ ଭାବେ ଗବେଷଣା କରିଥିବା ସେହି ବ୍ୟକ୍ତି ଜନ୍ମ ନେଇଥିଲେ। ଭବିଷ୍ୟତରେ ସେ ପ୍ରଫେସର ଆବ୍ରାହମ କଭୁର ଭାବରେ ଏବଂ ବିଶ୍ୱବିଖ୍ୟାତ ହେତୁବାଦୀ ଭାବରେ ପରିଚୟଟିଏ ସୃଷ୍ଟି କରିପାରିଥିଲେ। ଶୈଶବରୁ ତାଙ୍କ ମନରେ ତଥାକଥିତ ଅଲୌକିକ ଘଟଣାଗୁଡ଼ିକର ରହସ୍ୟର ଜିଜ୍ଞାସା ଜନ୍ମିଥିଲା। ଉଦ୍ଭିଦବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ସମସ୍ତ ଅଲୌକିକ ଘଟଣା ବିଭିନ୍ନ ବୈଜ୍ଞାନିକ ତତ୍ତ୍ୱର ବିରୁଦ୍ଧାଚରଣ କରୁଥିବା ନିଶ୍ଚିତ ହୋଇଗଲେ। ସେତେବେଳେ କେରଳ ସମେତ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଅଲୌକିକତାକୁ ନେଇ ଅଜସ୍ର ଅନ୍ଧବିଶ୍ୱାସ ଲୋକଙ୍କ ମନରେ ରହିଥିଲା। ତନ୍ତ୍ରମନ୍ତ୍ର, ଗୁଣିଗାରେଡ଼ି ଆଦି ପ୍ରତି ଶିକ୍ଷିତ-ଅଶିକ୍ଷିତ ସବୁବର୍ଗର ମନରେ ଭୟ ରହିଥିଲା। ଏହିଭଳି ଘଟଣାଗୁଡ଼ିକର ତାଲିକା ପ୍ରସ୍ତୁତ ରହସ୍ୟ ଅନୁସନ୍ଧାନ କଲେ। ଅଧ୍ୟାପନା ବୃତ୍ତିରୁ ଅବସର ପରେ ୧୯୬୪ ମସିହାରେ ୨୨ ଟି ତଥାକଥିତ ଅଲୌକିକ ଘଟଣାର ତାଲିକା ଦର୍ଶାଇ ସେଥିମଧ୍ୟରୁ କୌଣସି ଗୋଟିଏର ଧୋକାବାଜୀ ବିହୀନ ପ୍ରଦର୍ଶନକାରୀଙ୍କୁ ଏକଲକ୍ଷ ଶ୍ରୀଲଙ୍କା ମୁଦ୍ରା ଦେବାକୁ ବିଶ୍ୱବ୍ୟାପୀ ସମ୍ବାଦପତ୍ର ଜରିଆରେ ଘୋଷଣା କଲେ। ତାଙ୍କ ମୃତ୍ୟୁ୧୯୭୮ ପର୍ଯ୍ୟନ୍ତ ଜଣେ ହେଲେ ତାଙ୍କ ଆହ୍ୱାନକୁ ଗ୍ରହଣ କରିପାରିଲେ ନାହିଁ। ଜଣେ ଅମାନତ ଜମାକରି ଆହ୍ୱାନ ଗ୍ରହଣ କରିଥିଲେ, କିନ୍ତୁ ପରୀକ୍ଷାର ସମ୍ମୁଖୀନ ହେଲେ ନାହିଁ। ସେ ଅଲୌକିକତା ରହସ୍ୟ ପ୍ରଦର୍ଶନ କାର୍ଯ୍ୟକ୍ରମ ଓ ଜନଚେତନା ପଦଯାତ୍ରାମାନ ଆୟୋଜନ କରିଥିଲେ। ଅନେକେ ଯାଦୁକର ତାଙ୍କଠାରୁ ଅଲୌକିକତା ରହସ୍ୟ ଉନ୍ମୋଚନ କୌଶଳ ଶିକ୍ଷାଲାଭ କରି ସାଧାରଣଜନତାଙ୍କୁ ଶୋଷଣରୁ ରକ୍ଷା କରିବାକୁ ଆଗେଇ ଆସିଲେ। ଏକ ସାମାଜିକ ଶିକ୍ଷଣୀୟ ବିଷୟ ଭାବରେ ହେତୁବାଦ ତଥା ବୈଜ୍ଞାନିକ ସଚେତନତାକୁ ନେଇ ଲୋକଙ୍କୁ ଅନ୍ଧବିଶ୍ୱାସ ଓ ଶୋଷଣରୁ ସୁରକ୍ଷିତ ରଖିବା ନିମିତ୍ତ ଭାରତ ଓ ଶ୍ରୀଲଙ୍କାରେ ସାମାଜିକ ଅନୁଷ୍ଠାନମାନ ଗଢ଼ିଥିଲେ। ଓଡ଼ିଶାରେ ଗୁଣିଗାରେଡ଼ି, ଗୁଣିଆ-ଡାହାଣୀ ଆରୋପରେ କୁତ୍ସିତ ହତ୍ୟାକାଣ୍ଡମାନ ଘଟୁଛି। ଏହିସବୁ ଅବଧାରଣା ପଛରେ କୌଣସି ପ୍ରମାଣ ନଥିବାସ୍ଥଳେ ଲୋକେ ଅଜ୍ଞତାହେତୁ ଏସବୁ ବିଶ୍ୱାସ କରୁଛନ୍ତି। ତେଣୁ ଏ ଦିଗରେ ହେତୁବାଦୀ ସଚେତନତାର ଗୁରୁତ୍ୱ ଅଧିକ ଅନୁଭୂତ ହୁଏ।

# ମହାବିଷୁବ ସଂକ୍ରାନ୍ତି

ଓଡ଼ିଶାବାସୀଙ୍କ ପାଇଁ ପଣା ସଂକ୍ରାନ୍ତି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପର୍ବ । ଏହି ଦିନ ଠାରୁ ଓଡ଼ିଆ ନବବର୍ଷ ଆରମ୍ଭ ହୋଇଥାଏ । ବସନ୍ତ ଋତୁ ଶେଷ ହୋଇ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଥାଏ । ଚଉଁରା ଓ ବେଲଗଛ ମୂଳେ ବେଲପଣା ଭୋଗ ଲଗାଯାଇଥାଏ । ବସୁନ୍ଧରା ଠେକିରେ ଏକ କଣା କରି ସେଥିରେ ଛତୁଆ, ଦହି, ଗୁଡ଼ ମିଶା ବେଲପଣା ରଖି ଚଉଁରାରେ ଟଙ୍ଗା ଯାଇଥାଏ । ଏହି ଅବସରରେ ଦକ୍ଷିଣ ଓଡ଼ିଶାରେ ଝାମୁଜାତ, ଦଣ୍ଡ ନାଚ ଓ ଉତ୍ତର ଓଡ଼ିଶାରେ ଚଡ଼କ ପର୍ବ ବେଶ୍ ଧୂମଧାମରେ ପାଳିତ ହୋଇଥାଏ । ଦଣ୍ଡପାଟୁଆମାନେ ଠାକୁରାଣୀଙ୍କ ମନ୍ଦିର ଆଗରେ ନିଆଁରେ ଚାଲିଥାନ୍ତି । ମହାବିଷୁବ ସଂକ୍ରାନ୍ତି ଠାରୁ ଓଡ଼ିଆ ନୂଆବର୍ଷ ଆରମ୍ଭ ହେଉଥିବାରୁ ଘରେ ଘରେ ଦେବାଦେବୀଙ୍କ ସ୍ଥାନାନ୍ତର ପୂଜା, ଭୋଗ, ହୋମ ଆଦି ଅନୁଷ୍ଠିତ ହୋଇଥାଏ । ନୂଆ ଓଡ଼ିଆ ପଞ୍ଜିକା ପ୍ରଚଳିତ ହୋଇଥାଏ । ପଣା ସଂକ୍ରାନ୍ତିରେ ଲୋକମାନେ ବ୍ରତ ଧାରଣ କରିଥାନ୍ତି । ଏହି ଦିନ ହନୁମାନଙ୍କ ଜୟନ୍ତୀ ହୋଇଥିବାରୁ ହନୁମାନଙ୍କ ପୂଜା ମଧ୍ୟ କରାଯାଇଥାଏ । ଅଗ୍ନି ଓ ବାୟୁଙ୍କ କୋପରୁ ରକ୍ଷା ନିମନ୍ତେ ହନୁମାନଙ୍କ ପୂଜା ଅନୁଷ୍ଠିତ ହୋଇଥାଏ । ଓଡ଼ିଆ ଜନଜୀବନରେ ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସଂକ୍ରାନ୍ତି ଦିନ ଠାରୁ ବୃକ୍ଷ ଜଗତ ଓ ଜୀବଜଗତକୁ ଜଳ ପ୍ରଦାନ କରାଯାଉଥିବାରୁ ଏହାକୁ ଅନ୍ୟ ଭାବରେ କେହି କେହି ଜଳ ସଂକ୍ରାନ୍ତି ବୋଲି କହିଥାନ୍ତି। ଏହି ଦିନରୁ ବାୟୁର ଗତି ପ୍ରଖର ହୋଇଥାଏ ଏବଂ କିଛି ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନେ ବ୍ରାହ୍ମଣ ବା ଯାଚକ ମାନଙ୍କୁ ସୂର୍ଯ୍ୟଦେବଙ୍କ କୋପରୁ ରକ୍ଷା କରିବା ପାଇଁ ସେମାନଙ୍କୁ ତାଳପତ୍ରରେ ତିଆରି ଛତ୍ର ବା କଠଉ ପାଦୁକା ପ୍ରଦାନ କରାଯାଇଥାଏ। ଏହି ସଂକ୍ରାନ୍ତିର ଆଉ ଏକ ବଶେଷତ୍ୱ ହେଉଛି ଆମ ରାଜ୍ୟରେ ପବିତ୍ର ଝାମୁବ୍ରତର ଉଦ୍‌ଯାପନ ହୋଇଥାଏ ଯାହାକି ଏକ ମାସ ପୂର୍ବରୁ ବ୍ରତଚାରୀମାନେ ଅତ୍ୟନ୍ତ ନିଷ୍ଠାର ସହିତ ପାଳନ କରିଥାନ୍ତି। କେବଳ ଓଡ଼ିଶା ନୁହେଁ ଭାରତର ଉତ୍ତର ଭାଗରେ ମହାବିଷୁବ ସଂକ୍ରାନ୍ତିକୁ ଭିନ୍ନ ଭିନ୍ନ ଆଧ୍ୟାତ୍ମିକ ଭାବନାରେ ପାଳନ କରାଯାଇଥାଏ। ମହାବିଷୁବ ସଂକ୍ରାନ୍ତି ଠାରୁ ଧାନ୍ୟ, ଲବଣ, ଭୋଗ, ରୂପ, ତେଜ, ସୌଭାଗ୍ୟ, ତାମ୍ବୁଳ, ମନୋରଥ, ଅଶୋକ, ଆୟୁ ଏବଂ ଧନ ସଂକ୍ରାନ୍ତି ବ୍ରତ ସେମାନେ ଆରମ୍ଭ କରନ୍ତି। ଏହି ବ୍ରତ ଯେଉଁମାନେ ପାଳନ କରନ୍ତି ସେମାନେ ମହାବିଷୁବ ସଂକ୍ରାନ୍ତି ଠାରୁ ନିଜର ମନୋମତ ବ୍ରତ ଆରମ୍ଭ କରି ପୁଣି ବର୍ଷକ ପରେ ମହାବିଷୁବ ସଂକ୍ରାନ୍ତି ଦିନ ଏହି ବ୍ରତକୁ ଉଦ୍‌ଯାପନ କରନ୍ତି। ମାର୍ଚ୍ଚ ମାସ ୨୩ ତାରିଖ ଏବଂ ସେପ୍ଟେମ୍ବର ମାସ ୨୧




ତାରିଖ ଦିନ ସୂର୍ଯ୍ୟ ବିଷୁବରେଖାରେ ରହୁଥିବାରୁ ସେ ଦିନ ଦିନରାତି ସମାନ ହୁଏ। ମାର୍ଚ୍ଚ ୨୩ ତାରିଖ ଠାରୁ ସୂର୍ଯ୍ୟ କର୍କଟକ୍ରାନ୍ତି ଯାଉଥିବାରୁ ସେହିଦିନଠାରୁ ଭାରତବର୍ଷରେ ସୂର୍ଯ୍ୟତାପ ପ୍ରଖର ହୁଏ। ପଣା ସଂକ୍ରାନ୍ତି ସମୟକୁ ସୂର୍ଯ୍ୟଙ୍କ କିରଣ ବୃଦ୍ଧି ପାଇଥାଏ। ତେଣୁ ଏ ସମୟରେ ହଜମ ଶକ୍ତି ବୃଦ୍ଧି ପାଏ। ଗରିଷ୍ଠ ଖାଦ୍ୟ ସହଜରେ ହଜମ ହେଉଥିବାରୁ ଏହି ସଂକ୍ରାନ୍ତିରେ ବୁଟଛତୁ ପରି ଗରିଷ୍ଠ ଖାଦ୍ୟପଦାର୍ଥ ଗ୍ରହଣ କରିବା ପାଇଁ ଆୟୋଜନ ହୋଇଥାଏ। ଦେହର ଅତ୍ୟଧିକ ତାପଶକ୍ତି ସମ ଅବସ୍ଥାକୁ ଆଣିବା ପାଇଁ ପଣା ପାନ କରିବାର ବ୍ୟବସ୍ଥା ମଧ୍ୟ ଖଞ୍ଜି ଦିଆଯାଇଛି। ତେଣୁ ମହାବିଷୁବ ସଂକ୍ରାନ୍ତି ଦିନ ପ୍ରତ୍ୟେକ ଦେବଦେବୀ ମନ୍ଦିରରେ ଛତୁ ଓ ପଣା ଭାବରେ ବିଧି ରହିଛି। ତେଣୁ ମହାବିଷୁବ ସଂକ୍ରାନ୍ତିକୁ ପଣା ସଂକ୍ରାନ୍ତି ବୋଲି କୁହାଯାଏ।

ମହାବିଷୁବ ସଂକ୍ରାନ୍ତି କେବଳ ଓଡ଼ିଶାର ଜନଜୀବନ ମଧ୍ୟରେ ସୀମିତ ନାହିଁ, ଦେଶବିଦେଶରେ ଏହା ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ। ପଞ୍ଜାବରେ ବୈଶାଖୀ, ଆସାମରେ ବିହୁ, ମିଥିଳାରେ ଜୁଇର ଶିତଲ, ବଙ୍ଗଳାରେ ନବବର୍ଷ, କର୍ଣ୍ଣାଟକରେ ବିଷୁ ପର୍ବ, କେରଳରେ ବିଷୁ ଏବଂ ତାମିଲନାଡୁରେ ପୁଥାଣ୍ଡୁ ନାମରେ ଏହି ଦିନଟିକୁ ପାଳନ କରାଯାଏ। ଓଡ଼ିଶାରେ ଏହି ଦିନଟିକୁ ଲୋକମାନେ ଧୁମ୍‌ଦାମ ସହକାରେ ପାଳନ କରିଥାନ୍ତି। ବ୍ରାହ୍ମଣ, ଗରିବ ଲୋକମାନଙ୍କୁ ଏହିଦିନ ଛତୁଆ, ପଣା, ଛତା ଓ ତାଳପତ୍ରରେ ପ୍ରସ୍ତୁତ ପଙ୍ଖା ଦାନ କରିବାର ପରମ୍ପରା ରହିଛି। ପ୍ରତ୍ୟେକ ହିନ୍ଦୁ ପରିବାରରେ ଏହି ଦିନ ତୁଳସୀ ଚଉରାରେ ମାଟିରେ ତିଆରି ଠେକି ବସାହୁଏ। ଠେକିରେ ସରୁ କଣା କରି ଦୁବ ଲଗାଯାଇଥାଏ। ଚୈତ୍ର ପର୍ବ ନାମରେ ପରିଚିତ ଝାମୁଝାତ୍ରା, ହିଙ୍ଗୁଳା ଯାତ୍ରା ବା ପଟୁଆ ଯାତ୍ରା, ଦଣ୍ଡଯାତ୍ରା, ଉଡା ଯାତ୍ରା ଆଦି ମହାବିଷୁବ ସଂକ୍ରାନ୍ତି ପୂର୍ବରୁ ଶେଷ ହୋଇଥାଏ। ଏହି ଅବସରରେ ଓଡ଼ିଶାର ଛୋଟବଡ଼ ଦେବାଳୟଗୁଡ଼ିକ ଉତ୍ସବମୁଖର ହୋଇଉଠେ। ବିଭିନ୍ନ ସ୍ଥାନରେ ମେଳା, ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। କଟକର କଟକ ଚଣ୍ଡୀ, ଯାଜପୁରର ବିରଜା, ଝଙ୍କଡ଼ର ଶାରଳା, କାକଟପୁରର ମଙ୍ଗଳା, ସମ୍ବଲପୁରର ସମଲେଶ୍ୱରୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପାଇଁ ବହୁ ଜନସମାଗମ ହୁଏ। ସେଠାରେ ଝାମୁଯାତ୍ରା ଅନୁଷ୍ଠିତ ହୁଏ। ଉତ୍ତର ଓଡ଼ିଶାରେ ଏହାକୁ ଚଡ଼କ ପର୍ବ ଏବଂ ଦକ୍ଷିଣ ଓଡ଼ିଶାରେ ମେରୁଯାତ୍ରା ବୋଲି କୁହାଯାଏ। ନବବର୍ଷକୁ ସ୍ୱାଗତ ଜଣାଇବା ପାଇଁ ବିଭିନ୍ନ ସ୍ଥାନରେ ଦଣ୍ଡନାଚ ଅନୁଷ୍ଠିତ ହୋଇଥାଏ। ପୃଥିବୀର ବିଭିନ୍ନ ସଂସ୍କୃତି ଏବଂ ପରମ୍ପରାଗୁଡ଼ିକ ମଧ୍ୟରେ ଭାରତୀୟ ହିନ୍ଦୁଧର୍ମ, ସଂସ୍କୃତି ଓ ପରମ୍ପରାର ସ୍ଥାନ ସ୍ୱତନ୍ତ୍ର। ସନାତନ ଧର୍ମର ଅବଶିଷ୍ଟାଂଶ ହିଁ ପରବର୍ତ୍ତୀ ସମୟରେ ବା ଆଧୁନିକ ସମାଜରେ ହିନ୍ଦୁଧର୍ମ ନାମ ବହନ କରିଛି। ଏହି ଧର୍ମ ଯାହା କହେ, ତାହା ହିଁ କାର୍ଯ୍ୟରେ ପରିଣତ କରେ। ଏହା ବିଜ୍ଞାନସମ୍ମତ ଭିତ୍ତିଭୂମି ଉପରେ ଆଧାରିତ। ହିନ୍ଦୁ ଧର୍ମରେ ସମସ୍ତ କଳ୍ପନା ହିଁ ବାସ୍ତବ ରୂପ ବହନ କରିଛି। ତେଣୁ କୁହାଯାଇଛି ଯାହା ନାହିଁ ଭାରତେ, ତାହା ନାହିଁ ଜଗତେ। କାଳ୍ପନିକ ମୂର୍ତ୍ତି, ଚିତ୍ରକଳା ଓ ଭାବନା ହିଁ ଈଶ୍ୱର ସତ୍ତାର ଅନୁଭବ ପ୍ରଦାନ କରିଥାଏ। କଳ୍ପନା ବିନା ବାସ୍ତବତା ପ୍ରାପ୍ତି ଅସମ୍ଭବ। ମାଧ୍ୟମ ବିନା ଈଶ୍ୱର ସତ୍ତାକୁ ଅନୁଭବ କରିବା ମଧ୍ୟ ଅସମ୍ଭବ। ଏହି ମୂର୍ତ୍ତି ପୂଜା, ଗୁରୁପୂଜା ଇତ୍ୟାଦି ମାଧ୍ୟମ ଆମ ଧର୍ମ ପରମ୍ପରାରେ ରହିଛି।

ଆଧ୍ୟାତ୍ମିକ ଚେତନାରେ ମହାବିଷୁବ ସଂକ୍ରାନ୍ତିର ଏକ ସ୍ୱତନ୍ତ୍ରତା ରହିଥାଏ। ମକର ସଂକ୍ରାନ୍ତି, ଫେବୃଆରୀ ମାସର କୁମ୍ଭ ସଂକ୍ରାନ୍ତି, ମାର୍ଚ୍ଚ ମାସର ମୀନ ସଂକ୍ରାନ୍ତି, ମଇ ମାସର ବୃଷ ସଂକ୍ରାନ୍ତି, ଜୁନ୍ ମାସର ରଜ ସଂକ୍ରାନ୍ତି, ଜୁଲାଇର କର୍କଟ ସଂକ୍ରାନ୍ତି, ଅଗଷ୍ଟର ସିଂହ ସଂକ୍ରାନ୍ତି, ସେପ୍ଟେମ୍ବରର କନ୍ୟା ସଂକ୍ରାନ୍ତି, ଅକ୍ଟୋବରର ତୁଳା ବା ଗର୍ଭଣା ସଂକ୍ରାନ୍ତି, ନଭେମ୍ବରର ବିଛା ସଂକ୍ରାନ୍ତି ପରି ବା ଧନୁ ମୁଆଁର ଅବକାଶ ରଖୁଥିବା ଧନୁ ସଂକ୍ରାନ୍ତି ବର୍ଷ ତମାମର ବିଭିନ୍ନ ସଂକ୍ରାନ୍ତି ଭିତରେ ଏହି ସଂକ୍ରାନ୍ତିର ସ୍ଥାନର ଏକ ସ୍ୱତନ୍ତ୍ରତା ଥାଏ। ଓଡ଼ିଆଙ୍କ ନିତିଦିନିଆ ଜୀବନରେ ମହାବିଷୁବର ପବିତ୍ର ପାର୍ବଣ ଆମର ସାମାଜିକ, ଆଧ୍ୟାତ୍ମିକ ଓ ପାରିବାରିକ ଅପୂର୍ବ ସମ୍ପର୍କର ଭିତ୍ତିଭୂମିକୁ ସୁଦୃଢ଼ କରିଛି ନିଶ୍ଚୟ।

ଡକ୍ଟର ରାଜକିଶୋର ମିଶ୍ର
କଟକ

# ଡ. ଆମ୍ବେଦକରଙ୍କ ପଞ୍ଚତୀର୍ଥ

ଡ. ଆମ୍ବେଦକର ନିଜର କାର୍ଯ୍ୟଶୈଳୀ ମାଧ୍ୟମରେ ଭାରତର ତତ୍କାଳୀନ ବୁଦ୍ଧିଜୀବୀ, ଜନସାଧାରଣ ଓ ଔପନିବେଶିକ କ୍ଷମତାର ଧ୍ୟାନ ଆକୃଷ୍ଟ କରିଥିଲେ । ତତ୍କାଳୀନ ସମାଜ ବ୍ୟବସ୍ଥା ତାଙ୍କ କାର୍ଯ୍ୟ ଦ୍ୱାରା ଚିନ୍ତାଶୀଳ ହୋଇଥିଲା । ଅସ୍ପୃଶ୍ୟତା ନିବାରଣ ପାଇଁ ତାଙ୍କ ପ୍ରଚେଷ୍ଟା ସହିତ ସମରସତାପୂର୍ଣ୍ଣ ସାମାଜିକ ଜୀବନ ପାଇଁ ସେ ପ୍ରଚଣ୍ଡ ସାଧନା କରିଥିଲେ । ସାମନ୍ତବାଦୀ ମାନସିକତା ବିରୋଧରେ ସେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ। ସାମାଜିକ ସଂରଚନାର ଅବଧାରଣା ଓ ସମାବେଶୀ ସମାଜ ରଚନାର ସେ ପ୍ରଚଣ୍ଡ ପକ୍ଷଧର ଥିଲେ । ଡ. ଆମ୍ବେଦକରଙ୍କ ଜୀବନ ସମାଜର ସମସ୍ତ ବର୍ଗ ପାଇଁ ପ୍ରେରଣାଦାୟୀ । ସେ ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିଲେ । ସେ ଅସ୍ପୃଶ୍ୟ ସମାଜ ଓ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ସମାଜ ମଧ୍ୟରେ ଶିକ୍ଷାର ବିସ୍ତାର ଚାହୁଁଥିଲେ । ଶିକ୍ଷା ବିନା ମନୁଷ୍ୟ ଜୀବନ ଅନ୍ଧକାର । ଏଣୁ ସେ ଚାହୁଁଥିଲେ ସମସ୍ତେ ଶିକ୍ଷିତ ହୁଅନ୍ତୁ । ଏଥିପାଇଁ ସେ କିଛି ସମୟ ଅଧ୍ୟାପନା କାର୍ଯ୍ୟ ମଧ୍ୟ କରିଛନ୍ତି । ବିଭିନ୍ନ ସମ୍ବାଦପତ୍ରର ସମ୍ପାଦନ କରି ବହୁ ଲେଖା ଦ୍ୱାରା ସମାଜ ଜାଗରଣ କାର୍ଯ୍ୟ କରିଛନ୍ତି । ତାଙ୍କ ଦ୍ୱାରା ସମ୍ପାଦିତ ସମ୍ବାଦପତ୍ର- ମୂକନାୟକ, ଜନତା, ବହିଷ୍କୃତ ଭାରତ ଆଦିରେ ସେ ବହୁତ ଲେଖା ଲେଖିଛନ୍ତି । ସମଗ୍ର ଭାରତ ଶିକ୍ଷିତ ଓ ସଶକ୍ତ ହେଉ, ଏହା ତାଙ୍କର ସ୍ୱପ୍ନ ଥିଲା ।

ପ୍ରଜ୍ଞା ପୁରୁଷ ଓ ଆମ୍ବେଦକରଙ୍କ ସଂକଳ୍ପ ଓ ପ୍ରେରଣାକୁ ସତତ ଜାଗ୍ରତ କରିବା ପାଇଁ କେନ୍ଦ୍ର ସରକାର ତାଙ୍କ ନାମରେ ପଞ୍ଚତୀର୍ଥ ସ୍ଥାପନା କରିଛନ୍ତି । ଏହି ପଞ୍ଚତୀର୍ଥ ସମଗ୍ର ଭାରତୀୟମାନଙ୍କ ପାଇଁ ଆଜି ପ୍ରେରଣାର କେନ୍ଦ୍ର ପାଲଟିଛନ୍ତି । ଏଗୁଡ଼ିକ ହେଲା- ୧. ଜନ୍ମଭୂମି, ୨. ଶିକ୍ଷାଭୂମି, ୩. ଦୀକ୍ଷାଭୂମି, ୪. ମହାନିର୍ବାଣ ଭୂମି, ୫. ଚୈତ୍ୟ ଭୂମି। ଦେଶର ସମ୍ବିଧାନ ନିର୍ମାତା ଆମ୍ବେଦକରଙ୍କୁ ଏହାଦ୍ୱାରା ବିଶ୍ୱବ୍ୟାପି ସମ୍ମାନ ମିଳୁଛି । ତାଙ୍କର ଜୀବନ ସମ୍ବନ୍ଧିତ ଏହି ପଞ୍ଚତୀର୍ଥ ସ୍ଥାନକୁ ଦର୍ଶନ କରି ଆଜିର ନୂତନ ପିଢ଼ି ତାଙ୍କୁ ଅଧିକ ଜାଣିବା ପାଇଁ ଇଚ୍ଛୁକ ହେଉଛନ୍ତି । ସରକାରଙ୍କ ଦ୍ୱାରା ଏହି ପ୍ରଚେଷ୍ଟା ସର୍ବାଦୌ ପ୍ରଶଂସନୀୟ ।

ଭାରତୀୟ ସମାଜ ପାଇଁ ଡ. ଆମ୍ବେଦକରଙ୍କ ତ୍ୟାଗ ଓ ତପସ୍ୟା, ଯଶ ଓ କୀର୍ତ୍ତିକୁ ଏହି ପଞ୍ଚତୀର୍ଥରେ ଦର୍ଶାଯାଉଛି । ଏଗୁଡ଼ିକ ଆଜି କେବଳ ପର୍ଯ୍ୟଟନ ସ୍ଥଳ ହୋଇନାହିଁ, ବରଂ ଏହା ଆଜି ସମାଜ ଜାଗରଣର କେନ୍ଦ୍ର ପାଲଟିଛି । ଏହାଦ୍ୱାରା ଆଜି ବିଶ୍ୱରେ ଭାରତର ଛବି ଦ୍ୱିଗୁଣିତ ହେଉଛି । କାରଣ ତାଙ୍କର ଜୀବନାଦର୍ଶ ଓ କାର୍ଯ୍ୟ ସମଗ୍ର ବିଶ୍ୱବାସୀଙ୍କ ପାଇଁ ପ୍ରେରଣାର ସ୍ରୋତ । ସେଥିପାଇଁ ସମସ୍ତେ ତାଙ୍କର ସ୍ମାରକୀ ଦର୍ଶନ କରିବା ପାଇଁ ବ୍ୟାକୁଳ । ଏଗୁଡ଼ିକ ଦର୍ଶନ କରି ସମସ୍ତେ ଆଜି କୃତାର୍ଥ । ବିଶେଷକରି ଅନଗ୍ରସର ସମାଜ ମଧ୍ୟରେ ଏହି ସ୍ମାରକୀ ଗୁଡ଼ିକ ତୀର୍ଥସ୍ଥାନ ପାଲଟିଛି । ଏଗୁଡ଼ିକ ଦ୍ୱାରା ଭାରତ ବିକଶିତ ରାଷ୍ଟ୍ର ରୂପେ ପରିଗଣିତ ହେଉଛି ।

**ଜନ୍ମଭୂମି**

ଡ. ଆମ୍ବେଦକରଙ୍କ ୧୨୫ତମ ଜନ୍ମଜୟନ୍ତୀ ଅବସରରେ ଗତ ୨୦୧୬ ଏପ୍ରିଲ୧୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଜନ୍ମସ୍ଥାନ ମଧ୍ୟପ୍ରଦେଶର ମହୁଠାରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେ ସ୍ଥାନର ସମଗ୍ର ବିକାଶ କରି ତାହା ଆଜି ତୀର୍ଥସ୍ଥାନ ରୂପେ ବିକଶିତ ହୋଇଛି । ମହୁଠାରେ ଆମ୍ବେଦକର ୧୮୯୧ ଏପ୍ରିଲ ୧୪ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଜନ୍ମଶତବାର୍ଷିକୀରେ ୧୯୯୧ ଏପ୍ରିଲ ୧୪ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ସୁନ୍ଦରଦାର ପଟୱା ଏକ ଭବ୍ୟ ସ୍ମାରକୀ ନିର୍ମାଣ କରିବା ପାଇଁ ଶୁଭ ପ୍ରଦାନ କରିଥିଲେ । ଏଥିପାଇଁ ସେ ୪.୫୨ ଏକର ଜମି ଆବଣ୍ଟନ କରିଥିଲେ । ବର୍ତ୍ତମାନ ଜନ୍ମଭୂମିରେ ସ୍ମାରକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ପରେ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ ୨୦୧୮ ଏପ୍ରିଲ ୧୪ ତାରିଖ ଦିନ ସେଠାରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପ୍ରତ୍ୟେକ ବର୍ଷ ଏପ୍ରିଲ ୧୪ ତାରିଖ ଦିନ ସେଠାରେ ବହୁ ସଂଖ୍ୟାରେ ସାଧାରଣ ଜନତା ବିଶେଷକରି ବୌଦ୍ଧ ଓ ଅନ୍ୟ ପର୍ଯ୍ୟଟକ ଶ୍ରଦ୍ଧା ସୁମନ ଅର୍ପଣ କରିଥାଆନ୍ତି । ଏହି ସ୍ମାରକୀର ସଂରଚନା ବୌଦ୍ଧ ସ୍ତୂପ ସଦୃଶ୍ୟ । ସ୍ମାରକୀର ପ୍ରବେଶ ଦ୍ୱାରରେ ଆମ୍ବେଦକରଙ୍କ ଏକ ଭବ୍ୟ ପ୍ରତିମୂର୍ତ୍ତି ସ୍ଥାପନା କରାଯାଇଛି । ସ୍ମାରକୀରେ ହିନ୍ଦୀରେ 'ଭୀମ ଜନ୍ମଭୂମି' ମୂର୍ତ୍ତି ସହିତ ଉପରେ ଏକ ବଡ଼ ଅଶୋକ ଚକ୍ର ସ୍ଥାନୀତ ହୋଇଛି । ସ୍ମାରକ ସମ୍ମୁଖ ଭାଗ ଉପରେ ଦୁଇଟି ବୌଦ୍ଧ ଧ୍ୱଜ ଶୋଭା ପାଉଛି । ସ୍ମାରକର ମଧ୍ୟରେ ଆମ୍ବେଦକରଙ୍କ ଜୀବନାଦର୍ଶର ଅନେକ ଚିତ୍ର ଶୋଭା ପାଉଛି । ପର୍ଯ୍ୟଟକମାନେ ସେଠାରୁ ତାଙ୍କ ସମ୍ବନ୍ଧରେ ସମସ୍ତ ତଥ୍ୟ ଜାଣିପାରିବେ ।



ସର୍ବେଶ୍ୱର ବେହେରା

**ଶିକ୍ଷାଭୂମି**

ଲଣ୍ଡନ ଠାରେ ଡ. ଆମ୍ବେଦକର ଉଚ୍ଚଶିକ୍ଷା ପ୍ରାପ୍ତ କରିଥିଲେ । ସେଠାରେ ସେ ଯେଉଁ ଘରେ ରହୁଥିଲେ ତାହା ଏକ ସ୍ମାରକୀରେ ପରିଣତ ହେଉ, ସେଥିପାଇଁ କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟାରେ ୨୦୧୫ ମସିହାରେ ମହାରାଷ୍ଟ୍ରର ତତ୍କାଳୀନ ସରକାର ସେ ସ୍ଥାନକୁ କ୍ରୟ କରିଛନ୍ତି ଓ ତାହାକୁ ବିକଶିତ କରିଛନ୍ତି । ଏହି ଘରେ ଅଧ୍ୟୟନ କରି ସେ ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସରେ ଡି.ଏସ.ସି କରିଥିଲେ । ତାଙ୍କର ଗବେଷଣାର ବିଷୟ ଥିଲା 'ପ୍ରବ୍ଲେମ ଅଫ ଇଣ୍ଡିଆନ ରୁପି' ଏହି ଶୋଧପତ୍ରରେ ସେ ଇଂରେଜ ସରକାର କିପରି ଭାରତକୁ ଅର୍ଥନୈତିକ ଶୋଷଣ କରୁଛନ୍ତି ତାହା ଦର୍ଶାଇଥିଲେ । ଇଂଲଣ୍ଡର ରାଜଧାନୀରେ ଅଧ୍ୟୟନ କରି ଇଂଲଣ୍ଡ ବିରୋଧରେ ନିଜର ଗବେଷଣା ପୁସ୍ତକ ମାଧ୍ୟମରେ ସେ ଯାହା ଦର୍ଶାଇଥିଲେ ତତ୍କାଳୀନ ଇଂରେଜ ଶିକ୍ଷାବିତମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା । ତାଙ୍କର ଏହି ସତସାହସ ଯୋଗୁଁ ସେ ଆଜି ପ୍ରଜ୍ଞାପୁରୁଷ । ଇଂରେଜ ପରୀକ୍ଷକ ତାଙ୍କର ଗବେଷଣାମୂଳକ ପୁସ୍ତକକୁ ଅଗ୍ରାହ୍ୟ କରିଦେଇଥିଲେ । ପରେ ସେ ଭାରତ ପ୍ରତ୍ୟାବର୍ତ୍ତନ କରି ବିଭିନ୍ନ ସମ୍ବାଦପତ୍ରରେ ତାହାକୁ ଉଲ୍ଲେଖ କରିଥିଲେ । ତାଙ୍କର ଏହି ଲେଖା ଭାରତୀୟ ଅର୍ଥନୀତିରେ ଘୋର ପ୍ରଭାବ ବିସ୍ତାର କଲା । ଫଳସ୍ୱରୂପ ୧୯୩୪ ମସିହାରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ସ୍ଥାପନା କରିବାକୁ ଇଂରେଜମାନେ ବାଧ୍ୟ ହୋଇଥିଲେ । ମହାରାଷ୍ଟ୍ର ସରକାର ସେ ସ୍ଥାନକୁ ବିକଶିତ କରି ସ୍ମାରକୀରେ ପରିଣତ କରିଛନ୍ତି । ସେଠାରେ ଏକ ମ୍ୟୁଜିୟମ ପ୍ରତିଷ୍ଠା କରାଯାଇ ଆମ୍ବେଦକରଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ ଓ ଗବେଷଣା ଆଲେଖ୍ୟ ସଂଗୃହୀତ ଓ ଗଚ୍ଛିତ କରାଯାଇଛି । ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲଣ୍ଡନ ପ୍ରବାସ ସମୟରେ ଏହି ସ୍ମାରକୀକୁ ଶୁଭ ଉଦ୍‌ଘାଟନ କରିଥିଲେ ।

**ମହାନିର୍ବାଣ ଭୂମି**

ଡ. ଆମ୍ବେଦକରଙ୍କ ଦେହାବସାନ ୧୯୫୬, ଡିସେମ୍ବର ୬ ତାରିଖରେ ଦିଲ୍ଲୀର ୨୬ ଅଲ୍ଲୀପୁର ରୋଡ଼ସ୍ଥିତ ବଙ୍ଗଳାରେ ହୋଇଥିଲା । ତାହା ଏକ ରାଷ୍ଟ୍ରୀୟ ସ୍ମାରକୀ ରୂପେ ଶୋଭା ପାଉଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଏକ ରାଷ୍ଟ୍ରୀୟ ସଂଗ୍ରହାଳୟ ରୂପେ ଉଦ୍‌ଘାଟନ କରିଛନ୍ତି । ୧୬୨ କୋଟି ଆବଣ୍ଟନ କରି ସେଠାରେ ବହୁତଳ ବିଶିଷ୍ଟ ଗୃହ ନିର୍ମାଣ କରି ଡ. ଆମ୍ବେଦକରଙ୍କ ସମସ୍ତ ସ୍ମୃତି ଗଚ୍ଛିତ କରାଯାଇଛି । ୧୯୫୧ ମସିହାରେ ଡ. ଆମ୍ବେଦକର କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ କରି ଏହି ୨୬, ଅଲିପୁର ରୋଡ଼ରେ ନିଜସ୍ୱ ଭବନରେ ମୃତ୍ୟୁ ପର୍ଯ୍ୟନ୍ତ ବସବାସ କରୁଥିଲେ । ଏହାକୁ ଏବେ ପବିତ୍ର ପରିନିର୍ବାଣ ସ୍ଥାନ ରୂପେ ନାମିତ କରାଯାଇଛି । ଏହି ସ୍ଥାନ ୭,୩୭୪ ବର୍ଗ ମିଟର ମଧ୍ୟରୁ ୪୫୬୧ ବର୍ଗ ମିଟରରେ ଏହି ସ୍ମାରକୀ ନିର୍ମାଣ କରାଯାଇଛି । ଏହି ସ୍ଥାନ ଆଜି ସମସ୍ତ ଆମ୍ବେଦକର ପ୍ରେମୀ ଶ୍ରଦ୍ଧାଳୁମାନଙ୍କ ପାଇଁ ତୀର୍ଥସ୍ଥାନ ପାଲଟିଛି । ଏଠାରେ ତାଙ୍କର ଜୀବନୀ ସହିତ ସାମାଜିକ-ଆର୍ଥିକ ବିଷୟରେ ଅନୁସନ୍ଧାନ କରାଯାଉଛି । ତାଙ୍କ ସମ୍ବନ୍ଧରେ ଗବେଷଣା କରିବା ପାଇଁ ଏହା ଏକ ଉତ୍କୃଷ୍ଟ ସ୍ଥାନରେ ପରିଚିତ ହୋଇଛି ।

**ଦୀକ୍ଷାଭୂମି**

ଡ. ଆମ୍ବେଦକର ୧୯୫୬, ଅକ୍ଟୋବର ୧୪ ତାରିଖ ବିଜୟାଦଶମୀ ତିଥିରେ ମହାରାଷ୍ଟ୍ରର ନାଗପୁର ଠାରେ ନିଜର ୪ଲକ୍ଷ ଅନୁଗାମୀଙ୍କ ସହିତ ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇଥିଲେ । ଏହି ଦୀକ୍ଷାଭୂମି ସାମାଜିକ ଆନ୍ଦୋଳନକାରୀଙ୍କ ପାଇଁ ଏକ ପ୍ରେରଣା ଭୂମି ପାଲଟିଛି । ଏହି ସ୍ଥାନରେ ବିଶ୍ୱର ସର୍ବଶ୍ରେଷ୍ଠ ବୌଦ୍ଧ ସ୍ତୂପ ନିର୍ମାଣ କରାଯାଇଛି । ନାଗପୁରର ନଗରଠାରେ ଏକ ବିରାଟ ସ୍ତୂପ ନିର୍ମାଣ କରାଯାଇଛି। ଏହି ସ୍ତୂପରୁ ୧୯୭୮ ଜୁଲାଇ ମାସରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଦୀର୍ଘଦିନ ପରେ ୨୦୦୧ ଡିସେମ୍ବର ୧୮ ତାରିଖରେ ଏହାର ଶୁଭ ଉଦ୍‌ଘାଟନ ଭାରତର ରାଷ୍ଟ୍ରପତି ଶ୍ରୀ କେ.ଆର.ନାରାୟଣଙ୍କ ଦ୍ୱାରା ହୋଇଥିଲା । ଦ୍ୱିତଳ ବିଶିଷ୍ଟ ସ୍ତୂପଟି ୪୦୦୦ ବର୍ଗ ଫୁଟ । ଏକ ସମୟରେ ଏଠାରେ ପ୍ରାୟ ୫୦୦୦ ସନ୍ନ୍ୟାସୀମାନଙ୍କର ସଭା ଅନୁଷ୍ଠିତ ହୋଇପାରୁଛି । ତା' ସହିତ ଗ୍ରନ୍ଥାଗାର, ଫଟୋ ପ୍ରଦର୍ଶନୀ, ତାଙ୍କ ଜୀବନର ଘଟଣା ସମ୍ବଳିତ ତଥ୍ୟ ସବୁ ସେଠାରେ ଗଚ୍ଛିତ ଅଛି । ଚାରି ଦ୍ୱାର ବିଶିଷ୍ଟ ସ୍ତୂପର ଉପରେ ଅଶୋକ ଚକ୍ର ବିଦ୍ୟମାନ । ତାଙ୍କର ୧୨୫ତମ ଜନ୍ମଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ପ୍ରଥମ ଶ୍ରେଣୀ ପର୍ଯ୍ୟଟନ ସ୍ଥାନ ରୂପେ ଘୋଷଣା କରିଛନ୍ତି । ଏହାକୁ ଅଧିକ ବିକଶିତ କରିବା ପାଇଁ ଅର୍ଥ ଆବଣ୍ଟନ କରିଛନ୍ତି ।

**ଚୈତ୍ୟଭୂମି**

ମୁମ୍ବାଇ ସ୍ଥିତ ଚୈତ୍ୟଭୂମିରେ ଡ. ଆମ୍ବେଦକର ସ୍ମାରକକୁ ବିକଶିତ କରାଯାଇ ଏହାକୁ ଭବ୍ୟ ରୂପ ପ୍ରଦାନ କରାଯାଇଛି । ୨୦୧୫ ଅକ୍ଟୋବର ୧୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ଭୂମି ପୂଜନ କରିଛନ୍ତି । ଆମ୍ବେଦକରଙ୍କ ଏକ ବିଶାଳ ପ୍ରତିମୂର୍ତ୍ତି ଏହିଠାରେ ଶୋଭା ପାଇବ । ୪୫୦ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି ପୃଥିବୀର ତୃତୀୟ ଉଚ୍ଚ ମୂର୍ତ୍ତି ରୂପେ ନିର୍ମାଣାଧୀନ ଅଛି । ଏହା ଆଗାମୀ ୨୦୨୬ ମେ' ମାସରେ ପୂର୍ଣ୍ଣାଙ୍ଗ ହେବ ବୋଲି ଧାର୍ଯ୍ୟ ଅଛି । ଏଥିରେ ୪୨୫ କୋଟି ଅର୍ଥ ବ୍ୟୟ ହେବ । ଅର୍ଦ୍ଧାଧିକ କାର୍ଯ୍ୟ ସମ୍ପନ୍ନ ହୋଇ ସାରିଲାଣି । ମୁମ୍ବଇର ନାଦର ଠାରେ ଡ. ଆମ୍ବେଦକରଙ୍କ ସ୍ମୃତି ଚିହ୍ନକୁ ଚୈତ୍ୟଭୂମି କୁହାଯାଉଛି । ସବୁ ସ୍ଥାନ ପରି ଏଠାରେ ମଧ୍ୟ ଆମ୍ବେଦକରଙ୍କର ସମସ୍ତ ସ୍ମୃତିଚିହ୍ନ, କାର୍ଯ୍ୟାବଳୀର ଫଟୋ ପ୍ରଦର୍ଶନୀ ଆଦି ଶୋଭା ବର୍ଦ୍ଧନ କରିବ । ଏହା ନିକଟରେ ଏକ ବିଶାଳ ବିପାସନା ଗୃହ ନିର୍ମାଣାଧୀନ ଅଛି । ଯେଉଁଠାରେ ଏକ ସମୟରେ ପ୍ରାୟ ୧୩,୦୦୦ ଶ୍ରଦ୍ଧାଳୁ ଏକତ୍ର ଧ୍ୟାନ କରିପାରିବେ । ତା' ସହିତ ଏକ ବୃହତ ଗ୍ରନ୍ଥାଗାର ମଧ୍ୟ ନିର୍ମାଣ ହୋଇଛି ।

ଆମ୍ବେଦକରଙ୍କ ଦର୍ଶନ, ସାହିତ୍ୟ, ସାପ୍ତାହିକ ସନ୍ଦେଶ ଲୋକଲୋଚନରେ ପ୍ରସାରିତ ହେଉଛି । ଏହାକୁ ଅଧିକ ପ୍ରଚାର ପ୍ରସାର କରିବା ପାଇଁ ଉପରୋକ୍ତ ପଞ୍ଚତୀର୍ଥ ପ୍ରେରଣା ସ୍ତମ୍ଭ ସାବ୍ୟସ୍ତ ହେବ । ଆମ୍ବେଦକରଙ୍କ ବିଚାର କାଳଜୟୀ । କେବଳ ସମସ୍ତ ଜନସାଧାରଣ ତାଙ୍କର ରାଷ୍ଟ୍ରୀୟ ବିଚାର ଓ ଆଦର୍ଶ ଜୀବନ ମୂଲ୍ୟକୁ ଆତ୍ମସାତ କରି ଅଙ୍ଗୀକାର କରିବାର ସମୟ ଆଜି ଉପନୀତ । ଏଣୁ କେନ୍ଦ୍ର ସରକାର ଆମ୍ବେଦକରଙ୍କ ସହିତ ଯୋଡ଼ା ଯାଇଥିବା ସମସ୍ତ ସ୍ଥାନକୁ ପଞ୍ଚତୀର୍ଥ ରୂପେ ବିକଶିତ କରିଛନ୍ତି ।

ଆଡଭୋକେଟ, ଖଟବିନ ସାହି,
କଟକ
ମୋ-୯୪୩୭୦୧୬୩୮୪



ଶ୍ରୁତି ହାସନ

# ହଲିଉଡ୍ ୱେବ୍ ସିରିଜ୍‌ରେ ଶ୍ରୁତି

ଅଭିନେତ୍ରୀ ତଥା ଗାୟିକା ଶ୍ରୁତି ହାସନ ଅନ୍ତର୍ଜାତୀୟ ଅଡିଓ
ାମା 'ସ୍ୟାଣ୍ଡମ୍ୟାନ୍: ଆକ୍ଟ ଥାର୍ଡ'ରେ ତାଙ୍କ ସ୍ୱର ସହିତ ଆଉ
ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି। ଶ୍ରୁତି ତାଙ୍କର ଇଂରାଜୀ
ଲ 'ଶି ଇଜ୍ ଏ ହିରୋ' ରିଲିଜ୍ ହେବାର କିଛି ଦିନ ପରେ
ଆସିଥିଲା। ଯାହାକୁ ଦର୍ଶକ ଏବଂ ସମାଲୋଚକମାନେ ଏହି
ଟକୁ ଖୁବ୍ ପସନ୍ଦ କରିଥିଲେ। ନ୍ୟୁୟର୍କ ଟାଇମ୍ସର ସର୍ବଶ୍ରେଷ୍ଠ
, ମଲ୍ଟିପାର୍ଟ ଅଡିଓ ଡ୍ରାମା ସିରିଜର ତୃତୀୟ କିସ୍ତି କେବଳ
ଲ ବିଶେଷ ରୂପରେ ଡିସି ଦ୍ୱାରା ମୁକ୍ତିଲାଭ କରିଛି। ୱାର୍ଲ୍ଡ
ଣ୍ଡ ସିରିଜ୍‌ରେ ଶ୍ରୁତି ଜଣେ ଜମିଦାର ଭୂମିକାରେ ଅଭିନୟ
ଛନ୍ତି। ଶ୍ରୁତିଙ୍କ ପାଇଁ ଏହା ଏକ ସ୍ୱପ୍ନ ସାକାର ହେଲା ପରି
ସିଏ ତାଙ୍କ ସାକ୍ଷାତକାରରେ ସର୍ବଦା ଉଲ୍ଲେଖ କରିଛନ୍ତି
ମ୍ୟାନ୍ ସିରିଜର ଜଣେ ବଡ଼ ପ୍ରଶଂସକ ଏବଂ ସେ
ଂ ଜଣେ ବଡ଼ ପ୍ରଶଂସକ। 'ଟ୍ରେଡଷ୍ଟୋନ୍' ଏବଂ
' ପରେ ଏହା ଶ୍ରୁତିଙ୍କର ତୃତୀୟ ଅନ୍ତର୍ଜାତୀୟ
ଂ ଏହି ସିରିଜରେ ଜେମ୍ସ ମ୍ୟାକବଏ, କ୍ୟାଟ୍
ମାରଗୋଲିସ୍ ଏବଂ ଜଷ୍ଟିନ ବିବିଆନ୍ ବଣ୍ଡ
। ସମାନ କଥା ଶ୍ରୁତି ମଧ୍ୟ କହିଛନ୍ତି, 'ନୀଲ
ତ ଏଭଳି ଏକ ଆଇକନିକ ସିରିଜର ଏକ
ଂଶ ହେବା ଅତ୍ୟନ୍ତ ଗର୍ବ ଅନୁଭବ କରୁଛି।
ଥାର୍ଡ' ସହିତ ନିର୍ମାତାମାନେ ଏହି ସିରିଜକୁ
ଛନ୍ତି। ଶ୍ରୁତିଙ୍କ ଆଗାମୀ ଚଳଚ୍ଚିତ୍ର ବିଷୟରେ
ଶ୍ରୁତି ପ୍ରଶାନ୍ତ ନୀଲଙ୍କ 'ସାଲାର'ରେ ପ୍ରଭାସଙ୍କ
ଜର ଆସିବେ। 'ସାଲାର' ବ୍ୟତୀତ ଅଭିନେତ୍ରୀ
ଏବଂ ଚିରୁଞ୍ଜୀବୀଙ୍କ ସହ ଚିରୁ ୧୫୪ ସୁଟିଂରେ
ବ୍ୟସ୍ତ ଅଛନ୍ତି।



# ୨୫ ବର୍ଷରେ ୨୨ ପିଲାର ମା'

୨୫ ବର୍ଷ ବୟସରେ ୨୨ ପିଲାର ମା'। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ସତ୍ୟ। ବର୍ତ୍ତମାନ ସେ ଆହୁରି ୮୦ ସନ୍ତାନ ଜନ୍ମ କରିବାକୁ ଚାହୁଁଥିବା କହିଛନ୍ତି। ଘଟଣାଟି ହେଉଛି ବ୍ରିଟେନରେ। 'ଦି ସନ୍' ୱେବ୍‌ସାଇଟ୍ ଅନୁଯାୟୀ ବ୍ରିଟେନରେ ରହୁଥିବା ଏହି ମହିଳାଙ୍କ ନାମ ହେଉଛି ଖ୍ରୀଷ୍ଟିନା ଓଜଟର୍କ। ସେ ଜଣେ କୋଟିପତି ପୁରୁଷଙ୍କୁ ବିବାହ କରିଛନ୍ତି। ୨୦୧୪ ମସିହାରେ କ୍ରିଷ୍ଟିନାଙ୍କୁ ମାତ୍ର୧୭ ବର୍ଷ ହୋଇଥିଲା। ଯେତେବେଳେ ସେ ଝିଅ ଜନ୍ମ ଦେଇଥିଲେ। ସେତେବେଳେ ଝିଅର ଚିତ୍କାର ଏବଂ ଖେଳିବାକୁ ପସନ୍ଦ କଲେ ଯେ ସେମାନେ ୧୦୫ ରୁ ଅଧିକ ପିଲା ଜନ୍ମ କରିବାର ଲକ୍ଷ୍ୟ ରଖିବାକୁ ସ୍ଥିର କଲେ। କିନ୍ତୁ ମାନବ ଶାରୀରିକ ବିଜ୍ଞାନ ଅଧୀନରେ ଏହା ସମ୍ଭବ ନୁହେଁ। ତେଣୁ ସେ ସରୋଗେସିର ରାସ୍ତା ବାଛିଥିଲେ। ସେମାନଙ୍କର ଇଚ୍ଛା ପୂରଣ କରିବା ପାଇଁ, ଦମ୍ପତି ସରୋଗେସି କରୁଥିବା କମ୍ପାନୀଗୁଡିକୁ ନିଯୁକ୍ତି ଦେଇଥିଲେ। ସେ ବିଭିନ୍ନ ମହିଳାଙ୍କ ଗର୍ଭରେ ଫର୍ଟିଲାଇଜ୍ କରିଥିଲେ। ଏହି ପ୍ରକ୍ରିୟା ମାଧ୍ୟମରେ, ଦମ୍ପତି ଏପର୍ଯ୍ୟନ୍ତ ୨୧ ଟି ସନ୍ତାନ ଜନ୍ମ ଦେଇଛନ୍ତି। ଅର୍ଥାତ୍ ସେମାନଙ୍କର ବର୍ତ୍ତମାନ ୨୨ ସନ୍ତାନ ଅଛି। ସେମାନଙ୍କର ଲକ୍ଷ୍ୟ ପୂରଣ କରିବାକୁ, ଆହୁରି ୮୩ ପିଲା ଜନ୍ମ କରିବାକୁ ଚାହୁଁଛନ୍ତି। ଏହି ଇଚ୍ଛା ପୂରଣ କରିବାକୁ, ସେମାନେ ୧୦୦ହଜାର ଡଲାର ଅର୍ଥାତ୍ ପ୍ରତି ପିଲାଙ୍କ ପାଇଁ ପ୍ରାୟ ୮ଲକ୍ଷ ଟଙ୍କା ଦେଉଛନ୍ତି। କ୍ରିଷ୍ଟିନା ଓଜଟୁର୍କ କହିଛନ୍ତି ଯେ ତାଙ୍କର ପୁରା ଦିନ ତାଙ୍କ ପିଲାମାନଙ୍କର ଯତ୍ନ ନେବାରେ ଅତିବାହିତ ହେଉଛି। ସେମାନେ ସେମାନଙ୍କ ବିଷୟରେ ପ୍ରତ୍ୟେକ ଛୋଟ ଜିନିଷର ଯତ୍ନ ନିଅନ୍ତି। ବର୍ତ୍ତମାନ ସେ ବହୁତ ଖୁସି ମଧ୍ୟ ଅଛନ୍ତି।

# ପ୍ରେମ ମାନେନି ପାତର ଅନ୍ତର



ପ୍ରେମ ମାନେନା ଜାତି, ଧର୍ମ, ଗରିବ ଓ ଧନୀ। ପ୍ରେମ ସଂସାରର ସବୁଠାରୁ ଭଲ ଅନୁଭବ। ପ୍ରେମ ବୁଝେନା ଧନୀ-ଗରିବ, ଯାହାର ପ୍ରମାଣ ଅନେକ ରହିଛି। ପ୍ରେମରେ ଅନ୍ଧ ହୋଇ ଜଣେ ୨୦ ବର୍ଷର ଯୁବତୀ ତାଙ୍କ ଚାକରକୁ ବାହା ହୋଇ ଯୁବପିଢ଼ିଙ୍କୁ ଏକ ବାର୍ତ୍ତା ଦେଇଛନ୍ତି ୟୁ ଟ୍ୟୁବ ମାଧ୍ୟମରେ। ଘଟଣାଟି ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଘଟିଛି। ଯୁବତୀ ଜଣଙ୍କର ନାମ ହେଉଛି ମୁସ୍କାନ। ଭିଡିଓ ମାଧ୍ୟମରେ ସେ କହିଛନ୍ତି, ସେ ନିଜ ଘରର ପଶୁମାନଙ୍କର ଯତ୍ନ ନେବା ପାଇଁ ଜଣେ ଚାକରକୁ ନିଯୁକ୍ତ କରିଥିଲେ । ମୁସ୍କାନ ଚାକରଙ୍କ ସଚ୍ଚୋଟତା ଦେଖି ତାଙ୍କୁ ଭଲପାଇ ବସିଲେ ଏବଂ ପରେ ତାଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ। ଯେତେବେଳେ ମୁସ୍କାନ, ଅମିରଙ୍କୁ ବାହାଘର ପାଇଁ ପ୍ରସ୍ତବ ଦେଇଥିଲେ ସେତେବେଳେ ଅମିର ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ମୁସ୍କାନ୍ ତାଙ୍କୁ ସନ୍ଧ୍ୟା ପର୍ଯ୍ୟନ୍ତ ସମୟ ଦେଇଥିଲେ। ଅମିର ତାଙ୍କ ପରିବାର ଲୋକଙ୍କ ପରାମର୍ଶ କରି ବିବାହ ପାଇଁ ରାଜି ହୋଇଥିଲେ। ଚାରକକୁ ବିବାହ ପାଇଁ ମୁସ୍କାନଙ୍କ ମାଆ ମଧ୍ୟ ମନା କରି ନଥିଲେ। ବିବାହ ପରେ ଅମିରଙ୍କ କାମ ପାଇଁ ଆଉ ତିନି ଜଣ ଲୋକଙ୍କୁ ମୁସ୍କାନ ରଖି କହିଛନ୍ତି। ଅମିରଙ୍କୁ ବିବାହ କରି ସେ ସବୁକିଛି ପାଇଛନ୍ତି ବୋଲି ମୁସ୍କାନ କହିଛନ୍ତି। ଏକ ଭିଡିଓ ମାଧ୍ୟମରେ ମୁସ୍କାନ କହିଛନ୍ତି ଯେ, ଛୋଟ କି ବଡ, ଧନୀ ଏବଂ ଗରିବ ପ୍ରେମରେ ଦେଖାଯାଏ ନାହିଁ। ଏହି ପରିପ୍ରେକ୍ଷୀରେ ଅମୀର ତାଙ୍କ ପତ୍ନୀ ମୁସ୍କାନଙ୍କ ପାଇଁ ଏକ ଗୀତ ମଧ୍ୟ ଗାଇଛନ୍ତି – ତେରେ ଇସ୍କ ମେଁ ପାଗଲ ହୋ ଗୟା, ଦିୱାନା ତେରେ ... ଯେଉଁଠାରେ, ମୁସ୍କାନ ମଧ୍ୟ ଏକ କବିତା ମାଧ୍ୟମରେ ପ୍ରେମ ବ୍ୟକ୍ତ କରିଛନ୍ତି – ଚାନ୍ଦନୀ ଚନ୍ଦ୍ରର, ତାରାର ନୁହେଁ, ପ୍ରେମ ଜଣକଙ୍କୁ ହୁଏ ହଜାରେଙ୍କୁ ନୁହେଁ।

# ନିରାଶ କଲେ, ଟ୍ରୋଲ ହେଲେ ପ୍ରଭାସ

ଦର୍ଶକଙ୍କୁ ଖୁସି କରିବା ବଦଳରେ ସାଉଥ ସୁପରଷ୍ଟାହ ପ୍ରଭାସ ନିରାଶ କରିଛନ୍ତି। ସୋସିଆଲ ମିଡିଆରେ ୟୁଜର୍ସମାନେ ପ୍ରଭାସଙ୍କୁ ଟ୍ରୋଲ୍ କରିବା ସହ କଟୁ କଥା ଶୁଣାଉଛନ୍ତି। ନିକଟରେ ରିଲିଜ ହୋଇଛି ବହୁ ପ୍ରତିକ୍ଷିତ ଫିଲ୍ମ 'ଆଦିପୁରୁଷ'ର ଟିଜର। ଏହି ଫିଲ୍ମର ଟିଜରକୁ ଲୋକେ ଦୀର୍ଘ ଦିନ ଧରି ଅପେକ୍ଷା କରିଥିଲେ। ତେବେ ଏହି ଟିଜର ସାମ୍ନାକୁ ଆସିବା ପରେ ଫ୍ୟାନ୍‌ମାନଙ୍କ ମନ ପାଣି ଫୋଟକା ଭଳି ଫାଟିଯାଇଛି। ଏହା ପଛର କାରଣ ହେଉଛି ଫିଲ୍ମରେ ବ୍ୟବହୃତ ହୋଇଥିବା ଖରାପ ଭିଏଫ୍‌ଏକ୍ସ। ରିଲିଜ ହୋଇଥିବା 'ଆଦିପୁରୁଷ'ର ଟିଜରରେ ପ୍ରଭାସଙ୍କୁ ପ୍ରଭୁ ରାମଙ୍କ ଭୂମିକାରେ ଦେଖିବାକୁ ମିଳିଛି। ଯିଏ ମାତା ସୀତାଙ୍କୁ ଲଙ୍କାରୁ ଫେରାଇ ଆଣୁଛନ୍ତି। ରାମ ସୀତାଙ୍କ ସହିତ ଏକ ବାନାର ସେନା ମଧ୍ୟ ଅଛନ୍ତି । ହେଲେ ଏହି ସମସ୍ତ ଦୃଶ୍ୟ ଏକ ଆନିମେସନ୍ ଫିଲ୍ମ ଭଳି ଦେଖାଯାଉଛି। ଏହା ଲାଇଭ୍ ଆକ୍ସନ୍ ଫିଲ୍ମ ନୁହେଁ। ଏହାକୁ ନେଇ ପ୍ରଶଂସକମାନେ ବିଭିନ୍ନ କଥା କହୁଛନ୍ତି। ୟୁଜର୍ସମାନେ ଫିଲ୍ମ ନିର୍ମାତା, ନିର୍ଦ୍ଦେଶକ ଓ ପ୍ରଭାସଙ୍କୁ ଜୋରଦାର ଟ୍ରୋଲ କରିଛନ୍ତି। ଜଣେ ୟୁଜର୍ସ ଲେଖିଛନ୍ତି ଯେ ନିର୍ଦ୍ଦେଶକ ବାନର ସେନାର ସୈନିକମାନଙ୍କୁ ମୂଳ କାହାଣୀ ପରି ଅଧା ମାନବ ଏବଂ ଅଧା ମାଙ୍କଡ଼ କରିବା ଉଚିତ୍। କେବଳ ସେତିକି ନୁହେଁ ସୈଫ ଖାନଙ୍କ ଫର୍ମ ଏବଂ ପ୍ରଭାସଙ୍କ ରୂପାନ୍ତର ମଧ୍ୟ ୟୁଜର୍ସମାନଙ୍କୁ ପସନ୍ଦ ଆସିନାହିଁ। ନିର୍ଦ୍ଦେଶକ ଓମ ରାଉତ ତାଙ୍କ ଚଳଚ୍ଚିତ୍ର 'ଆଦିପୁରୁଷ' ରାମାୟଣର ପୌରାଣିକ କାହାଣୀ ଉପରେ ନିର୍ମାଣ କରିଛନ୍ତି। ଜାପାନର ଆନିମେଟେଡ୍ ଫିଲ୍ମ ରାମାୟଣ ଦେଖିବା ପରେ ଏହି ଚଳଚ୍ଚିତ୍ର ତିଆରି କରିବା ପାଇଁ ସେ ଚିନ୍ତା କରିଥିଲେ। କୋଭିଡ -୧୯ର ଲକଡାଉନ୍ ସମୟରେ ସେ 'ଆଦିପୁରୁଷ'ର କାହାଣୀ ଲେଖିଥିଲେ। ଫିଲ୍ମର ବଜେଟ୍ ୫୦୦ କୋଟି ଟଙ୍କା ବୋଲି କୁହାଯାଉଛି। ଭିଏଫ୍‌ଏକ୍ସ କାର୍ଯ୍ୟରେ ୨୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି। ଫିଲ୍ମରେ ସୁପରଷ୍ଟାର ପ୍ରଭାସ ପ୍ରଭୁ ରାମଙ୍କ ଭୂମିକାରେ ନଜର ଆସିଥିବା ବେଳେ କ୍ରିତି ସାନନ୍ ସୀତା ଭୂମିକାରେ ଅଛନ୍ତି। ଲକ୍ଷ୍ମଣଙ୍କ ଭୂମିକାରେ ସନ୍ନି ସିଂହ ଓ ରାବଣ ଭୂମିକାରେ ସୈଫ୍ ଅଲି ଖାନ୍‌ଙ୍କୁ ଦେଖିବାକୁ ମିଳିବ। ରିଲିଜ ହୋଇଥିବା ଟିଜରରେ କ୍ରିତିଙ୍କର ଏକ ଛୋଟ ଏବଂ ସୁନ୍ଦର ଝଲକ ମଧ୍ୟ ଦେଖିବାକୁ ମିଳିଛି। ୧୨ ଜାନୁଆରୀ ୨୦୨୩ରେ ଫିଲ୍ମ ରିଲିଜ୍ ହେବ।



# ମହିଳା କେଶ କାଟିଲେ ଅପରାଧ

ଦୁନିଆରେ ବିଭିନ୍ନ ଧର୍ମର ଲୋକ ବସବାସ କରନ୍ତି ଏବଂ ଧର୍ମକୁ ନେଇ ବହୁ ବିଶ୍ୱାସ ରହିଛି। ଯେଉଁମାନେ ନିଜ ସମ୍ପ୍ରଦାୟର ନିୟମକୁ ମାନିଥାଆନ୍ତି। ସେମିତି ଏକ ଧର୍ମ ଅଛି। ଯେଉଁଥିରେ ଝିଅ କିମ୍ବା ମହିଳାମାନଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ କେଶ କାଟିବାକୁ ଦିଅନ୍ତି ନାହିଁ। କେବଳ ଏତିକି ନୁହେଁ, ଏହି ସମ୍ପ୍ରଦାୟର ମହିଳାମାନେ ନିଜ ଶରୀରର କୌଣସି ଅଙ୍ଗରୁ କେଶ କାଢି ପାରିବେ ନାହିଁ। ଆନାବାପ୍ଟିଜିମ୍ ଖ୍ରୀଷ୍ଟିଆନ ଚର୍ଚ୍ଚ ସହିତ ଜଡିତ ଆମିଷ୍ ସମ୍ପ୍ରଦାୟ ଦୀର୍ଘ ଦିନ ଧରି ଏହି ନିୟମ ପାଳନ କରିଆସୁଛି। ବର୍ତ୍ତମାନ ଇଣ୍ଟରନେଟ୍ ଯୁଗରେ ସମୟ ବଦଳିଛି, କିନ୍ତୁ ସେମାନଙ୍କ ମାନସିକତା ତଥା ପରମ୍ପରାରେ ପରିବର୍ତ୍ତନ ଆସିପାରିନାହିଁ। ଏହି ସମ୍ପ୍ରଦାୟ ଏହାର ପରମ୍ପରା ଏବଂ ବିଶ୍ୱାସକୁ ପରିବର୍ତ୍ତନ କରିନାହିଁ। ଏହି ସମ୍ପ୍ରଦାୟର ଲୋକମାନେ ପୁରାତନ ରୀତିନୀତି ଅନୁସରଣ କରି ନିଜ ଜୀବନକୁ ଆଗକୁ ବଢାଉଛନ୍ତି। ଆମିଷ୍ ସମ୍ପ୍ରଦାୟର ମହିଳାମାନେ ସେମାନଙ୍କର କେଶ ସମ୍ବନ୍ଧରେ ବାଇବଲ ନିୟମ ଅନୁସରଣ କରନ୍ତି। ପ୍ରାଚୀନ ନିୟମ ଅନୁଯାୟୀ, ଏହି ସମ୍ପ୍ରଦାୟର ମହିଳାଙ୍କୁ କୌଣସି ସର୍ତ୍ତରେ କେଶ କାଟିବାକୁ ଦିଆଯାଇନଥାଏ। ଏହା ସହିତ ଆମିଷ୍ ମହିଳାମାନଙ୍କୁ କେଶକୁ ବାନ୍ଧି କପଡ଼ାରେ ଘୋଡାଇ ରଖିବାକୁ ପଡିଥାଏ। ଏହି ସମ୍ପ୍ରଦାୟର ମହିଳାମାନେ କେବଳ ଘର ଭିତରେ କେଶ ଖୋଲି ପାରିବେ। ଯଦି କୌଣସି ମହିଳା ଭୁଲ୍ କିମ୍ବା ଉଦ୍ଦେଶ୍ୟମୂଳକ ଭାବରେ କେଶ କାଟନ୍ତି, ତେବେ ଏହା ଲଜ୍ଜାଜନକ ଏବଂ ପାପ ଭାବରେ ବିବେଚନା କରାଯାଏ। ମହିଳାମାନଙ୍କୁ ମଧ୍ୟ ଏହି ନିୟମ ଅନୁଯାୟୀ ସେମାନେ ନିଜ ଶରୀରର କେଶକୁ ମଧ୍ୟ ବାହାର କରିପାରିବେ ନାହିଁ। ଯଦି ଜଣେ ମହିଳା କେଶ କାଟନ୍ତି କିମ୍ବା ରେଜର ବ୍ୟବହାର କରନ୍ତି, ତେବେ ତାଙ୍କୁ ଦଣ୍ଡ ଦିଆଯାଇପାରେ।

# ହଜାର ବର୍ଷ ପୁରୁଣା କବରସ୍ତାନରୁ ମିଳିଲା ବସ୍ତି ଏବଂ କଙ୍କାଳ

ପଶ୍ଚିମ ସ୍ଲୋଭାକିଆର ଭ୍ରାବେଲ୍ ଟାଉନରେ ପ୍ରତ୍ନତତ୍ତ୍ୱବିତମାନେ ଏକ ପୁରୁଣା କବରସ୍ତାନର ସନ୍ଧାନ କରିଛନ୍ତି। ଏହା ଅନେକ ହଜାର ବର୍ଷ ପୁରୁଣା ବୋଲି ଜଣାପଡ଼ିଛି। ପ୍ରତ୍ନତତ୍ତ୍ୱବିତଙ୍କୁ ପ୍ରାୟ ୩୬ଟି ବିନା ମୁଣ୍ଡର କଙ୍କାଳ ମିଳିଛି। କୁହାଯାଉଛି କି ଯେଉଁ ଲୋକମାନଙ୍କ ଏହି କଙ୍କାଳ ସେମାନେ ୫୨୫୦-୪୯୫୦ ଖ୍ରୀଷ୍ଟପୂର୍ବ ସମୟରେ ଏଠାରେ ରହୁଥିଲେ। ପ୍ରତ୍ନତତ୍ତ୍ୱବିତଙ୍କୁ ମଧ୍ୟ ୟୁରୋପର ସବୁଠାରୁ ବଡ ନିଓଲିଥିକ ବସ୍ତିର ଖନନ ସମୟରେ ଏହି କଙ୍କାଳ ସବୁ ମିଳିଛି। ସ୍ଲୋଭାକିଆର ଏହି ଟାଉନରେ ସ୍ଲୋଭାକ ଏବଂ ଜର୍ମାନ ପ୍ରତ୍ନତତ୍ତ୍ୱବିତ ଏକାଠି ମିଶି ପ୍ରସ୍ତର ଯୁଗର ସବୁଠାରୁ ବଡ ବସ୍ତିକୁ ନେଇ ସନ୍ଧାନ କରୁଛନ୍ତି। ପ୍ରତ୍ନତତ୍ତ୍ୱବିତଙ୍କ ସୂଚନା ଅନୁସାରେ ଏହି ସମସ୍ତ ଲୋକଙ୍କୁ କୌଣସି କଲ୍ଟ ସେଲିବ୍ରେଶନ ସମୟରେ ମାରିଦିଆଯାଇଥିବ। ଗତ ୭ ବର୍ଷରେ ଜାରି ଖନନ ଏବଂ ସର୍ଭେରେ ୧୨୦ ଏକରରେ ବ୍ୟାପିଥିବା ଏହି ବସ୍ତିରେ ଏପର୍ଯ୍ୟନ୍ତ ୩୦୦ରୁ ବଡ ଘରର ସନ୍ଧାନ ମିଳିଛି। ଏଥିରୁ ୫୦ରୁ ୭୦ ଘର ଏମିତି ଥିଲା ଯାହାକି ସେ ସମୟରେ ବ୍ୟବହାର ହେଉଥିଲା। ପ୍ରତି ବସ୍ତିରେ ସୁରକ୍ଷାକୁ ନଜରରେ ରଖି ଚାରିପଟେ ବାଡ ବା ପାଚେରୀ ବ୍ୟବସ୍ଥା କରାଯାଇଛି। ବସ୍ତିରେ ପଶିବା ପାଇଁ ୬ଟି ରାସ୍ତା ଅଛି ଯାହା ସୁରକ୍ଷା ପାଇଁ ପ୍ରସ୍ତୁତ ହୋଇଥିବା ଗାତ ମଧ୍ୟ ଦେଇ ଯାଉଛି। ଗତ ଖନନରେ ଏହି ସ୍ଥାନରେ ଅନେକ ଅଲଗା ଅଲଗା ସମାଧିର ମଧ୍ୟ ସନ୍ଧାନ ମିଳିଥିଲା । ଏବେ ଏହି ଖନନରେ ପ୍ରତ୍ନତତ୍ତ୍ୱବିତଙ୍କୁ ବସ୍ତି ଭିତରକୁ ଯାଉଥିବା ରାସ୍ତା ପାଖରେ ଖାଇରେ ପ୍ରାୟ ୩୬ ଜଣଙ୍କ ଅବଶେଷ ମିଳିଛି। ଏହି ସମସ୍ତ କଙ୍କାଳର ମୁଣ୍ଡ ନାହିଁ। ତେବେ ସବୁଥିରେ ହାତ ଗୋଡ ଅଛି। ଏଥିରେ ପୁରୁଷଙ୍କ ସମେତ ମହିଳା ଏବଂ ଶିଶୁଙ୍କ କଙ୍କାଳ ମଧ୍ୟ ସାମିଲ ରହିଥିବା ଜଣାପଡିଛି। ତେବେ କେବଳ ଗୋଟିଏ ଶିଶୁର କଙ୍କାଳରେ ମୁଣ୍ଡ ମିଳିଛି। ବର୍ତ୍ତମାନ ସମସ୍ତ ଅବଶେଷକୁ ଟିମ ଯାଞ୍ଚ ପାଇଁ ନେଇଛି। ଖୁବ୍‌ଶୀଘ୍ର ସେମାନଙ୍କ ଯାଞ୍ଚ ଆରମ୍ଭ ହୋଇଯିବ, ଯାହାପରେ ଅନୁମାନ କରାଯାଉଛି କି ଏମିତି କିଛି ସୂଚନା ମିଳିପାରିବ ଯାହା ପ୍ରତ୍ନତତ୍ତ୍ୱବିତଙ୍କୁ ଆଗକୁ ସନ୍ଧାନ ଜାରି ରଖିବାରେ ସାହାଯ୍ୟ କରିବ।



# ଭିଭିଭୂମି ନ ଥାଇ ଓଡିଶା ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡା ଆୟୋଜନ

କେନ୍ଦୁଝର, ୧୩।୪: କେନ୍ଦୁଝର ଠାରେ ଭିତ୍ତିଭୂମି ନ ଥାଇ ମଧ୍ୟ ଓଡିଶା ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ଆୟୋଜନ ହେଉଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି କ୍ରୀଡା ପ୍ରତିଯୋଗିତା ଏପ୍ରିଲ ୧୬ରୁ ୨୦ ତାରିଖ ମଧ୍ୟରେ ୫ଟି ଖେଳ ପଡିଆରେ ଆୟୋଜନ କରାଯିବ। ୫ଦିନ ବ୍ୟାପୀ ଅନୁଷ୍ଠିତ କ୍ରୀଡାରେ ଧରଣୀଧର ବିଶ୍ୱ ବିଦ୍ୟାଳୟ ଖେଳ ପଡିଆ ସମେତ ଶଙ୍କରପୁର ସ୍ଥିତ ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ,ଧରଣୀଧର ମେଡିକାଲ କଲେଜ ଖେଳ ପଡିଆ,ଓଡିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ ଖେଳ ପଡିଆ ଏବଂ କେନ୍ଦୁଝର ଷ୍ଟାଡିୟମ ଠାରେ କ୍ରୀଡା ଆୟୋଜନ କରାଯିବ। ଏକ ପକ୍ଷରେ ବର୍ତ୍ତମାନ ତାପମାତ୍ରା ପାଖାପାଖି ୪୦ଡିଗ୍ରୀ ପହଁଚିଥିବାବେଳେ ଅନ୍ୟପକ୍ଷରେ ଭାଗ ନେବାକୁ ଆସୁଥିବା ରାଜ୍ୟର ବିଭିନ୍ନ ବିଶ୍ୱ ବିଦ୍ୟାଳୟର କ୍ରୀଡାବିତ୍‌ଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ ରହିବା ବ୍ୟବସ୍ଥା ନାହିଁ। ଏପରି ପରିସ୍ଥିତିରେ ଏତେ ବଡ ଖେଳ ଆୟୋଜନ କିପରି ହେବ ତାହା ଆଲୋଚ୍ୟର ବିଷୟ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ବିନା ସୁବ୍ୟବସ୍ଥାରେ କ୍ରୀଡା ଆୟୋଜନ ହେଲେ ନାନା ସମସ୍ୟା ସୃଷ୍ଟି ହେଲେ ସରକାର ବଦନାମ ହେବେ। ପ୍ରକାଶ ଯେ, କେନ୍ଦୁଝର ଜିଲାରେ ନୂତନ ଭାବରେ ପ୍ରତିଷ୍ଠା ହୋଇଥିବା ଧରଣୀଧର ବିଶ୍ୱବିଦ୍ୟାଳୟର ଭିଭିଭୂମିର ଅଭାବ ଲାଗି ରହିଛି ଫଳରେ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଓ ଦୌଡ଼କୁଦ ପ୍ରତିଯୋଗିତାରେ ବାଧକ ସାଜୁଛି। ବିଶ୍ୱବିଦ୍ୟାଳୟର ଖେଳପଡ଼ିଆଟି ବିଭିନ୍ନ କାରଣରୁ ଖେଳ ଆୟୋଜନ ପାଇଁ ଅନୁପଯୋଗୀ ହୋଇ ପଡିଛି। ବିଶ୍ୱ ବିଦ୍ୟାଳୟର କ୍ରୀଡ଼ା କାଉନସିଲ ଗଠନ ହୋଇନାହିଁ ଓ ସେହିପରି ଖେଳ ପରିଚାଳନା,ଆୟୋଜନ ଆଦି ପାଇଁ କ୍ରୀଡ଼ା ପ୍ରଶିକ୍ଷକ ବା ଟେକନିକାଲ ବ୍ୟକ୍ତି ନ ଥିବାରୁ ଏଠାରେ ଖେଳ ଆୟୋଜନ ନ କରିବାକୁ ଉଚ୍ଚ ଶିକ୍ଷା ବିଭାଗକୁ ପୂର୍ବରୁ ଧରଣୀଧର ବିଶ୍ୱ ବିଦ୍ୟାଳୟ ରେଜିଷ୍ଟ୍ରାର ଚିଠି କରି ଅବଗତ କରିଥିଲେ। ସୂଚନାଯୋଗ୍ୟ ଯେ, ଓଡିଶା ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାର ଗାଇଡ୍ ଲାଇନ ଅନୁଯାୟୀ ବ୍ୟାଡ୍‌ମି□ନ, ଟେବୁଲ ଟେନିସ,ଚେସ୍,କ୍ୟାରମ ଆଦି ଇନ୍‌ଡୋର ଗେମ୍ ଏବଂ ଫୁଟବଲ ବଲ,କ୍ରିକେଟ୍, ଭଲିବଲ,ବାସ୍କେଟବଲ,ହକି,କବାଡି,ଖୋ ଖୋ ଭଳି ଖେଳ ପ୍ରତିଯୋଗିତା ଆୟୋଜନ ହେବ। ଏଠାରେ ବିଭିନ୍ନ ପ୍ରକାରର ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡାରେ ରାଜ୍ୟର ପ୍ରାୟ ପ୍ରାୟ ୩୦୦୦ କ୍ରୀଡାବିତ୍ ଅଂଶଗ୍ରହଣ କରିବେ। ଆୟୋଜନ ଆଦି ପାଇଁ କ୍ରୀଡ଼ା ପ୍ରଶିକ୍ଷକ ବା ଟେକନିକାଲ ବ୍ୟକ୍ତି ନାହାନ୍ତି ଓ ଜିଲାରେ ହକି,କ୍ରିକେଟ୍ ଷ୍ଟାଡ଼ିୟମ ମଧ ନାହିଁ। ଧରଣୀଧର ବିଶ୍ୱବିଦ୍ୟାଳୟର ଖେଳପଡ଼ିଆଟି ମଧ୍ୟ ବିଭିନ୍ନ କାରଣରୁ ଖେଳ ଆୟୋଜନ ଅନୁପଯୋଗୀ ହୋଇପଡିଛି। ବିଶ୍ୱ ବିଦ୍ୟାଳୟର କ୍ରୀଡ଼ା କାଉନସିଲ ଗଠନ ହୋଇନାହିଁ ଓ ସେହିପରି ଖେଳ ପରିଚାଳନା,ପ୍ରତିଯୋଗିତା ପାଇଁ ସବୁ ବିଶ୍ୱବିଦ୍ୟାଳୟରୁ ପ୍ରାୟ ୩ହଜାର ପ୍ରତିଯୋଗୀ ଓ ଅଫିସିଆଲ ଯୋଗ ଦେବାକୁ ଥିବାରୁ ସେମାନଙ୍କୁ ରହିବା ପାଇଁ ବିଶ୍ୱବିଦ୍ୟାଳୟରେ ସେଭଳି ବ୍ୟବସ୍ଥା ନାହିଁ। ପ୍ରତିଯୋଗିତା ଆୟୋଜନ ପାଇଁ ୧କୋଟି ୨୦ଲକ୍ଷ ଟଙ୍କା ସରକାରଙ୍କ ପକ୍ଷରୁ ମିଳିବ। ଏଣୁ ଏହାର ଖର୍ଚ୍ଚ ହିସାବ ରଖିବା ପାଇଁ କମ୍ପ୍ଟରଲର ଅଫ୍ ଫାଇନାନ୍ସ ନ ଥିବା ବେଳେ ବହୁତ କର୍ମଚାରୀ ଅଭାବ ରହିଛି। ଏଣୁ ଖେଳ ପରିଚାଳନା ସମ୍ପର୍କିତ ସଠିକ୍ ହିସାବ ରଖିବା ପାଇଁ ସମସ୍ୟା ଦେଖାଦେବ। ଅନଭିଜ୍ଞ ଓ କମ କର୍ମଚାରୀରେ ଖେଳ ଆୟୋଜନ ହେଲେ ପରିଚାଳନାଗତ ସମସ୍ୟା ଏବଂ ସରକାରୀ ଅର୍ଥର ବିନିଯୋଗରେ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ଧରଣୀଧର ବିଶ୍ୱବିଦ୍ୟାଳୟ ଅଯଥାରେ ବଦନାମ ହେବାର ଆଶଙ୍କା ରହିଛି। ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଓ ଦୌଡ଼କୁଦ ପ୍ରତିଯୋଗିତା ନ କରିବାକୁ ବିଶ୍ୱବିଦ୍ୟାଳୟର ପୂର୍ବତନ ରେଜିଷ୍ଟ୍ରାର ଗତ ଜାନୁଆରୀ ୨୧ ତାରିଖରେ ଚିଠି ଲେଖି ଉଚ୍ଚ ଶିକ୍ଷା ବିଭାଗ ଯୁଗ୍ମ ସଚିବଙ୍କୁ ଅବଗତ କରିଥିଲେ ମଧ୍ୟ ସରକାର ଏହାକୁ ଗୁରୁତ୍ୱ ଦେଇନଥିଲେ। ସେ ତାଙ୍କ ଚିଠିରେ ଭିତ୍ତିଭୂମି ନଥିବାରୁ କ୍ରୀଡା ପ୍ରତିଯୋଗିତା ଅନ୍ୟ କୌଣସି ବିଶ୍ୱବିଦ୍ୟାଳୟରେ କରିବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଥିଲା। ତେବେ ସରକାରଙ୍କୁ ଏଠାକାର ସ୍ଥିତି ଅବଗତ କରିବା ପରେ ତାଙ୍କର ହଠାତ୍ ବଦଳି ହୋଇଥିଲା। ଏହି କାର୍ଯ୍ୟକ୍ରମ ନ କରିବା ପାଇଁ ଚିଠି କରିବା ପରେ ରେଜିଷ୍ଟ୍ରାରଙ୍କ ବଦଳି ହୋଇଥିବା ଆଲୋଚନା ହେଉଛି। ଏହା ସତ୍ତ୍ୱେ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡା ଆୟୋଜନ କରାଯାଉଥିବାରୁ ନାନା ସମସ୍ୟା ଦେଖାଦେବା ସହ କ୍ରୀଡାବିତ୍ ଭାବେ ଉପଯୁକ୍ତ ସୁବିଧା ନମିଳିଲେ ଖେଳାଳୀମାନେ ସେମାନଙ୍କର ଖେଳ ସଠିକ୍ ଭାବେ ପ୍ରଦର୍ଶନ କରିପାରିବେ ନାହିଁ ବୋଲି କ୍ରୀଡାପ୍ରେମୀମାନେ କହିଛନ୍ତି।




## ବ୍ଲକ ସ୍ତରୀୟ ତ୍ରି ଦିବସୀୟ 'ପ୍ରଗତି' ପ୍ରଶିକ୍ଷଣ ଶିବିର



ବୁଗୁଡା **୧୩/୪(ନି.ପ୍ର):** ବୁଗୁଡା ସହରର ବାଳକ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିସରରେ ଏପ୍ରିଲ ୯, ୧୦, ଓ ୧୧ ତାରିଖ ତିନି ଦିନ ପାଇଁ ଅନୁଷ୍ଠିତ 'ପ୍ରଗତି' ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ପ୍ରଶିକ୍ଷଣ ଶିବିରକୁ ବୁଗୁଡା ବିଇଓ ଚିନ୍ମୟ ମହାପାତ୍ର ଉଦଘାଟନ କରିଥିବା ବେଳେ ଏବିଇଓ ତପସ୍ୱିନୀ ପାଢୀ ଅତିଥି ଭାବେ ଯୋଗଦେଇଥିଲେ। ଏହି ତ୍ରି ଦିବସୀୟ ପ୍ରଶିକ୍ଷଣ ଶିବିରରେ ତୃତୀୟ ବର୍ଗ ଓ ଚତୁର୍ଥ ବର୍ଗର ୪୫ ଜଣ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ବୃନ୍ଦଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ସମ୍ବଳ ବ୍ୟକ୍ତି ଭାବେ ଦିଲ୍ଲୀପ କୁମାର ଗନ୍ତାୟତ, ରବୀନ୍ଦ୍ର ବେହେରା ଓ ସୁରେନ୍ଦ୍ର ଜେନା ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ବୃନ୍ଦ ଏହି ପ୍ରଶିକ୍ଷଣ ଶିବିରରେ ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦, ସମସ୍ୟା ସମାଧାନ ଓ ସ୍କୁଲ ପରିଚାଳନାରେ ବିଦ୍ୟାଳୟର ମୁଖ୍ୟ ଭାବେ ନେତୃତ୍ୱ, ବିଦ୍ୟାଳୟ ସମ୍ବଳ ବୃଦ୍ଧି, ବିଦ୍ୟାଳୟର ସାମଗ୍ରିକ ବିକାଶ ପ୍ରଭୃତି ବିଷୟ ନେଇ ସହଭାଗୀତାରେ ତାଲିମ ଗ୍ରହଣ କରିଥିଲେ।

# ଚିକିଟୀ ଅବକାରୀ ଓ ପୋଲିସକୁ ମିଳିଛି ବଡ଼ ସଫଳତା
## ୩୦୫୦୦ଲି ପୋଚ ଓ ୨୨୦୦ ଲିଟର ଚୋରା ମଦ ଜବତ

ଚିକିଟୀ ,**୧୩/୪(ନି.ପ୍ର):** ଚିକିଟୀ ମଦ ମୃତ୍ୟୁ ଘଟଣା ପର ଠାରୁ ପୋଲିସ ଓ ଅବକାରୀ ବିଭାଗ ଲଗାତାର ବେ ଆଇନ ମଦ ଉପରେ ଚଢ଼ାଉ କରି ସଫଳତା ପାଇଥିବା ବେଳେ ଗୁରୁବାର ପୁଣି ଚଢ଼ାଉ କରି ଏକ ବଡ଼ ସଫଳତା ହାସଲ କରିଛି ବିଭାଗ ।ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ଃ ଶ୍ରବଣ ବିବେକ ଏମ, ଆଇ.ପି.ଏସ୍ ଓ ବ୍ରହ୍ମପୁର ଅବକାରୀ ଅଧିକ୍ଷକ ଶ୍ରୀ ପ୍ରବୀଣ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ତଥା ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ ପାତ୍ରପୁର ଅତିରିକ୍ତ ତହସିଲଦାର ଶ୍ରୀ ଦିଲ୍ଲୀପ କୁମାର ଦେହୁରୀ ଓ ଚିକିଟୀ ଏସ.ଡି.ପି.ଓ ଶ୍ରୀ ବିଶ୍ୱମିତ୍ର ହର୍ପାଲ୍ ଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ଜରଡା ଥାନା ଅନ୍ତର୍ଗତ ପର୍ଶୁରାମ କୁଣ୍ଡ, ଫଟକାସିଂ, ବଡଝୋଲା, ଶାସନ, ଗଙ୍ଗାପୁର, ଚଢ଼େଇଗାଁ ଏବଂ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ସୀମାନ୍ତବର୍ତ୍ତୀ ଅଞ୍ଚଳର ପାହାଡିଆ ଜଙ୍ଗଲ ଓ ନାଳ ନିକଟବର୍ତ୍ତୀ ଅଞ୍ଚଳରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଚୋରା ମଦ ଭାଟି ଗୁଡିକୁ ନଷ୍ଟ କରିବା ସହ ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ୩୦୫୦୦ ଲିଟର ଗୁଡ଼ ପିଡ଼ିଆ ପୋଚ ଓ ୨୨୦୦ ଲିଟର ଚୋରା ଅପମିଶ୍ରିତ ଦେଶୀ ମଦ, ଡ୍ରମ, ଡେକ୍ଚି ଇତ୍ୟାଦି କୁ ଜବତ କରିବାସହ ଫଟକାସିଂ ଗ୍ରାମ ର କ୍ଷେତ୍ର ଶବର (୩୦) ଙ୍କ ଘରୁ ୨୫୦ ଲିଟର ଚୋରା ଅପମିଶ୍ରିତ ଦେଶୀ ରନ୍ଧା ମଦ ଜବତ କରାଯାଥିବାବେଳେ ସେ ଘଟଣାସ୍ଥଳରୁ ଫେରାର ଅଛନ୍ତି ଓ ବଡଝୋଲା ଗ୍ରାମ ର ବନମାଳୀ ଶବର (୫୫) ଙ୍କ ନିକଟରୁ ୫୨୦ ଲିଟର ଚୋରା ଅପମିଶ୍ରିତ ଦେଶୀ ରନ୍ଧା ମଦ ଜବତ କରିବା ସହ ତାଙ୍କୁ ଗିରଫ କରାଯାଇଛି, ଉପରୋକ୍ତ ଜବତ ସାମଗ୍ରୀ ର ଆନୁମାନିକ ମୂଲ୍ୟ ୨୦,୦୦,୦୦୦/- ଟଙ୍କା ହେବ। ଏହି ଚଢ଼ଉ ରେ ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ଉପ - ଅଧିକ୍ଷକ ସୃତିକାନ୍ତ ରାଉତ, ଚିକିଟି ଅବକାରୀ ଉପ -ଅଧିକ୍ଷକ କୁମୁଦ ରଞ୍ଜନ କୁଅଁର, ବ୍ରହ୍ମପୁର ଅବକାରୀ ଉପ-ଅଧିକ୍ଷୀକା ସ୍ନେହଲତା ନାୟକ, ଚିକିଟି ଅବକାରୀ ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କୁମାର ପଣ୍ଡା, ଜରଡା ଥାନା ଅଧିକାରୀ ଟୁନା ସାସ୍ମଲ୍, ବ୍ରହ୍ମପୁର ଅବକାରୀ ରେଞ୍ଜ ଇନ୍ସପେକ୍ଟର ଅର୍ଜୁନ କୁମାର ମଲ୍ଲିକ, ବ୍ରହ୍ମପୁର ଅବକାରୀ ମୋବାଇଲ୍ ସ୍କ୍ୱାର୍ଡ ଇନ୍ସପେକ୍ଟର ମନୀଷା ଭୋଳ, ବ୍ରହ୍ମପୁର ଅବକାରୀ ଇନ୍ସପେକ୍ଟର ବି. ମନୋଜ କୁମାର, ଚିକିଟି ଅବକାରୀ ଥାନା ଅଧିକାରୀ ସଞ୍ଜୟ କୁମାର ଭୁକ୍ତା, ବ୍ରହ୍ମପୁର ଅବକାରୀ ଥାନା ଅଧିକାରୀଣୀ ସୁଶ୍ରୀ ସଂଗୀତା ମହାପାତ୍ର, ଗୋପାଳପୁର ଅବକାରୀ ଥାନା ଅଧିକାରୀଣୀ ସସ୍ମିତା ମଲ୍ଲିକ, ଆନ୍ଧ୍ରପ୍ରଦେଶ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କ ସହ ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ, ଜରଡା ଥାନା କର୍ମଚାରୀଙ୍କ ସହ ଏ ପି ଆର ଫୋର୍ସ, ଅବକାରୀ କର୍ମଚାରୀ ଓ ପୋଲିସ୍ କର୍ମଚାରୀ ମାନଙ୍କୁ ନେଇ ମୋଟ ୨୦୦ ରୁ ଉର୍ଦ୍ଧ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ ।



## ବୁଗୁଡା ବ୍ଲକରେ ତିନି ଗୋଟି ସ୍ୱାସ୍ଥ୍ୟ ଯୋଜନାର ଶୁଭାରମ୍ଭ



ବୁଗୁଡ଼ା **୧୩/୪(ନି.ପ୍ର):** ସମଗ୍ର ଓଡ଼ିଶାରେ ଏପ୍ରିଲ ୧୧ ତାରିଖ ଦିନ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ଏ.ବି.ପି.ଏମ.ଜେ.ଏ.ୱାଇ.), ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା(ଜି.ଜେ.ଏ. ୱାଇ) ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା(ଏ.ଭି.ଭି.ୱାଇ) ତିନିଗୋଟି ସ୍ୱାସ୍ଥ୍ୟ ଯୋଜନାର ଶୁଭାରମ୍ଭ ହୋଇଯାଇଛି। ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏବଂ ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନର ଶୁଭାରମ୍ଭ ହୋଇଯାଇଛି। ସେହି ପରି ବୁଗୁଡା ବ୍ଲକରେ ବିଡ଼ିଓ ଦୁତିକୃଷ୍ଣ ପାତ୍ରଙ୍କ ତତ୍ତ୍ୱାବଧାନରେ ବ୍ଲକର ମାଣିତରା, କରଚୁଲି, ଏ.କରଡ଼ାବାଡ଼ି ଓ ବାଲିପଦର ଚାରିଗୋଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ପୂର୍ବତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର)ର ମେଡ଼ିକାଲ ଅଫିସରଙ୍କ ସଂଯୋଜନାରେ ପ୍ରତି ଶିବିରରେ ୨୫ ଗୋଟି ଲେଖାଏଁ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମେମ୍ବରଙ୍କ ସହ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ମେମ୍ବର ଯୋଗ ଦେଇଥିଲେ। ଏପ୍ରିଲ ୧୨ ତାରିଖ ଦିନ ଠାରୁ ମହିଳା ସ୍ୱାସ୍ଥ୍ୟ କର୍ମୀ ବୃନ୍ଦ ଓ ଆଶା କର୍ମୀ ବୃନ୍ଦ ହିତାଧିକାରୀଙ୍କ ଦ୍ୱାରକୁ ଦ୍ୱାର ଯାଇ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିବେ। କାର୍ଯ୍ୟକ୍ରମରେ ୫୦୦ ରୁ ୧୦୦୦ ପର୍ଯ୍ୟନ୍ତ ଜନସାଧାରଣ ଯୋଗଦେଇଥିଲେ।

## ଫେକ୍ କଲ୍ କରି ଟଙ୍କା ମାଗୁଛନ୍ତି ଦଲାଲ
# +୨ ପରୀକ୍ଷାର୍ଥୀ ଓ ଅଭିଭାବକ ଚିନ୍ତାରେ

ହିଞ୍ଜିଳିକାଟୁ **୧୩/୪(ନି.ପ୍ର):** ସାରା ରଜ୍ୟରେ +୨ ପରୀକ୍ଷା ଦେଇଥିବା ଶିକ୍ଷାର୍ଥୀଙ୍କୁ ଫେକ୍ କଲ କରି ମାର୍କ ବଢାଇବା ନାମରେ ଟଙ୍କା ମାଗୁଛନ୍ତି କିଛି ଦଲାଲ । +୨ କଳା, ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀଙ୍କ ନମ୍ବର ବଢାଇବା ଲାଗି ଫୋନକଲ୍ ଜରିଆରେ ଅର୍ଥଦାବୀ କରାଯାଉଥିବା ଚର୍ଚ୍ଚାର ବିଷୟ ପାଲଟିଛି । +୨ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀ ମାନଙ୍କୁ ଫେକ୍ କଲ୍ ଜରିଆରେ ଯୋଗାଯୋଗ କରି ନିର୍ଦ୍ଦିଷ୍ଟ ବିଷୟରେ କମ୍ ନମ୍ବର ରଖିଥିବା କହୁଥିବା ବେଳେ ପରୀକ୍ଷାର୍ଥୀଙ୍କ ନାମ, ବାପା ଓ ମା ଙ୍କ ନାମ, ରୋଲ ନମ୍ବର ଆଦି ସଠିକ ଖବର କହୁଥିବା ଯୋଗୁଁ ଶିକ୍ଷାର୍ଥୀ ଓ ଅଭିଭାବକ ମାନଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି । ତେବେ ଶନିବାର ଦିନ ହିଞ୍ଜିଳି ଥାନା ଅଞ୍ଚଳର ଜୈନିକା ଛାତ୍ରୀଙ୍କୁ ମୋବାଇଲ ନମ୍ବରରେ ଏକ କଲ ଆସିଥିଲା । ପରୀକ୍ଷାରେ ତୁମର କମ୍ ନମ୍ବର ରହିଛି । ଯଦ୍ଦ୍ୱାରା ତୁମେ ପରୀକ୍ଷାରେ ଅକୃତକାର୍ଯ୍ୟ ହେବ । ଏକ ନିର୍ଦ୍ଦିଷ୍ଟ ଆକାଉଣ୍ଟ ନମ୍ବର ପଠାଇବା ସହ ସେହି ଆକାଉଣ୍ଟରେ ୫ ହଜାର ଟଙ୍କା ପଠାଅ । ତୁମକୁ ପରୀକ୍ଷାରେ କୃତକାର୍ଯ୍ୟ କରାଯିବ ବୋଲି କୁହାଯାଇଥିଲା । ଏଭଳି ଫୋନ କଲ ପାଇବା ପରେ ଶିକ୍ଷାର୍ଥୀଙ୍କ ସମେତ ଅଭିଭାବକ ମାନେ ଚିନ୍ତାରେ ପଡିଯାଇଛନ୍ତି । ତେବେ କାହାକୁ କିଛି ଟଙ୍କା ନଦେବା ଲାଗି ଶିକ୍ଷା ବିଭାଗ କର୍ତ୍ତୁପକ୍ଷ କହିଛନ୍ତି । ଏ ସବୁ ଫେକ କଲ, ଏହାକୁ ଗୁରୁତ୍ୱ ନଦେବାକୁ କୁହାଯାଇଛି । ତେବେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ଗୋପନୀୟତାର ସହିତ ଖାତା ସବୁ ମୂଲ୍ୟାୟନ ହୋଇଛି । ପରିଷଦକକୁ ବଦନାମ କରିବାକୁ ଏସବୁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଚକ୍ରାନ୍ତ କରୁଥିବା ଜଣାପଡିଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି, ପରୀକ୍ଷାର୍ଥୀଙ୍କ ଫୋନ ନମ୍ବର ଏବଂ ଠିକଣା କେବଳ ସଂପୃକ୍ତ କଲେଜ କର୍ତ୍ତୁପକ୍ଷଙ୍କ ନିକଟରେ ଥିବା ବେଳେ ଦଲାଲଙ୍କ ପାଖକୁ ଯାଉଛି କିପରି .. ? କଲେଜର ସ୍ୱଚ୍ଛତା ଏବଂ ବିଶ୍ୱସନିୟତା ଉପରେ ପ୍ରଶ୍ନ ଉଠିବା ସହିତ ର ?ୟାକେଟରେ କିଛି କଲେଜ କର୍ତ୍ତୁପକ୍ଷ ସଂପୃକ୍ତ ଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି ।

## ପୋଲସରା ବ୍ଲକରେ ତିନି ଗୋଟି ସ୍ୱାସ୍ଥ୍ୟ ଯୋଜନାର ଶୁଭାରମ୍ଭ



ପୋଲସରା **୧୩/୪(ନି.ପ୍ର):** ସମଗ୍ର ଓଡ଼ିଶାରେ ଏପ୍ରିଲ ୧୧ ତାରିଖ ଦିନ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ଏ.ବି.ପି.ଏମ.ଜେ.ଏ.ୱାଇ.), ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା(ଜି.ଜେ.ଏ. ୱାଇ) ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା(ଏ.ଭି.ଭି.ୱାଇ) ତିନିଗୋଟି ସ୍ୱାସ୍ଥ୍ୟ ଯୋଜନାର ଶୁଭାରମ୍ଭ ହୋଇଯାଇଛି। ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏବଂ ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନର ଶୁଭାରମ୍ଭ ହୋଇଯାଇଛି। ସେହି ପରି ପୋଲସରା ବ୍ଲକରେ ବିଡ଼ିଓ ଶଶୀଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବ୍ଲକର ତୁଙ୍ଗାପଡା, ହାତୀଓଟ, ଚିରିକିପଡା ଶାସନ ଓ ପାଣ୍ଡିରିପଡା ଚାରିଗୋଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ପୂର୍ବତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର)ର ମେଡ଼ିକାଲ ଅଫିସରଙ୍କ ସଂଯୋଜନାରେ ପ୍ରତି ଶିବିରରେ ୨୫ ଗୋଟି ଲେଖାଏଁ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମେମ୍ବରଙ୍କ ସହ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ମେମ୍ବର ଯୋଗ ଦେଇଥିଲେ। ଏପ୍ରିଲ ୧୨ ତାରିଖ ଦିନ ଠାରୁ ମହିଳା ସ୍ୱାସ୍ଥ୍ୟ କର୍ମୀ ବୃନ୍ଦ ଓ ଆଶା କର୍ମୀ ବୃନ୍ଦ ହିତାଧିକାରୀଙ୍କ ଦ୍ୱାରକୁ ଦ୍ୱାର ଯାଇ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିବେ। କାର୍ଯ୍ୟକ୍ରମରେ ୫୦୦ ରୁ ୧୦୦୦ ପର୍ଯ୍ୟନ୍ତ ଜନସାଧାରଣ ଯୋଗଦେଇଥିଲେ।

## ଓଡିଶା ଡ୍ରାଇଭର ମହାସଂଘ ତରଫରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଯାଜପୁର **୧୩/୪(ନି.ପ୍ର):** ଓଡିଶା ଡ୍ରାଇଭର ମହାସଙ୍ଘ ଯାଜପୁର ଜିଲ୍ଲା ବରୀ ବ୍ଲକ ଶାଖା ପକ୍ଷରୁ ମାଳଦା ଛକ ଠାରେ ସାଂଗଠନିକ ବୈଠକ ଓ ବଂଧୁମିଳନ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ଏହିବୈଠକରେ ରାଜ୍ୟ ସଭାପତି ପ୍ରଶାନ୍ତ ମେଣ୍ଟୁଲି , ରାଜ୍ୟ କୋଷାଧକ୍ଷ ଆଦିତ୍ୟ ପ୍ରସାଦ ବେହେରା , ସାଂଗଠନିକ ସମ୍ପାଦକ ମାନସ ରଞ୍ଜନ ଦେବତା , ବରୀ ବ୍ଲକ ସଭାପତି ହୀରାଲାଲ , ସମ୍ପାଦକ ଅଶୋକ ଦଳେଇ , ଛତିଆ ଡ୍ରାଇଭିଂ ଟ୍ରେନିଂ ସ୍କୁଲ ଅଧକ୍ଷ ଓ ପ୍ରଶିକ୍ଷକ ପ୍ରମୁଖ ଉପସ୍ଥିତ ରହି ସଂଘ ର ବିଭନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ପ୍ରଥମେ ବରୀ ପୁରୁଣା ତହସିଲ ଠାରୁ ଏକ ବିଶାଳ ମୋଟର ସାଇକେଲ ରାଲିରେ ରାଜ୍ୟ ସଭାପତି ଓ ଅନ୍ୟ ଅତିଥୀ ମାନଙ୍କୁ ସଭାସ୍ଥଳ କୁ ଅଣାଯାଇଥିଲା । ପରେ ମାଳଦା ଛକ ଠାରେ ଏକ ବିଶାଳ ସଭାର ଆୟୋଜନ କରାଯାଇଥିଲା।ଏହି ସଭାରେ ସାସ୍କୃତିକ କାର୍ଯ୍ୟକର୍ମ ସହ ବିଭିନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା। ଏଥିସହିତ କିଛି ମୃତକ ଡ୍ରାଇଭର ସଦସ୍ୟ ମାନଙ୍କ ପରିବାରକୁ ଆର୍ଥିକ ସହାୟତା ମଧ ପ୍ରଦାନ କରାଯାଇଥିଲା ।ଓଡିଶା ଡ୍ରାଇଭର ମହାସଙ୍ଗ ଡ୍ରାଇଭର ମାନଙ୍କର ବିଭିନ୍ନ ସମସ୍ୟା ଓ ଦାବିକୁ ନେଇ ଦୀର୍ଘ ବର୍ଷ ହେବ ଲଢେଇ କରି ଆସୁଚି।

## ପୂର୍ବତନ ପ୍ରଚାରକ ଡ଼ଃ ଲକ୍ଷ୍ମୀକାନ୍ତ ଦାଶଙ୍କ ବିୟୋଗରେ ଆରଏସଏସର ଶୋକ



ଭୁବନେଶ୍ୱର,୧୩/୪: ଅତ୍ୟନ୍ତ ଦୁଃଖର ବିଷୟ ଯେ ବନବାସୀ କଲ୍ୟାଣ ଆଶ୍ରମର ପୂର୍ବକ୍ଷେତ୍ର ହିତରକ୍ଷା ପ୍ରମୁଖ ଡ଼ଃ ଲକ୍ଷ୍ମୀକାନ୍ତ ଦାଶ ଗତ ଏପ୍ରିଲ ୧୧ ତାରିଖ ରାତ୍ରି ୧୧ଘଟିକା ସମୟରେ ଆମ ସମସ୍ତଙ୍କୁ ଛାଡି ଦେଇ ସ୍ୱର୍ଗଧାମ ଯାତ୍ରା କରିଛନ୍ତି । ତାଙ୍କର ପ୍ରଚାରକ ଜୀବନରେ ସେ ବରଗଡ ଜିଲ୍ଲାରେ ସଂଘ ପ୍ରଚାରକ ଭାବେ କାର୍ଯ୍ୟ କରିଥିଲେ । ତାପରେ ଦୀନଦୟାଲ ଶୋଧ ସଂସ୍ଥାନ,ପରବର୍ତୀ ସମୟରେ ସେ ମାଳାଚଂଳ ପ୍ରକଳ୍ପରେ ମଧ କାର୍ଯ୍ୟ କରିଥିଲେ । ୧୯୯୦ରୁ ସେ ବନବାସୀ କଲ୍ୟାଣ ଆଶ୍ରମରେ କାର୍ଯ୍ୟ କରି ଆସୁଥିଲେ ତଥା ଅନେକ ବର୍ଷଧରି ଏହାର ସାଧାରଣ ସମ୍ପାଦକ ଦାୟିତ୍ୱରେ ମଧ ଥିଲେ । ସେ ଅନେକ ବର୍ଷଧରି ରକ୍ତ କର୍କଟ ରୋଗରେ ପୀଡିତ ଥିଲେ । ଏହି ରୋଗ ସହିତ ଲଢେଇ କରି ବିଜୟୀ ହୋଇ ଚାଲିଥିଲେ । ଶେଷରେ ତାଙ୍କ ଶରୀର ଆଉ ଅପେକ୍ଷା କରି ପାରିଲା ନାହିଁ । ଆମ ଲକ୍ଷ୍ମୀଭାଇ ତମସାର ଆରପାରିକୁ ଚାଲିଗଲେ । ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ଏବଂ ତାଙ୍କ ଶୋକସନ୍ତପ୍ତ ପରିବାରକୁ ପ୍ରଭୂ ଜଗନ୍ନାଥ ସହାୟ ହୁଅନ୍ତୁ, ଏହି ପ୍ରାର୍ଥନା ପୂର୍ବ ପ୍ରାନ୍ତର ସଂଘଚାଳକ ଶ୍ରୀ ସମୀର କୁମାର ମହାନ୍ତି ସମସ୍ତ ସ୍ୱୟଂସେବକମାନଙ୍କ ସହିତ ମିଶି କରିଛନ୍ତି । ସ୍ୱର୍ଗତ ଲକ୍ଷ୍ମୀଭାଇ ସଂଘଚାଳକଙ୍କ ମଧ ଜଣେ ଘନିଷ୍ଠ ବନ୍ଧୁ ଥିଲେ ।

## ରିଷିଡାଠାରେ ମା ତାରିଣୀଙ୍କ ଚୈତ୍ର ମହୋତ୍ସବ ଦେବୀଙ୍କ ନଗର ପରିକ୍ରମା ଛତରଯାତ୍ରା



କର୍ଲାମୁଣ୍ଡା **୧୩/୪(ନି.ପ୍ର):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସ୍ଥିତ ମାଁ ତାରିଣୀ ଅଷ୍ଟ ଚଣ୍ଡୀ ଶୈବ ଶକ୍ତି ପୀଠରେ ମାଁ ତାରିଣୀ ଅଷ୍ଟ ଚଣ୍ଡୀ ଙ୍କ ଚୈତ୍ର ମହୋତ୍ସବ ଆରମ୍ଭ ହୋଇଯାଇଛି। ଶନିବାର ଦେବଦେବୀଙ୍କ ନିଶାଣ ବିରବାଦ୍ୟ ସହିତ ନଗର ପରିକ୍ରମା ଛତରଯାତ୍ରା ଆୟୋଜିତ ହୋଇଯାଇଛି। ଏହି ଅବସରରେ ଶକ୍ତି ପୀଠ ଦେବୀ ବରୁଆମାନଙ୍କ ଦେହରେ ସବାର ହୋଇ କାଳି ଶ୍ରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ଯାତ୍ରା ଶକ୍ତି ପୀଠରୁ ଗ୍ରାମରେ ବର୍ଣ୍ଣାଢ୍ୟ ଶୋଭାଯାତ୍ରା କରାଯାଇଛି। ଏଥିରେ ଭକ୍ତଙ୍କ ସମେତ ରାଜନେତା ସମାଜସେବୀ, ତଥା ସରପଞ୍ଚ ସାମିଲ ହୋଇଥିଲେ। ମୂଖ୍ୟ ରାସ୍ତାରେ କଳସ ସ୍ଥାପନ କରି ଦେବଦେବୀଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଭାପତି କୈଳାସ କୁମୁରା ସଂପାଦକ ସୁଶାନ୍ତ ମଲ୍ଲିକ, ତଥା ଦେହୁଁରି ସେବାୟତ ସୁମନ୍ତ ଭୋଇ,କଫୁଲ ରଣା, ରାଧେଶ୍ୟାମ ପଟ୍ଟନାୟକ ତପନ ରଣା,ନିଳକମଳ ପୁଟେଲ,କୁଞ୍ଜ ରଣା, ରଂଜନ ରଣା ପ୍ରସନ୍ନ ରଣା ମହେନ୍ଦ୍ର ପ୍ରଧାନୀ ଶେଷଦେବ ରଣା, ଲମ୍ବଧର ରଣା,ବୃହସ୍ପତି ରଣା,ହୃଦାନନ୍ଦ ମଲ୍ଲିକ, ମହିମା ରଣା, ବିକାଶ ରଣା ବିଷ୍ଣୁ ରଣା,ହରି ବାରିକ, ମାର୍କଣ୍ଡ ପ୍ରଧାନୀ,ମଥୁରାମ ରଣା, ଫୋଟୋ ରଣା, ରମେଶ ବାରିକ ଗ୍ରାମ କମିଟି ସଭାପତି ନନ୍ଦକିଶୋର ରଣାଙ୍କ ସମେତ ବଲାଙ୍ଗୀର କଳାହାଣ୍ଡି ଜିଲ୍ଲା ବିଭିନ୍ନ ଅଂଚଳରୁ ବାର ଦେହେଲିଆ, ସେବାୟତ ବୁଦ୍ଧିଜୀବିମାନେ ଯୋଗଦେଇ ଥିଲେ। ଓ ଆସନ୍ତା କାଲି ରବିବାରରେ ପଞ୍ଚ ଦିନାତ୍ମକ ଉପଚାର ପୂଜା ପରେ ଦେବୀମାନେ ବରୁଆ ଦେହରେ ସବାର ହୋଇ ଝାମୁଯାତ୍ରା ନିଆଁରେ ଚାଲିବା କାର୍ଯ୍ୟକ୍ରମ ରହିଛି।

## କାଳବୈଶାଖୀରେ ବିଭିନ୍ନ ଜାଗାରେ ଗଛ ଉପୁଡ଼ିଲା

ପାଟଣା **୧୩/୪(ନି.ପ୍ର):** ଆଜି ଅପରାହ୍ନରେ ପାଟଣା ଓ ସାହାରପଡା ବ୍ଲକ ଅଞ୍ଚଳ ସମେତ ଢେଙ୍କିକୋଟ ଅଞ୍ଚଳରେ କାଳବୈଶାଖୀ ପ୍ରଭାବ ରେ ପବନ ବହିବା ସହ ଘନଘନ ବଜ୍ରପାତ ଓ କେତେକ ସ୍ଥାନରେ ବର୍ଷା ଯୋଗୁ ଜନଜୀବନ ଅସ୍ତ ବ୍ୟସ୍ତ ହୋଇଯାଇଥିଲା ।କେତେକ ସ୍ଥାନରେ କୁଆପଥର ବୃଷ୍ଟି ହେବା ସହ କିଛି ସ୍ଥାନରେ ବିଦ୍ୟୁତ ତାର ମଧ ଛିଡି ଯାଇଛି। ୨୨୦ନଂ ଜାତୀୟ ରାଜପଥ ଅନ୍ତର୍ଗତ ଖଜୁରିଡିହା ଛକ ନିକଟରେ ଏକ ଗଛ ଉପୁଡି ପଡିବାରୁ ଗୋଟିଏ ବାଇକ ଭାଙ୍ଗି ଯାଇଥିବା ବେଳେ ଦୋକାନ ରେ ଥିବା ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।ସେହିପରି ଖଜୁରିଡିହା ଉଦୟପୁର ରାସ୍ତା ର ବେଗନା ନିକଟରେ ଏକ ବଡ଼ ଶାଳ ଗଛ ରାସ୍ତା ଉପରେ ଉପୁଡ଼ି ପଡ଼ିଥିଲା। ପାଟଣା ଅଗ୍ନିଶମ ବାହିନୀ ଗଛ କାଟିବା ପରେ ଚଳାଚଳ ସ୍ୱାଭାବିକ ହୋଇଛି ।ସନ୍ଧ୍ୟା ସାଢ଼େ ୭ ଟା ଯାଏଁ ଆଖପାଖ ସମସ୍ତ ଅଞ୍ଚଳରେ କାଳବୈଶାଖୀର ଭୟ ଲାଗି ରହିଥିଲା। କାଳବୈଶାଖୀ ଯୋଗୁଁ ଉପରୋକ୍ତ ଅଞ୍ଚଳରେ ବିଦ୍ୟୁତ ସେବା ବ୍ୟାହତ ହୋଇଥିବା ଦେଖାଯାଇଛି ।

## ମୋ ବିଶ୍ୱାସରେ ବିଷ ଦେଇଥିବା ବିଜେଡି ଧ୍ୱଂସ ହୋଇଯିବ

ପାଟଣା **୧୩/୪(ନି.ପ୍ର):** ମୋ ବିଶ୍ୱାସରେ ବିଷ ଦେଇଥିବା ବିଜୁଜନତା ଦଳ ଧ୍ୱଂସ ହୋଇଯିବ ବୋଲି କହିଛନ୍ତି ବିଜୁ ଜନତା ଦଳର ପୂର୍ବତନ ବରିଷ୍ଠ ନେତା ପୂର୍ବତନ ପାଟଣା ବିଧାୟକ ହୃଷିକେଶ ନାଏକ ।ଗଣମାଧ୍ୟରେ ଅନ୍ୟତମ ବରିଷ୍ଠ ନେତା ପ୍ରସନ୍ନ ପାଟ୍ଟଶାଣୀ ଙ୍କ ମନ୍ତବ୍ୟ ଆସିବା ପରେ ସେ ପ୍ରତିକ୍ରିୟା ଶୀଳ ହୋଇ ପଡିଛନ୍ତି। ୨୦୦୯ ରୁ ୨୦୧୯ ଯାଏ ପାଟଣା ରୁ ବିଜେଡି ବିଧାୟକ ଥିବା ହୃଷିକେଶ ନାଏକଙ୍କୁ ୨୦୧୯ ରେ ଦଳ ଲୋକସଭା କୁ ପଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲା ।ଯୁବନେତା ଜଗନ୍ନାଥ ନାଏକଙ୍କୁ ଦଳ ପାଟଣା ବିଧାୟକ ପାଇଁ ପ୍ରାର୍ଥୀ କରିବା ପରେ ସେ ଲୋକସଭା ଟିକେଟ ଲୋଭରେ ମୁହଁ ଖୋଲି ନଥିଲେ ମଧ ଦଳ ତାଙ୍କୁ ଲୋକସଭା ଟିକେଟ ନଦେଇ ଚନ୍ଦ୍ରାଣୀ ମୁର୍ମୁ ଙ୍କୁ ଲୋକସଭା ପ୍ରାର୍ଥୀ କରିଥିଲା ।ଏହି ସମୟରେ ଦଳ ତାଙ୍କୁ ରାଜ୍ୟ ସଭାକୁ ପଠାଇବ ବୋଲି ମଧ କୁଆଡେ ପ୍ରତିଶ୍ରୁତି ଦେଇଥିଲେ ମଧ କଥା ରଖିଲା ନାହିଁ। ଅଶୀ ଦଶକରୁ ସକ୍ରିୟ ରାଜନୀତି ରେ ଥାଇ ଉଭୟ କଂଗ୍ରେସ ଓ ଅଣ କଂଗ୍ରେସ ଦଳରୁ ୫ଥର ବିଧାୟକ ହୋଇଥିବା ଶ୍ରୀ ନାଏକ ଙ୍କୁ ଦଳ ଯେଉଁ ଭଳି ନିରାଶ କରିଛି ସେ ଦଳ ଉପରେ ନିଶ୍ଚୟ ତାଙ୍କର ନିଶ୍ୱାସ ପଡିବ ଓ ଦଳ ଧ୍ୱଂସ ହୋଇଯିବ ବୋଲି କହିଛନ୍ତି ପୂର୍ବତନ ପାଟଣା ବିଧାୟକ ହୃଷିକେଶ ନାଏକ।

# ଅଧପନ୍ତରିଆ ଅବସ୍ଥାରେ ରହିଛି ଦୁଇଟି ପୋଲ

## ସାତଟି ପଞ୍ଚାୟତ ବାସୀ ହନ୍ତସନ୍ତ : ତୁରନ୍ତ ମରାମତି ପାଇଁ ଦାବୀ



ବାଲିଗୁଡା **୧୩/୪(ନି.ପ୍ର):** ଗ୍ରାମାଞ୍ଚଳରେ ଗମନାଗମନ ସୁବିଧା ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ରାସ୍ତା ହୋଇଗଲେ ଗାଁ ମାନଙ୍କରେ ସବୁ ସୁବିଧା ପହଁଚିପାରିବ । କିନ୍ତୁ ସରକାର ରାସ୍ତା ନିମନ୍ତେ ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ଅଧପନ୍ତରିଆ ହୋଇରହୁଛି ରାସ୍ତା । ଯାହାକି ଲୋକେ ରାସ୍ତା ହେବ ଖୁସି ହୋଇଥିବା ବେଳେ ଅଧପନ୍ତରିଆ ହୋଇ ରହିବା କାରଣ ରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହିଭଳି ଏକ ରାସ୍ତା ଦେଖିବାକୁ ମିଳିଛି ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ ବ୍ଲକର କୁଟିଗୁଡା ଠାରୁ ସୁବର୍ଣ୍ଣଗିରୀ ଅଂଚଳରେ ଦୁଇଟି ପୋଲ ଅଧପନ୍ତରିଆ ହୋଇରହିଛି । ଏହି ପୋଲ ପାଂଚ ବର୍ଷ ପୁର୍ବରୁ କାମ ଆରମ୍ଭ ହୋଇଥିଲା । କିନ୍ତୁ କାମ ସରିନି କାମଟି ଅଧପନ୍ତରିଆ ହୋଇରହିଛି । ଗୋଟିଏ ପୋଲ ସୁବର୍ଣ୍ଣଗିରୀ ସାହି ଛକ ଠାରେ ଥିବା ବେଳେ ଅନ୍ୟଟି କୁଟିଗୁଡା-ସୁବର୍ଣ୍ଣଗିରୀ ମଧ୍ୟରେ ରହିଛି । ଦୁଇଟି ପୋଲ ରାସ୍ତା ମଝିରେ ହେଉଥିଲା ଏଣୁ ଗାଁ ଲୋକଙ୍କୁ ଯିବା ପାଇଁ ପୋଲ କଡରେ ଆପ୍ରୋଚରୋଡ କରାଯାଇଥିଲା । ଯାହାକି ତାହା ଧୋଇହୋଇ ରାସ୍ତା ଅବସ୍ଥାରେ ନାହିଁ । ପୋଲ କଡରେ ଲୁହାଛଡ ପଡିରହିଛି । ଏହି ରାସ୍ତା ଆରପାଖରେ ସାତଗୋଟି ପଂଚାୟତ ରହିଛି, ପାରିଗଡ,ସାର୍ଦ୍ଦୁଲ,ପକାରୀ, ରାଣିପାଙ୍ଗା, ପାଲିଙ୍ଗା ସୁବର୍ଣ୍ଣଗିରୀ । ଏହି ସାତଟି ପଂଚାୟତ ର ଅନେକ ଗ୍ରାମଲୋକେ ବର୍ତମାନ ଏହି ରାସ୍ତାଦେଇ ଯାତାୟତ ଭଲରେ କରିପାରୁନାହାନ୍ତି ଓ ଅନେକ ସମୟରେ ଦୁର୍ଘଟଣା ଏବଂ ରାସ୍ତାରୁ ପଡି ଆହାତ ହେଉଛନ୍ତି । ଏହି ପୋଲ ଦୁଇଟି କାମ ଶିଘ୍ର ସାରିବାକୁ ଅଂଚଳବାସି ଦାବି କଲେ ମଧ ଅଂଚଳବାସୀଙ୍କ କଥାକୁ କିଏ ଶୁଣୁନାହାନ୍ତି କ୍ଷ ଯାହା ଫଳରେ ଅଂଚଳ ବାସି ଦୁର୍ଦ୍ଦଶା ଭୋଗ କରୁଛନ୍ତି । ସୁଚନା ଯୋଗ୍ୟ ଯେ ଏହି ଦୁଇଟି ପୋଲ ବାଲିଗୁଡା ପୁର୍ତ ବିଭାଗ ଦ୍ୱାରା କରାଯାଉଥିଲା । ଏଥି ନିମନ୍ତେ ଟେଣ୍ଡର ପକ୍ରିୟା ହୋଇଥିଲା ଦୁଇଟି ପୋଲ ମଧ୍ଯରୁ ଗୋଟିଏ ଦୁଇକୋଟି ଅଟକଳ ମୁଲ୍ୟ ଥିବା ବେଳେ ଆଉ ଗୋଟିଏର ଅଟକଳ ମୁଲ୍ୟ ୫କୋଟି ରହିଥିଲା । ଠିକାଦାର କାହିଁକି ଅଧପନ୍ତରିଆ କରି କାମ ଛାଡିଦେଲେ ତାହା ବର୍ତମାନ ପ୍ରଶ୍ନବାଚୀ ଶୃଷ୍ଟି କରିଛି । ଏହି ବାବଦରେ ପୁର୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ବେହେରା କହିଛନ୍ତି ଯେ, ଉକ୍ତ କାମଟି ପିଟିସନ ହୋଇଛି ଏବଂ ପୁର୍ନବାର ଆଉଥରେ ଟେଣ୍ଡର କରାଯାଇ କାମ ଆରମ୍ଭ ହେବ ବୋଲି କହିଛନ୍ତି । କିନ୍ତୁ କେବେ ଟେଣ୍ଡର ହେବ ଓ ଲୋକେ କେବେ ଏହି ପୋଲର ସୁବିଧା ପାଇବେ ତାହା ପ୍ରଶ୍ନବାଚି ସୃଷ୍ଟି ହେଉଛି । ଜିଲ୍ଲା ପ୍ରଶାସନ ଏହି ଅଧପନ୍ତରିଆ ପୋଲ ପ୍ରତି ଦୃଷ୍ଟିଦେଇ ପୋଲ କାମ ଟି ଶିଘ୍ର ଆରମ୍ଭ କରି ସାରିବାକୁ ଅଂଚଳ ବାସୀଙ୍କୁ ସୁବିଧା ଦେବାକୁ ଦାବୀ ହେଉଛି ।

## ବିଲା ଅଞ୍ଚଳରେ ପ୍ରବଳ କୁଆ ପଥର ମାଡ



ପାଟଣା **୧୩/୪(ନି.ପ୍ର):** ସାହାରପଡା ବ୍ଲକ ଅନ୍ତର୍ଗତ ବିଲା ଛକ ଏବଂ ଏହାର ଆଖ ପାଖ ଅଞ୍ଚଳରେ ଆଜି ଅପରାହ୍ନ ରେ ପ୍ରବଳ ବର୍ଷା ପବନ ସହିତ କୁଆ ପଥର ମାଡ ହୋଇଛି । ଅଦିନିଆ ବର୍ଷା ଝଡ଼ ଯୋଗୁ ପନି ପରିବା ଚାଷ ବ୍ୟାପକ ପରିମାଣ ରେ କ୍ଷତି ହୋଇଛି । ଆମ୍ବ ତୋଟା ରୁ ଆମ୍ବ ଝଡି ପଡ଼ିବା ସହିତ ଡାଳ ଭାଙ୍ଗି ପଡିଛି । ଗଦଗଦି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ଆଜବେଷ୍ଟ କଣା ହୋଇଯିବା ସହିତ ଫୁଲ ଗଛ ଗୁଡିକ ଛିନଛତ୍ର ହୋଇ ପଡି ଯାଇଥିବା ଦେଖିବାକୁ ମିଳିଛି । ବ୍ୟାପକ କ୍ଷୟ କ୍ଷତି ଯୋଗୁଁ ପରିବା ଚାଷୀ କ୍ଷତି ସହିବା ଆଶଙ୍କା କରାଯାଉଛି

## ସାହିତ୍ୟିକ ଡାକ୍ତର ଉଜ୍ଜ୍ୱଳ ସାହୁଙ୍କ ଶ୍ରାଦ୍ଧ ବାର୍ଷିକୀ ରେ ସ୍ମୃତି ଅଭିନନ୍ଦନିକା ଉନ୍ମୋଚିତ

ପାଟଣା **୧୩/୪(ନି.ପ୍ର):** ଆଜି ପୂର୍ବାହ୍ନରେ ଦିବଂଗତ ସାହିତ୍ୟିକ ଡାକ୍ତର ଉଜ୍ଜ୍ୱଳ କୁମାର ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ମୃତି ଅଭିନନ୍ଦନିକା ଉନ୍ମୋଚନ କାର୍ଯ୍ୟକ୍ରମ ତାଙ୍କର ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ସ୍ଥିତ ବାସ ଭବନ ରେ ପ୍ରାଧାପକ ପ୍ରସନ୍ନ କୁମାର ପତିଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି ।ଉଜ୍ଜ୍ୱଳ ପୁରୁଷ ଉଜ୍ଜ୍ୱଳ ସାହୁ ଶୀର୍ଷକ ଆଲୋଚନାଚକ୍ର ରେ ବିଶିଷ୍ଟ କବି ତଥା ମିଳନୀ ସାହିତ୍ୟ ସଂସଦ ର ସଭାପତି ଦେବାଶିଷ ଚକ୍ରବର୍ତ୍ତୀ, ଅବସର ପ୍ରାପ୍ତ ପ୍ରାଧାପକ ଡକ୍ଟର୍ ବିଦ୍ୟାଧର ବେହେରା, କବି ଚିନ୍ତାମଣି ମହାଳିକ, ଗାଳ୍ପିକ ଶାନ୍ତନୁ କୁମାର ମହାପାତ୍ର, କବି ଉମାକାନ୍ତ ବେହେରା, ପଣ୍ଡିତ ରଙ୍ଗାଧର ବେହେରା, ଅକ୍ଷୟ କୁମାର ମିଶ୍ର, କୁଳମଣି ସାହୁ, ନିର୍ମଳ ଚନ୍ଦ୍ର ସାହୁ, ରାମଚନ୍ଦ୍ର ସାହୁ, ବେଣୁଧର ସାହୁ, ଦେବଦତ୍ତ ଦେହୁରୀ, ଅଧାପକ ମନ୍ମଥ କୁମାର ପୃଷ୍ଟି ଓ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଅଂଶ ଗ୍ରହଣ କରି ତାଂକର ସାହିତ୍ୟ ସାଧନା ସହିତ ଦାନଶିଳତା ର ପ୍ରଶଂସା କରିବା ସହିତ ତାଙ୍କୁ ଜଣେ ନିସ୍ୱାର୍ଥପର ପୁଣ୍ୟପୁରୁଷ ଭାବରେ ଅଭିହିତ କରିଥିଲେ। ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ଡାକ୍ତର ଉଜ୍ଜ୍ୱଳ କୁମାର ସାହୁଙ୍କ ସ୍ମୃତି ବନ୍ଦନିକା ଉଜ୍ଜ୍ୱଳ ତାରକା ଲୋକାର୍ପିତ ହୋଇଥିଲା। ପରିଶେଷ ରେ କୈବଲ୍ୟ ଚାରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରିଚାଳନା ରେ ସ୍ୱର୍ଗତ ଡାକ୍ତର ଉଜ୍ଜ୍ୱଳ କୁମାର ସାହୁ ଙ୍କ ସୁପୁତ୍ର ରଜତ କୁମାର ସାହୁ ଓ ତୁଷାର କାନ୍ତ ସାହୁ ସକ୍ରିୟ ସହାୟତା ପ୍ରଦାନ କରିଥିଲେ।

## ବାଲୁଗାଁ ଷ୍ଟେସନରେ ଅଘଟଣ, କୋଇଲା ବୋଝେଇ ଟ୍ରେନରେ ଲାଗିଲା ନିଆଁ

ବାଲୁଗାଁ **୧୩/୪(ନି.ପ୍ର):** ଶନିବାର ଦିନ ବାଲୁଗାଁ ଷ୍ଟେସନରେ ଏକ ଅଘଟଣ ଘଟିଛି। ଏକ କୋଇଲା ବୋଝେଇ ମାଲବାହୀ ଟ୍ରେନର ଗୋଟିଏ ବଗିରେ ନିଆଁ ଲାଗିଯାଇଛି। ତେବେ ନିଆଁକୁ ଆୟତ କରିବା ପାଇଁ ବାଲୁଗାଁ ଅଗ୍ନିଶମ ବାହିନୀ ମୁତୟନ ହୋଇଛନ୍ତି। କିଛି ସମୟ ପରିଶ୍ରମ ପରେ ନିଆଁକୁ ଆୟତ କରାଯାଇଥିବାର ଜଣାପଡିଛି। ଫଳରେ ଏକ ବଡ ଦୁର୍ଘଟଣାରୁ ଟ୍ରେନଟି ଅଳ୍ପକେ ରକ୍ଷା ପାଇଛି।ଘଟଣାରୁ ଜଣାପଡିଛି ଯେ, ବିଶାଖାପାଟନମରୁ ଖଡ଼ଗପୁର ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ଟ୍ରେନର ଗୋଟିଏ ବଗିରେ ନିଆଁ ଲାଗି ଧୂଆଁ ବାହାରୁଥିଲା। ବାଲୁଗାଁ ପୂର୍ବରୁ ଚିଲିକା ଷ୍ଟେସନରେ ଏହା ଜଣାପଡିବା ପରେ ଟ୍ରେନଟିକୁ ବାଲୁଗାଁ ଷ୍ଟେସନର ୪ ନଂ ପ୍ଲାଟଫର୍ମ ଅଟକା ଯାଇ ନିଆଁକୁ ଲିଭାଯାଇଥିଲା। ତେବେ ଅତ୍ୟଧିକ ଖରା ଯୋଗୁଁ କୋଇଲା କୁ କୋଇଲା ଘଷି ହେବା ଫଳରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

## ନୂଆଁଗାଁ (ରାଇରଙ୍ଗପୁର କଲେଜ)ଦୁନ୍ଦୁ ଭାୟା ଜାମଦା ରାସ୍ତା ନିର୍ମାଣ କାର୍ଯ୍ୟ ସରିବ କେବେ ?



ମୟୂରଭଞ୍ଜ **୧୩/୪(ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ନୂଆଁଗାଁ (ରାଇରଙ୍ଗପୁର କଲେଜ)ଦୁନ୍ଦୁ ଭାୟା ଜାମଦା ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିବା ଯୋଗୁଁ ଜାମଦା ଅଞ୍ଚଳବାସୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି ।ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ନ ହେଉଣୁ କାମ ବନ୍ଦ ରହିବା ଅଞ୍ଚଳବାସୀଙ୍କର ମୁଣ୍ଡବ୍ୟଥାର କାରଣ ପାଲୋଟିଛି ।ଦୁଇମାସ ହେଲାଣି ତାଳଗାଁ ଶେଷ ମୁଣ୍ଡ ରାସ୍ତାକୁ ଖୋଳି ଦେଲା ପରେ ପିଚୁ ନ ପକାଇବା ଦ୍ୱାରା ରାସ୍ତା ସାରା ମେଟାଲ ଏଣେତେଣେ ବିଛାଡ଼ି ହୋଇ ପଡ଼ିଛି ।ଯାହାଫଳରେ ରାଇରଙ୍ଗପୁର-ଜାମଦା ବ୍ୟସ୍ତ ବହୁଳ ରାସ୍ତାରେ ଯାଆସ କରୁଥିବା ବ୍ୟକ୍ତିବିଶେଷ,ଯାନବାହାନ,ବାଇକ ଚାଳକ ମାନେ ଅସୁବିଧାରେ ସମ୍ମୁଖୀନ ହେଉଥିବା ବାରବାର ଜାଣିବାକୁ ମିଳୁଛି ।ଗୋଜିଆ ମେଟାଲ ଯାନବାହାନର ଚକକୁ ପଞ୍ଚର କରୁଥିବା ହେତୁ ଚାଳକମାନେ ବହୁ ଅସୁବିଧାରେ ପଡୁଥିବା ଅଭିଯୋଗମାନ ଶୁଣିବାକୁ ମିଳୁଛି ।ଆହୁରି ମଧ ଜନସାଧାରଣଙ୍କ କହିବା ଅନୁସାରେ ଉକ୍ତ ରାସ୍ତା ନିମ୍ନମାନର କାର୍ଯ୍ୟ କରାଯାଇଥିବା ହେତୁ ବାଘିଆ,ବେଲପୋଷି ଆଦି ସ୍ଥାନରେ କଂକ୍ରିଟ୍ କରାଯାଇଥିବା ରାସ୍ତାରୁ ଚିପ୍ସ ଉଠିଯାଉଥିବା ସହ କଂକ୍ରିଟ୍ ପଥ ଖାଲ ହୋଇଥିବା ନଜର କରାଯାଇଛି ।ଆହୁରି ମଧ ସାମାନ୍ୟ ବର୍ଷାରେ ରାସ୍ତାର ଦୁଇ ପାଖ ରୁ ପାଣି ସୁଅରେ ମାଟି ଧୋଇ ହୋଇଯାଉଥିବାରୁ ରାସ୍ତାର ସ୍ଥାୟୀତ୍ୱ ଉପରେ ସନ୍ଦେହ ଦେଖାଦେଉଛି ।ଅନ୍ୟ ପକ୍ଷେ ରାସ୍ତା ନିର୍ମାଣ କାର୍ଯ୍ୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବା ନିୟମ ରହିଥିବା ବେଳେ ଏହି କାର୍ଯ୍ୟରେ କେହି ଅଧିକାରୀ ଉପସ୍ଥିତ ରହୁ ନଥିବାରୁ ଠିକାଦର ନିଜ ମନମୁତାବକ କାର୍ଯ୍ୟ କରୁଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।ଅଞ୍ଚଳବାସୀଙ୍କ ମତାନୁସାରେ ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଥିବାବେଳେ ସରକାରଙ୍କ ଅର୍ଥ ହରିଲୁଟ କରାଯାଉଛି ।ତେବେ ନୂଆଁଗାଁ (ରାଇରଙ୍ଗପୁର କଲେଜ)ଦୁନ୍ଦୁ ଭାୟା ଜାମଦା ରାସ୍ତା ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବା ବିଭାଗୀୟ ପ୍ରଶାସନ ନିର୍ଦ୍ଦେଶ ଦେବା ସହ ରାସ୍ତା କାର୍ଯ୍ୟ ଠିକ୍ ଭାବେ ତଦାରଖ କରାଯାଉ ବୋଲି ଜନସାଧାରଣରେ ଦାବି ହେଉଛି ।

## ହେଲମେଟ ପରଧାନ ନେଇ ପୋଲିସର ସଚେତନତା ଶୋଭାଯାତ୍ରା

ବାଲିଗୁଡା,୧୩/୪(ନିପ୍ର)-; ବାଲିଗୁଡା ଉପଖଣ୍ଡ ଆରକ୍ଷି ଅଧିକାରୀ ରାମେନ୍ଦ୍ର ପ୍ରସାଦଙ୍କ ନିର୍ଦ୍ଦେଶ ପ୍ରକାରେ ଆଜି ବାଲିଗୁଡା ସହରରେ ମୋଟସାଇକେଲ ଚାଳକଙ୍କ ନିମନ୍ତେ ଏକ ସଚେତନତା ଶୋଭାଯାତ୍ରା ସହ ଛାତ୍ରଛାତ୍ରୀ ମାନେ ଏକ ପଥପ୍ରାନ୍ତ ନାଟକ କରି ସଚେତନତା କରାଇଛନ୍ତି। ମା ପାଟଖଣ୍ଡା ମନ୍ଦିର ସମ୍ମୁଖରୁ ଛାତ୍ରଚାତ୍ରିଙ୍କୁ ନେଇ ସଚେତନତା ଶୋଭାଯାତ୍ରା ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି କରାଯାଥିଲା। ତ୍ରିବେଦୀ ପାର୍କ ସମ୍ମୁଖରେ ଛାତ୍ରଛାତ୍ରି ମାନେ ଏକ ପଥପ୍ରାନ୍ତ ନାଟକ କରିଥିଲେ କିଭଳି ଗାଡି ଚଲାଇବେଳେ ଟ୍ରାଫିକ ନିୟମ ମାନିଚଲାଇବା,ଗାଡି ଚଲାଇବା ବେଳେ ମୋବାଇଲେ କଥା ହୋଇ କିଭଳି ଦୁର୍ଘଟଣାର ସିକାର ହୋଇ ନିରିହ ମୁଲ୍ୟବାନ ଜୀବନ ଚାଲିଯାଉଛି ଆଦି ଅନେକ ଏହି ପଥପ୍ରାନ୍ତ ନାଟକରେ ସଚେତନତା କରାଯାଇଛି । ଉପଖଣ୍ଡ ।ାରକ୍ଷି ଅଧିକାରୀ କହିଛନ୍ତି ଯେ ବାଲିଗୁଡା ଅଂଚଳରେ ଅଧିକାଂଶ ଲୋକଙ୍କ ହେଲମେଟ ଓ ସିଟବେଲ୍ଟ ପିନ୍ଧିବାର ଅଭ୍ୟାସ ନାହିଁ ଯାହାକି ବଡବଡ ସହର ମାନଙ୍କରେ ଲୋକେ ହେଲମେଟ ବ୍ୟବହାର କରୁଛନ୍ତି,ଲୋକ କିଭଳି ଏହାକୁ ବ୍ୟବହାର କରିବେ ଏହାକୁ ନେଇ ଏକ ଜନଆନ୍ଦୋଳନ ଛାତ୍ରଛାତ୍ରିଙ୍କୁ ନେଇ ଶୋଭାଯାତ୍ରା ସହ ସଚେତନତା ପଥପ୍ରାନ୍ତ ନାଟକ କରିଛୁ ଟ୍ରାଫିକ ନିୟମ ମାନି ଚଳନ୍ତୁ ଓ ଦୁର୍ଘଟଣାରୁ ବଂଚନ୍ତୁ ବୋଲି କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଥାନା ନିରିକ୍ଷକ ସମ୍ବିତ କୁମାର ସ୍ୱାଇଁ ସମେତ ଶିକ୍ଷକଶିକ୍ଷୟତ୍ରୀ ମାନେ ସାମିଲ ଥିଲେ।

## ଶାଳ କାଠ ବୋଝେଇ ଟ୍ରାକ୍ଟର ଜବତ : ଡ୍ରାଇଭର ଫେରାର

ବାଲିଗୁଡା **୧୩/୪(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ରେଞ୍ଜ ଅଞ୍ଚଳର ଚକାପାଦ ବ୍ଲକ୍ ଲାଇନପଡ଼ା ପାଖ ଜଙ୍ଗଲରେ ନିଆଁ ଲାଗିଯିବାରୁ ନିଆଁକୁ ଲିଭାଇ ଫେରିବା ସମୟରେ କୌଣସି ସୂତ୍ରରୁ ଖବର ପାଇବା ପରେ ରେଞ୍ଜର ମାଣିକେଶ୍ୱରୀ ପଟ୍ଟନାୟକଙ୍କ ସମେତ ଫରେଷ୍ଟର କମଳ କାନ୍ତ ପ୍ରଧାନ,ଫରେଷ୍ଟ ଗାର୍ଡ ଅରୁଣ କୁମାର ପାତ୍ର ପ୍ରମୁଖ ଲାଇନପଡା ମାଲାଙ୍ଗସୁଗା ଜଙ୍ଗଲ ପାଖରେ ପାଟ୍ରୋଲିଂ କରୁଥିବା ସମୟରେ ଶାଳ କାଠ ବୋଝେଇ ହୋଇ ଯାଉଥିବା ମହିନ୍ଦ୍ରା ଟ୍ରାକ୍ଟର ନଂ.ଓଡି-୧୨-୧୧୮୦ ଡାଲା ନଂ. ଓଡି- ୧୨-୧୧୮୧ କୁ ଜବତ କରିଥିବା ବେଳେ ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇଥିବା ଜଣାପଡିଛି। ଜବତ୍ ହୋଇଥିବା କାଠର ଆନୁମାନିକ ମୂଲ୍ୟ ୪୫ ହଜାର ଟଙ୍କା ହେବ ବୋଲି ରେଞ୍ଜର ମାଣିକେଶ୍ୱରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

# ସ୍ୱାସ୍ଥ୍ୟ ବିଭାଗର ନିୟମକୁ ଉଲଘଂନ

## କାହାଛତ୍ର ଛାୟା ତଳେ ଚାଲୁଛି ଘରୋଇ ଚିକିତ୍ସାଳୟ




ନିଶ୍ଚିନ୍ତକୋଇଲି **୧୩/୪(ନି.ପ୍ର):** ରାଜ୍ୟ-ରାଜପଥ କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ମୁଖ୍ୟ ବଜାରର ରାସ୍ତା ପାର୍ଶ୍ୱରେ ପ୍ରତିଷ୍ଠିତ ସାଇ ମଲ୍ଟି ସ୍ପେସିଆଲିଷ୍ଟ ହସପିଟାଲର ଫାୟାର ସେଫ୍ଟି ନାହିଁ। କ୍ଲିନିକାଲ ଏଷ୍ଟାବ୍ଲିସମେ□ ଆକ୍ଟ ମୁତାବକ ରାଜ୍ୟ ସରକାରଙ୍କ ନିର୍ମାଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ଅଗ୍ନିସମ ବିଭାଗର ମିଳିତ ଯାଞ୍ଚ ଓ ଅନୁମୋଦନ ମୁତାବକ ବିଲ୍ଡି ନିର୍ମାଣ କରାଯିବା କଥା। ଯାହା ଏହି ହସପିଟାଲରେ ହୋଇନାହିଁ। ସରକାରୀ ନୀତି ନିୟମ ପାଳନ ନକରି ଅତ୍ୟନ୍ତ ବେପରୁଆ ଭାବେ ରୋଗୀଙ୍କ ଜୀବନକୁ ବାଜିରେ ଲଗାଇ ହସପିଟାଲ ଚଳାଉଛନ୍ତି । ନିଶ୍ଚିନ୍ତକୋଇଲି ବ୍ଲକର ପୂର୍ବତନ ବ୍ଲକ ଉପାଧକ୍ଷ ଅଶୋକ କୁମାର ଓଝା ମେଡିକାଲରେ କୌଣସି ଜରୁରୀ କାଳିନ ବର୍ହିଗତ ସେବା ପାଇଁ କୌଣସି ସୁବିଧା ନାହିଁ । ଭିଜିଲାନ୍ସ ବିଭାଗକୁ ଅଭିଯୋଗ ହୋଇଥିବା ଅଭିଯୋଗ ମୁତାବକ ବିଭିନ୍ନ ପ୍ରକାର ରୋଗୀମାନଙ୍କ ଉଦ୍ଦେଶ୍ୟରେ ମିଥ୍ୟା କାଗଜପତ୍ର ଦର୍ଶାଇ ବିଏସକେୱାଇ କାର୍ଡରୁ ଅଧିକ ଅର୍ଥ ଉଠାଣ କରି ମାଲେ ମାଲେ ହେଉଛନ୍ତି ଘରୋଇ ଚିକିତ୍ସାଳୟ କର୍ତ୍ତୃପକ୍ଷ। ସରକାରୀ ନୀତି ନିୟମକୁ ଉଲଘଂନ କରି କାହା ସାହାସରେ ଉକ୍ତ ଘରୋଇ ଚିକିତ୍ସାଳୟଟି ଚାଲିଛି। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମୟରେ ଘରୋଇ ଚିକିତ୍ସାଳୟର କର୍ତ୍ତୃପକ୍ଷ ଶ୍ରୀ ଓଝା ନିଶ୍ଚିନ୍ତକୋଇଲି ବ୍ଲକ ଉପାଧକ୍ଷ ହୋଇଥିଲେ । ପୂର୍ବରୁ ତାଙ୍କ ପତ୍ନୀ ମଧ ନିଶ୍ଚିନ୍ତକୋଇଲି ବ୍ଲକ ଅଧକ୍ଷା ରହିଥିଲେ। କେବଳ ସେତିକି ନୁହେଁ ପ୍ରତାପ ଜେନାଙ୍କ ସମୟରେ ଅଶୋକ ଓଝା ନିଶ୍ଚିନ୍ତକୋଇଲି ବ୍ଲକ ଯୁବ ବିଜେଡି ସଭାପତି ସହ ଗତ ପଂଚାୟତ ନିର୍ବାଚନରେ ପ୍ରତାପ ଜେନାଙ୍କ ନେତୃତ୍ୱରେ ବିଜେଡି ସମର୍ଥନରେ ଜିଗ୍ନିପୁର ପଂଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ବ୍ଲକ ଉପାଧକ୍ଷ ହୋଇଥିଲେ। ବିଗତ ସାଧାରଣ ନିର୍ବାଚନରେ ମାହାଙ୍ଗାରେ ସ୍ୱାଧୀନ ବିଧାୟକ ବିଜୟୀ ହେବା ରାଜ୍ୟରେ ବିଜେପି ସରକାର ଗଢିବା ପରେ ବଡ ନାଟକୀୟ ଢଙ୍ଗରେ ଅଶୋକ ଓଝା ବ୍ଲକ ଉପାଧକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଇସ୍ତଫା ଦେବା ପରେ ଗତ ୧୧.୦୪.୨୦୨୫ ରିଖ ଶୁକ୍ରବାର ନିଶ୍ଚିନ୍ତକୋଇଲି ବ୍ଲକ ଉପାଧକ୍ଷ ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ଉପନିର୍ବାଚନରେ ଶ୍ରୀ ଓଝା ଶାରଦା ପ୍ରଧାନଙ୍କ ସହିତ ଉପାଧକ୍ଷ ପ୍ରାର୍ଥୀଙ୍କୁ ନେଇ ପଂଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚିଥିଲେ । ବହୁରୂପୀ ଏଣ୍ଡୁଏ ପରି ଅଶୋକ ଓଝାଙ୍କଏଭଳି ନେତୃତ୍ୱ ପରିବର୍ତ୍ତନକୁ ବୁଦ୍ଧିଜୀବୀ ଓ ବିଜେଡି କର୍ମୀମାନେ ନାପସନ୍ଦ କରୁଛନ୍ତି । ଶୁକ୍ରବାର ଉପନିର୍ବାଚନ ଫଳା ଫଳ ପ୍ରକାଶ ପାଇବା ପରେ ଠିକ୍ ତା'ର ପରଦିନ ଶନିବାର ହଠାତ୍ କଟକ ଉପସ୍ୱାସ୍ଥ୍ୟ ଚିକିତ୍ସାଧିକାରୀ ଡାକ୍ତର ଚିନ୍ତାମଣୀ ମିଶ୍ରଙ୍କ ନେତୃତ୍ୱରେ ଏକ ତିନି ଜଣିଆ ଟିମ୍ ସାଇ ମଲ୍ଟି ସ୍ପେସିଆଲିଷ୍ଟ ହସପିଟାଲରେ ଚଢାଉ କରିଥିଲେ । ହସପିଟାଲର ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହିତ ଅନେକ କାଗଜପତ୍ର ହସପିଟାଲ କର୍ତ୍ତୃପକ୍ଷ ତଦନ୍ତକାରୀ ଅଧିକାରୀଙ୍କୁ ପ୍ରଦାନ କରିପାରିନଥିବା ଡାକ୍ତର ଚିନ୍ତାମଣୀ ମିଶ୍ର ସୂଚନା ଦେଇଛନ୍ତି। ତେବେ ଆସନ୍ତା ୭ ଦିନ ମଧରେ ଆବଶକୀୟ କାଗଜପତ୍ର ପ୍ରଦାନ କରିବା ପାଇଁ ତଦନ୍ତକାରୀ ଦଳ ନିର୍ଦ୍ଦେଶ ଦେଇ ଫେରିଛନ୍ତି। ଏହି ଚଢାଉ ସମୟରେ ନିଶ୍ଚିନ୍ତକୋଇଲି ତହସିଲଦାର ଅନୀତା ନାୟକ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଯୁଗଳ କିଶୋର ନାୟକ ସାମିଲ ହୋଇଥିଲେ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘରୋଇ ଚିକିତ୍ସାଳୟ ଉପରେ ଚଢାଉ କରାଗଲା । ଏହି ଚଢାଉକୁ ନେଇ ସାଧାରଣରେ ଚର୍ଚ୍ଚା ଆଲୋଚନା ଯୋର ହେଉଛି ଯେ ହସପିଟାଲ କର୍ତ୍ତୃପକ୍ଷ ଶ୍ରୀ ଓଝା ଗତ କାଲି ନିଶ୍ଚିନ୍ତକୋଇଲି ବ୍ଲକ ଉପ ନିର୍ବାଚନରେ ବିଜୟୀ ପ୍ରାର୍ଥୀଙ୍କ ସହ ଖୁସୀ ମନେଇବାକୁ ନେଇ ଏହାକୁ ସହ୍ୟ କରିନପାରି ଅନ୍ୟ ରାଜନୈତିକ ନେତାଙ୍କ ଚାପରେ ଅଚାନକ ଚଢଉ ହୋଇଛି ବୋଲି ସାଧାରଣରେ ଆଲୋଚନା ହେଉଛି ।

## ସରକାର ଙ୍କ ଆୟୁଷ୍ମାନ ଯୋଜନା ର ଶୁଭାରମ୍ଭ

ଆଠମଲ୍ଲିକ **୧୩/୪(ନି.ପ୍ର):** ଆଠମଲ୍ଲିକ ବ୍ଲକ ଖୋଳପଦା ଅଞ୍ଚଳ ଠାକୁରଗଡ଼ ଠାରେ ଆୟୁସୁମାନ ଯୋଜନା ଶୁଭାରମ୍ଭ ହୋଇଯାଇଛି ।କେନ୍ଦ୍ର ସରକାର ଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ବି ଜେ ପି ସରକାର ଓଡିଶା ରେ ଆୟୁଷ୍ମାନ ଯୋଜନା ରେ ଭିଡ଼ିଓ କନଫରେନ୍ସ ମାଧମ ରେ ସଚେତନ କରାଯାଇ ଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ପୂର୍ତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଡ଼କ୍ଟର ଅମିୟ ମହାନନ୍ଦ, ଡ଼କ୍ଟର ତପସ୍ୱିନୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ ।ଏଥିରେ ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା,ଗୋପବନ୍ଧୁ ଜନଆରୋଗ୍ୟଯୋଜନା ରେ ସମସ୍ତ ବୟଜଷ୍ଟ ବ୍ୟକ୍ତି ମାନଙ୍କ ର ଆୟୁଷ୍ମାନ ଯୋଜନା, ବନ୍ଦନା ଯୋଜନା ର ଶୁଭଆରମ୍ଭ କରାଯାଇଥିଲା। ଏହି ଯୋଜନାକୁ ସରକାର ଘରେ ଘରେ ପହଞ୍ଚାଇବା ପାଇଁ ପ୍ରତକ୍ଷ ଭାବର ଯତ୍ନବାନ ଅଛନ୍ତି ବୋଲି ଶ୍ରୀ ସାଏ ତାଙ୍କ ବକ୍ତବ୍ୟ ରେ କହିଥିଲେ ।ଏଥିରେ ୧୦ଟି ପଂଚାୟତ ର ୧୨ଜଣ ହିତାଧିକାରୀ ଙ୍କୁ ମୁଖ୍ୟ ଅତିଥି ଙ୍କ ଦ୍ୱାରା ଆୟୁଷ ମାନ କାର୍ଡ ବଣ୍ଟନ କରାଯାଥିଲା। ଏହି ବୈଠକ ରେ ଆଶାକର୍ମୀ,ଅଙ୍ଗନବାଡି କର୍ମୀ,ସ୍ୱାସ୍ଥ୍ୟ କର୍ମୀ ଙ୍କ ସହିତ ବହୁ ଜନସାଧାରଣ ଯୋଗଦେଇଥିଲେ।

## ମା' ତାରିଣୀଙ୍କ ବାର୍ଷିକ ଯଜ୍ଞ ଓ ମେଳା ମହୋତ୍ସବ



ନିଶ୍ଚିନ୍ତକୋଇଲି **୧୩/୪(ନି.ପ୍ର):** ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟ ନିକଟସ୍ଥ ମା' ତାରିଣୀ ମନ୍ଦିରର ୨୯ତମ ବାର୍ଷିକ ପ୍ରତିଷ୍ଠା ପୂଜା ଯଜ୍ଞ ଓ ମେଳା ମହୋତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଛି । ତାରିଣୀ ପରିବାରର ମୁଖ୍ୟ ସୁରେନ୍ଦ୍ରନାଥ ସାହୁଙ୍କ ସଂଯୋଜନାରେ ଶୁକ୍ରବାର ଦିନ ଅଙ୍କୁରାରୋପଣ କରାଯାଇ ପବିତ୍ର ଚିତ୍ରୋତ୍ପଳା ନଦୀ ହରିବୋଲିଆ କୁଦ ତଟରୁ ଜଳ ଉତ୍ତୋଳନ କରାଯାଇ ବିରାଟ ଶୋଭାଯାତ୍ରାରେ ୧୦୮ କଳସ ଆସି ମନ୍ଦିର ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା । ଚୈତ୍ର ପୂର୍ଣ୍ଣିମା ଅବସରରେ ପ୍ରତ୍ୟୁଷରୁ ମା' ତାରିଣୀଙ୍କ ମହାସ୍ନାନ କରାଯାଇ ଯଥାରୀତି ପୂଜାର୍ଚ୍ଚନା ଓ ସାରା ଦିନ ବ୍ୟାପୀ ମେଳା ମହୋତ୍ସବ କରାଯାଇଥିଲା । ପୂଜକ ସରୋଜ ଷଡଙ୍ଗୀ,ପଣ୍ଡିତ ନିରଞ୍ଜନ ଶତପଥୀ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ହୋମଯଜ୍ଞ କାର୍ଯ୍ୟ,ସନ୍ଧ୍ୟା ଆଳତୀ ଓ ପୂର୍ଣ୍ଣାହୂତି ଆଦି ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା । ଏଥିରେ କର୍ତ୍ତା ଭାବେ ଭାସ୍କରଚନ୍ଦ୍ର ନାୟକ ଏବଂ ତାଙ୍କର ଧର୍ମପତ୍ନୀ ସତ୍ୟପ୍ରିୟା ନାୟକ କାର୍ଯ୍ୟ ତୁଲାଇଥିଲେ । ଦାରୁବ୍ରହ୍ମ ଭଜନ ସନ୍ଧ୍ୟା ଦଳ ପକ୍ଷରୁ ଚିତାକର୍ଷକ ଭଜନ ପରିବେଷଣ କରାଯାଇଥିଲା । ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ବହୁ ଭକ୍ତ ଯୋଗ ଦେଇ ମା'ଙ୍କୁ ଧୂପ,ଦୀନ,ନୈବେଦ୍ୟ ଅର୍ପଣ ପୂର୍ବକ କୃପା ଲାଭ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ କୈଳାସ ଚନ୍ଦ୍ର ରଣା, ଧନଞ୍ଜୟ ପଣ୍ଡା,ଧନୁ ରାୟଙ୍କ ସମେତ ମହାବୀର କ୍ଲବର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଛନ୍ତି ।

## ଆୟୁଷ୍ମାନ ଭାରତ ଲୋକାର୍ପଣ କାର୍ଯ୍ୟକ୍ରମ

ବିଷମକଟକ **୧୩/୪(ନି.ପ୍ର):** ଲୋକାର୍ପଣ ହେଲା ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା। ଏହା ସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବାୟୋବନ୍ଦନାର ମଧ୍ୟ ଶୁଭାରମ୍ଭ ହେଲା । ବିଷମକଟକ ବ୍ଲକର ଚାରିଗୋଟି ପି.ହେଚ.ସି( ଦୁର୍ଗୀ, ସାହାଡ଼ା, ଚାଟିକଣା, ହାଟ ମୁନିଗୁଡା ) ରେ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ କରାଯାଇ କିଛି ହିତାଧିକାରୀଙ୍କୁ ମଧ୍ୟ ଏହି କାର୍ଡ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବ୍ଲକ ଅଧିକାରୀ, ମେଡିକାଲ୍ କର୍ମଚାରୀ, ଆଶାକର୍ମୀ, ସ୍ଥାନୀୟ ସରପଞ୍ଚ, ସ୍ଥାନୀୟ ସମିତି ସଭ୍ୟ ଏବଂ ବିଜେପି ମଣ୍ଡଳ ସଭାପତି ସବୁ ଉପସ୍ଥିତ ରହି ଏହି ଲୋକାର୍ପଣ କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପନ୍ନ କରିଛନ୍ତି ।

## ୧୫ ତାରିଖରେ ହେବ ମଦନମୋହନଙ୍କ ଦାଣ୍ଡଯାତ୍ରା

ନିଶ୍ଚିନ୍ତକୋଇଲି **୧୩/୪(ନି.ପ୍ର):** ନିଶ୍ଚିନ୍ତକୋଇଲି ଅଂଚଳର ପ୍ରସିଦ୍ଧ ମଦନମୋହନ ଜୀଉଙ୍କ ପ୍ରସିଦ୍ଧ ଦାଣ୍ଡଯାତ୍ରା ଆସନ୍ତା ତା.୧୫.୦୪.୨୦୨୫ ରିଖରେ ଅନୁଷ୍ଠିତ ହେବ। ଶ୍ରୀ ମଦନମୋହନ ଦାଣ୍ଡଯାତ୍ରା ପୂଜା କମିଟି ନଡକାଇ, ଗୋପପୁର, ଓଥକା ଆନୁକୂଲ୍ୟରେ ସମିତିପଡିଆ ମୁକୁନ୍ଦପୁର ନଡକାଇଠାରେ ମଦନମୋହନ ଜୀଉଙ୍କ ପ୍ରସିଦ୍ଧ ଦାଣ୍ଡଯାତ୍ରା ଅନୁଷ୍ଠିତ ହେବ। ଏହି ଦାଣ୍ଡଯାତ୍ରାରେ ଅଂଚଳବାସୀ ବହୁ ସଂଖ୍ୟାରେ ଯୋଗଦେବାକୁ ଶ୍ରୀ ମଦନମୋହନ ଦାଣ୍ଡଯାତ୍ରା ପୂଜା କମିଟି ପକ୍ଷରୁ ନିବେଦନ କରାଯାଇଛି ।

# ବହୁ କୋଟିର ଦୁର୍ନୀତି ଅଭିଯୋଗ: ଆରଏସ୍‌ପିରେ ପୁଣି ପଶିଲା ସିବିଆଇ

ରାଉରକେଲା,**୧୩/୪(ନି.ପ୍ର):** ସାମଗ୍ରୀ କିଣାରେ ଜାଲିଆତିକୁ ନେଇ ସିବିଆଇ ଟିମ୍ ଗତ ୩ ତାରିଖରେ ରାଉରକେଲା ଇସ୍ପାତ୍ କାରଖାନାରେ ପଶି ତଦନ୍ତ କରିଥିଲା। ଏହାର ସପ୍ତାହେ ପରେ ଅନ୍ୟ ଏକ ଦୁର୍ନୀତି ମାମଲାରେ ପୁଣି ଏହି ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ପଶିଛି ସିବିଆଇ। ଗତ ବର୍ଷ ବନ୍ଦ ହୋଇଥିବା ଆରଏସ୍‌ପିର ଦୁଇଟି ପ୍ଲାଣ୍ଟ କୋଲ୍ଡ ରୋଲିଂ ମିଲ୍ (ସିଆରଏମ୍) ଓ ହଟଷ୍ଟ୍ରିପ୍ ମିଲ୍-୧ (ଏଚ୍‌ଏସ୍‌ଏମ୍)ର ଯନ୍ତ୍ରପାତି ବିକ୍ରିବେଳେ ବଡ଼ଧରଣର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହାର ଯାଞ୍ଚ ପାଇଁ ସିବିଆଇର ଏକ ଦଳ ଶୁକ୍ରବାର ସକାଳେ କାରଖାନାକୁ ପଶିଥିଲା। ଏହି ସିବିଆଇ ଦଳ କାରଖାନାର ମ୍ୟାଟେରିଆଲ ମ୍ୟାନେଜମେଣ୍ଟ୍ ବିଭାଗ ଅନ୍ତର୍ଗତ ମାର୍କେଟିଂ ବିଭାଗରେ ତନାଘନା କରିଛି। ଏହାସହ ସିଆରଏମ୍ ଓ ଏସ୍‌ଏସ୍‌ଏମ୍ ବିଭାଗ ଅଞ୍ଚଳ ବୁଲି ଆବଶ୍ୟକ ନଥିପତ୍ର ଯାଞ୍ଚ କରିଛି। ଦିନ ୧୦ଟାରୁ ୪ଟାଏ ଯାଏ ସିବିଆଇ ବିଭିନ୍ନ କାଗଜପତ୍ରକୁ ପୁଙ୍ଖାନୁପୁଙ୍ଖଭାବେ ଯାଞ୍ଚ କରିଥିଲା। ଏହାସହ ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ରକୁ ସାଙ୍ଗରେ ନେଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଏହି ସିଆରଏମ୍ ବିଭାଗ ୨୦୨୪ ଏପ୍ରିଲ ଓ ଏଚ୍‌ଏସ୍‌ଏମ୍-୧ ୨୦୨୪ ଅଗଷ୍ଟ ମାସରେ ବନ୍ଦ ହୋଇଥିଲା। ଏଣୁ ଉଭୟ ପ୍ଲାଣ୍ଟର ବିଭିନ୍ନ ଯନ୍ତ୍ରାଂଶ ବିକ୍ରି ପାଇଁ ଆରଏସ୍‌ପି ପକ୍ଷରୁ ଓପନ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ସମସ୍ତ ନିୟମାବଳୀର ଖୋଲା ଉଲ୍ଲଂଘନକରି ମନମର୍ଜି ବହୁ ମୂଲ୍ୟବାନ ସାମଗ୍ରୀକୁ ଶାଗମାଛ ଦରରେ ବିକ୍ରି କରିଥିବାର ସଙ୍ଗିନ ଅଭିଯୋଗ ଆସିବା ପରେ ସିବିଆଇ ଖୋଳତାଡ଼ ଆରମ୍ଭ କରିଛି। ପ୍ରକାଶଥାଉକି, ସପ୍ତାହେ ପୂର୍ବେ ସାମଗ୍ରୀ କିଣାରେ ବହୁକୋଟିର ଦୁର୍ନୀତି ହୋଇଥିବା ଅଭିଯୋଗରେ ୧୫ ଜଣିଆ ସିବିଆଇ ଦଳ ମାର୍କେଟିଂ ଓ ପରଚେଜିଂ ବିଭାଗ କାର୍ଯ୍ୟାଳୟରେ ପଶି ଖୋଳତାଡ଼ କରିଥିଲା। ସେତେବେଳେ ସିବିଆଇ ଟିମ୍ କୋଟିକୋଟି ଟଙ୍କାର ହେରଫେର କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇବା ସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଫାଇଲ୍ ଜବତ କରି ନେଇଥିଲା। ଏହି ଘଟଣାର ୮ ଦିନ ପରେ ଏବେ ପୁଣି ସିବିଆଇ ଯାଞ୍ଚ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଆରଏସ୍‌ପିର ମହାପ୍ରବନ୍ଧକ (ଲୋକସମ୍ପର୍କ) ଓ ସଞ୍ଚାର ବିଭାଗ ମୁଖ୍ୟ ଅର୍ଚ୍ଚନା ଶତପଥୀଙ୍କୁ ପଚାରିବାରୁ କହିଲେ, କିଛି ସାମଗ୍ରୀ ବିକ୍ରିରେ ଅନିୟମିତତା ନେଇ ସମ୍ଭବତଃ ଅଭିଯୋଗ ହୋଇଥିବାରୁ ସିବିଆଇର ୪ ଜଣିଆ ଦଳ ଇନ୍‌କ୍ୱାରି ପାଇଁ କାରଖାନାକୁ ଆସିଥିଲେ। ଆରଏସ୍‌ପି ଭିଜିଲାନ୍ସ ଦଳ ମଧ୍ୟ ଏଥିରେ ସାମିଲ ଥିଲା।

# ବୌଦ୍ଧ ଜିଲ୍ଲାର ଉପାନ୍ତବାସୀଙ୍କ ପାଇଁ ମହୁଲ ଫୁଲ ଅମୁଲମୂଲ

■ ଏଠି ଦଲାଲ ମାଲେମାଲ୍, ମହୁଲ ଗୋଟାଳି ବେହାଲ୍

■ ଧାନ ମଣ୍ଡି ପରି ମହୁଲ ମଣ୍ଡି ଖୋଲିବାକୁ ଦାବି



ବୌଦ୍ଧ **୧୩/୪(ନି.ପ୍ର):** କୃଷି ଭିତ୍ତିକ ଜିଲ୍ଲା ହେଉଛି ବୌଦ୍ଧ ଜିଲ୍ଲା, ମହୁଲ ଫୁଲ ହେଉଛି ବୌଦ୍ଧଜିଲ୍ଲାର ଅନ୍ୟତମ ପରିଚୟ, ।ଜିଲ୍ଲାର ଆଦିବାସୀଙ୍କ ପାଇଁ ବର୍ଷର ଦୁଇମାସ ରୋଜଗାରର ମାଧ୍ୟମ ସାଜିଥାଏ ଏହି ମହୁଲ ଫୁଲ ।ତେବେ ଚଳିତବର୍ଷ ମହୁଲଫୁଲର ଅଭାବିବିକ୍ରୀ ଆଦିବାସୀଙ୍କ ପାଇଁ ଏକ ସମସ୍ୟା ସୃଷ୍ଟି କରିଛି। ମାର୍ଚ୍ଚ ଓ ଏପ୍ରିଲ୍ ମାସରେ ହଜାର୍ ହଜାର୍ ସଂଖ୍ୟାରେ ଆଦିବାସୀ ମହିଳା ତଥା ଜଙ୍ଗଲ ନିକଟ ବର୍ତ୍ତୀ ଉପାନ୍ତ ଇଲାକା ରେ ପ୍ରତିଦିନ ସକାଳୁ ସକାଳୁ ହାତରେ ଭୁଗା,ଚିଡି,ଡଲା ଧରିମହୁଲ ଫୁଲ ସଂଗ୍ରହକରିବାପାଇଁ ବାହାରି ପଡିଥାନ୍ତି ଛୁଆ ରୁ ବୁଢ଼ା ପର୍ଯ୍ୟନ୍ତ । ବିଶେଶକରି ହରଭଙ୍ଗାବ୍ଲକଟି ଜଙ୍ଗଲ ବଣ ପାହାଡ ଘେରାରେ ଅବସ୍ଥିତ। ବ୍ଲକର ହରଭଙ୍ଗା, କୁଶଙ୍ଗ, ତଳଗାଁ, ମହାଲିକପଡା, ସଂକୁଲେଇ, ଛତ୍ରଙ୍ଗ, ବାଣିଭୁଷଣପୁର, କରଂଜକଟା, ମାଧପୁର, ଆଡେଣିଗଡ, ଧଳପୁର, ରାମଗଡ, ପୁରୁଣାକଟକ, ଆଦି ପଂଚାୟତ ଗୁଡିକରେ ବହୁ ସଂଖ୍ୟାରେ ମହୁଲଗଛ ଦେଖିବାକୁ ମିଳିଥାଏ ।ସେହିପରୀ କୁଶଙ୍ଗ ବନ୍ୟପ୍ରାଣୀ ଅଂଚଳରେ ବହୁ ଆଦିବାସୀ ବହୁଳ ଗ୍ରାମ ରହିଛି ସେମାନେ ମଧ ମହୁଲ ଫୁଲ ଉପରେ ନିର୍ଭର କରିଥାନ୍ତି । ଜଣେ ମହିଳା ବା ପୁରୁଷ ଦୈନିକ ୮ କିଲୋରୁ୯ କିଲୋ ମହୁଲଫୁଲ ବହୁତ କଷ୍ଟ ରେ ସଂଗ୍ରହ କରିଥାଏ , ତେବେ ଏଗୁଡିକ ଶୁଖିଲାପରେ ଓଜନ ତାର ଅଧା ହୋଇଥାଏ । ଫଳତଃ ଏଥିରୁ ବହୁତ କମ୍ ପଇସା ମିଳିଥାଏ ।ମହୁଲଫୁଲରୁ ଆଦିବାସି ମାନେ ପିଠା ପ୍ରସ୍ତୁତି କରିବାସହ ଗୋଖାଦ୍ୟରେ ବି ବ୍ୟବହାର କରିଥାନ୍ତି। ବଳକା ମହୁଲକୁ ବଜାର୍ ରେ ବିକ୍ରିକରୀ ନିଜର ପରିବାର ପ୍ରତିପୋଷଣ କରିଥାନ୍ତି । ଯାହାଫଳରେ ତାଙ୍କର ଆର୍ଥିକ ବୋଝକୁ କିଛିମାତ୍ରାରେ ସାହାଯ୍ୟ କରିଥାଏ ବୋଲି ମହୁଲ ସଂଗ୍ରହ କାରି ମନେ କହନ୍ତି । ତେବେ ଚଳିତବର୍ଷ ଏହାର ଦାମ୍ କିଲୋପ୍ରତି ୨୫ରୁ ୩୦ଟଙ୍କା ମଧ୍ୟରେ ରହିଛି । ମହୁଲ ସଂଗ୍ରହ କରି କିଛୀ ପରିବାର ରୋଜଗାର କରିବାପାଇଁ ଇଛା ପ୍ରକାଶ ଥିଲେମଧ୍ୟ ତାଙ୍କର ଉଚିତ ମହୁଲ ଫୁଲ ର ମୂଲ୍ୟ ପାଉନାହାନ୍ତି ବୋଲି କହନ୍ତି ।ଅନ୍ୟପଟେ ମହୁଲଫୁଲ ବିକ୍ରି କରିବାପାଇଁ ସରକାର ଙ୍କ ପକ୍ଷରୁ କୌଣସି ବଜାର୍ ବ୍ୟବସ୍ତା ନଥିବାରୁ ସଂଗ୍ରହକାରୀ ମାନେ ସ୍ଥାନିୟ ସାହୁକାର ନଚେତ କୁଜି ବେପାରୀ ଉପରେ ସଂପୁର୍ଣରୁପେ ନିର୍ଭରଶିଳ ହୋଇଥାନ୍ତି ।ଏପଟେ ବେପାରୀ ସୁଯୋଗ ନେଇ ଶାଗମାଛ ଦରରେ ମହୁଲଫୁଲ କୁ ଆଦିବାସୀଙ୍କ ଠାରୁ ସଂଗ୍ରହ କରୁଥିବା ଜଣାପଡିଛି। ପୁର୍ବରୁ ଆଦିବାସୀ ଉନ୍ନୟନ ନିଗମ ଆଦିବାସୀଙ୍କ ଠୁ ମହୁଲକୁ କିଣୁଥିଲା ।କିନ୍ତୁ ବର୍ତମାନ ଉକ୍ତ ସଂସ୍ଥାର କୌଣସି ଅସ୍ଥିତ୍ୱ ମଧ ନାହିଁ । ଫଳରେ କୁଜି ବେପାରିଙ୍କ ଠାରେ ଶିକାର୍ ହେଉଛନ୍ତି ମହୁଲ ଗୋଟାଳିମାନେ ।ସଂଗ୍ରହ କାରୀ ସବିତା ଦେହୁରୀ ଓ ସରସ୍ୱତୀ ଦେହୁରୀ ଙ୍କ କହିବାଅନୁସାରେ ଦିନ ସାରା ଆମେ ମହୁଲ ସଂଗ୍ରହ କରିଥାଉ ହେଲେ ୬ରୁ ୭କିଲୋ ମହୁଲ ମିଳିଥାଏ । ସେହିଭଳି ଦୈତାରି ପ୍ରଧାନଙ୍କ କହିବାନୁଯାଇ ଯେ ଦିନସାରା ପରିଶ୍ରମକରିବାକୁ ପଡିଥାଏ କିନ୍ତୁ ମହୁଲର ଉପଯୁକ୍ତ ମୁଲ୍ୟ ନମିଳିବାରୁ ବାଧ୍ୟ ହୋଇ କୁଜି ବେପାରି ହାତରେ ଦେଇଥାଉ। କିନ୍ତୁ ବ୍ଲକର ପ୍ରାୟ ଶତକଡା ୪୦ ଭାଗ ମହିଳା ମହୁଲ ସଂଗ୍ରହ କରିଥାନ୍ତି ବିଶେଶକରି ଆଦିବାସୀ ମହିଳାମାନେ ଏଥିରୁ ନିୟୋଜିତ ହୋଇଥାନ୍ତି । ଯଦି ସରକାର ମହୁଲ ର ଉପଯୁକ୍ତ ଦର ନିରୁପୁଣ କରନ୍ତି ଏବଂ ବଜାର ବ୍ୟବସ୍ଥା କଲେ ଆମେ ଭଲ ଦୁଇପଇସା ପାଇପାରନ୍ତୁ ବୋଲି ମହୁଲ ସଂଗ୍ରହକାରି ଦମୟନ୍ତି ମହାକୁଡ କହିଛନ୍ତି । ମହୁଲ ଫୁଲ ବିକ୍ରି ପାଇଁ ବଜାର୍ ବ୍ୟବସ୍ଥା କଲେ ଭଲ ହୁଅନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ନଚେତ ନିରୀହ ଆଦିବାସୀ ତଥା ମହୁଲ ସଂଗ୍ରହ କାରୀଙ୍କ ଠୁ ବେପାରୀ କମ ଦର ରେ କିଣି ନିଜେ ମାଲେ ମାଲ ହେବାସହ ବିଚରା ଆଦିବାସୀ ବେହେଲା ହେବା ସୁନିଶ୍ଚିତ ବୋଲି କୁହାଯାଉଛି ।

# ଜମାକାରୀଙ୍କ ଖାତାରୁ ଲକ୍ଷାଧିକ ଟଙ୍କା ଜନସେବା କେନ୍ଦ୍ରରେ ହଡପ ଅଭିଯୋଗ



କଲ୍ୟାଣସିଂହପୁର-**୧୩/୪(ନି.ପ୍ର):** ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତ ସଦର ମହକୁମାରେ ଥିବା ଜନସେବା କେନ୍ଦ୍ରରୁ ଜମାକାରୀଙ୍କ ଟଙ୍କା ଉଭାନ ହୋଇଥିବା ନେଇ ଥାନାରେ ଅଭିଯୋଗ । ବିଧବା ନେମାଲପୁରୀ ଦମୟନ୍ତୀ ସ୍ୱାମୀ ଲୋକନାଥଙ୍କ ମୃତ୍ୟୁ ପରେ ମିଳିଥିବା ଟଙ୍କା ଓ ସୁଭଦ୍ରା ଯୋଜନା, ଇନ୍ଦିରାଆବସ ଯୋଜନା ଟଙ୍କା,ଏଲ ଆଇ ସି ଟଙ୍କା, ନିଜ ଝାଳବୁହା ଟଙ୍କା ପ୍ରାୟ ୧ଲକ୍ଷ ୪୫ହଜାର ଟଙ୍କା ଶିକରପାଇରେ ଥିବା ଉକ୍ରଳ ଗ୍ରାମ୍ୟ ବ୍ୟାଙ୍କ ଜମା କରିଥିଲେ । ଆବଶ୍ୟକ ପଡିବାରୁ ସେ ବ୍ୟାଙ୍କକୁ ଟଙ୍କା ଉଠାଇବା ପାଇଁ ଯାଇଥିଲେ । ବ୍ୟାଙ୍କରେ ପ୍ରବଳ ଭିଡ ହୋଇଥିବା ଦେଖି ଏକ ଜନସେବା କେନ୍ଦ୍ରକୁ ଯାଇ ଆଙ୍ଗୁଠି ଦେଇ କିଛି ଟଙ୍କା ଉଠାଇ ନେଇଥିଲେ । ଏହା ପରେପୁଣି ଟଙ୍କା ଉଠାଇବା ପାଇଁ ଉକ୍ରଳ ଗ୍ରାମ୍ୟ ବ୍ୟାଙ୍କକୁ ଯାଇଥିବାରୁ ବିଧବାଙ୍କ ଜମା ଖାତାରେ ଟଙ୍କା ନଥିବା ଅଧିକାରୀ କହିଥିଲେ ।ଏହାକୁ ନେଇ ଉକ୍ରଳ ଗ୍ରାମ୍ୟ ବ୍ୟାଙ୍କର ଶାଖା ପରିଚାଳକଙ୍କୁ ଜଣାଇଥିଲେ । ଏହାପରେ ଚିନ୍ତିତ ହୋଇ ଏହି ବିଷୟରେ ସାହି ପଡ଼ିଶାକୁ ଜଣେଇ ଥିଲେ ତେବେ ଏହି ଟଙ୍କା କେଉଁଠି ଓ କେମିତି କଟିଲା ସେ ଜାଣି ପାରୁ ନ ଥିବାରୁ ଏଥିପାଇଁ ସେ ଆଇନ ଆଶ୍ରୟ ନେବାକୁ ବାଧ ହେବେ ବୋଲି କହି ଆଜି ସ୍ଥାନୀୟ ଥାନାକୁ ଆସି ଅଭିଯୋଗ କରିଛନ୍ତି । ଏହାର ସଠିକ ତଦନ୍ତ କରି ମୋର ଟଙ୍କା ଫେରସ୍ତ କରାଇଦିଅନ୍ତୁ ବୋଲି ଅଧିରାରୀଙ୍କୁ କହିଛନ୍ତି । ଏଭଳି ଘଟଣା ଅଞ୍ଚଳରେ ବାରମ୍ବାର ଘଟୁ ଥିବାରୁ ଏହା ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି । ଏହାକୁ ନେଇ ପୁଲିସ ତଦନ୍ତ କରୁଥିବା ଜଣାପଡିଛି ।

# ମାଆଙ୍କୁ ଶୀତଳ ଭୋଗରାଗ ଦେଇ ଆଶ୍ୱାସନା କଲେ ଗ୍ରାମବାସୀ



କଲ୍ୟାଣସିଂହପୁର**୧୩/୪(ନି.ପ୍ର):** ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ଚୈତ୍ର ମାସରେ ମାଆଙ୍କୁ ଶୀତଳ ଭୋଗ ଦେଇ ଗ୍ରାମବାସୀ ସାନ୍ତ୍ୱନା କରିଥିବା ଦେଖିବାକୁ ମିଳିଛି ।

ଏହି ଚୈତ୍ରମାସରେ ଗ୍ରାମରେ ମାଆ ଗ୍ରାମଦେବୀଙ୍କ ଘଟ ଯାତ୍ରା ଅଣାଯାଇ ନ ଥିଲା । ଆଜି ଚୈତ୍ର ମାସ ଶୁକ୍ଲପକ୍ଷ ଶେଷ ମଙ୍ଗଳବାର ରେ ମାଆ ଙ୍କୁ ଶୀତଳ ଲାଗି କରିଥିବା ଦେଖିବାକୁ ମିଳିଛି । ପୂଜକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ କୁକୁଡ଼ା, ଛେଳି ,ପାରା ବଳି ଦେବା ସହ ନଡ଼ିଆ, କଦଳୀ, ଧୁପ, ଦ୍ୱିପ, ଲିଆ ମୁହାଁ, ପଣା,ପିଠା ଭୋଗ ଦେଇ ମାଆଙ୍କୁ ଆଶ୍ୱାସନା କରିଥିଲେ । ଆଜି ସମସ୍ତ ଦେବା ଦେବୀ ପୀଠରେ ଭକ୍ତ ଙ୍କ ଭିଡ଼ ଲାଗିଥିବ ଦେଖିବାକୁ ମିଳିଛି । ବ୍ଲକର ପ୍ରତି ପଞ୍ଚାୟତର ପ୍ରତ୍ୟେକଗ୍ରାମର ମୁଣ୍ଡରେ ଜାନି ବା ଦିଶରୀଙ୍କ ଦ୍ୱାରା ମାଆଙ୍କ ଭୋଗଲାଗି ଭେଲାଗୁଡ, ମହୁଲ, କାନ୍ଦୁଲ, ଶିମ୍ବ ,ଚାରୁକୋଳି ଓ ଛାଗ ବଳି ଦେଇ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଛି ।

# ଗ୍ରାମ୍ୟ ପାନୀୟ ଜଳ କାହା ସ୍ୱାର୍ଥରେ ? : ଖରାଠୁ ବଳି ଗଲାଣି ଜଳ ଯନ୍ତ୍ରଣା

■ ଦୂର ହେଉନି ସମସ୍ୟା ,ପାଣି ପାଇଁ ଯିବ କି ଜୀବନ

■ ସରକାରୀ ଯୋଜନା ପ୍ରହସନରେ ପରିଣତ

ପଟ୍ଟାମୁଣ୍ଡାଇ **୧୩/୪(ନି.ପ୍ର):** ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ସହିତ ମୁଣ୍ଡ ଫଟା ଖରା। ଗ୍ରାମାଞ୍ଚଳର ଚାରିଆଡେ ଲାଗିରହିଛି ପାନୀଯ ଜଳ ସମସ୍ୟା। ପାନୀୟ ଜଳ ସମସ୍ୟାକୁ ଦୂର କରିବା ପାଇଁ ଗ୍ରାମ୍ୟପାନୀୟଜଳ ଯୋଗାଣ ବିଭାଗ କୌଣସି ଠୋସ ପଦକ୍ଷେପ ନେଉନଥିବା ବେଳେ ସମସ୍ୟା ଉକ୍ରଟ ହେବାରେ ଲାଗିଛି। ଲୋକମାନେ ମୁନ୍ଦାଏ ପିଇବା ପାଣି ଡହଳ ବିକଳ ହେଉଥିବା ବେଳେ ପାନୀୟ ଜଳ ସମସ୍ୟାର ସମାଧାନ କରାଯାଉଛି ବୋଲି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ମିଛ ପ୍ରଚାର କରୁଛି । କିନ୍ତୁ ନା ଦୂର ହେଉଛି ସମସ୍ୟା ନା ସୁଧୁରୁଛି ବିଭାଗ । ପଟ୍ଟାମୁଣ୍ଡାଇ ବ୍ଲକର ଉପାନ୍ତ ଧୋୟାଅଞ୍ଚଳରେ ପାନୀୟ ଜଳ ସମସ୍ୟା ଏବେ ଉକ୍ରଟ ରୂପ ଧାରଣ କରିଛି। ଧୋୟାଞ୍ଚଳ ଅନ୍ତର୍ଗତ ଅଳପୁଆ ପଞ୍ଚାୟତରେ ପାନୀୟ ଜଳ ସଙ୍କଟ ୨୦୦୦ରୁ ଅଧିକ ବାସିନ୍ଦାଙ୍କ ପାଇଁ ଏକ ଗମ୍ଭୀର ଚିନ୍ତାର ବିଷୟ ପାଲଟିଥିବା ବେଳେ ବିଭାଗୀୟ ଅଧିକାରୀ ମାନେ ଦୀର୍ଘ ଦିନ ଧରି ଏହି ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ବହୁ ବାର ଆପତ୍ତି ଅଭିଯୋଗ ପରେ ମଧ ପାନୀୟ ଜଳ ସମାଧାନ ପାଇଁ କର୍ତ୍ତୃପକ୍ଷ କୌଣସି ଦୃଢ଼ ପଦକ୍ଷେପ ନେଇ ନାହାଁନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ନିକଟରେ ଅନେକ ଅଭିଯୋଗ ଏବଂ ଆବେଦନ ସତ୍ତ୍ୱେ, ବିଭାଗର ଅପାରଗତା ଯୋଗୁଁ ଏହି ସମସ୍ୟାର ସମାଧାନ ହୋଇପାରି ନାହିଁ। ଅଳପୁଆ ତଳା ପଡ଼ିଆରେ ସ୍ଥାପିତ ପାନୀୟ ଜଳ ପ୍ରକଳ୍ପ, ଯେଉଁଥିରେ ୧ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏକ ଓଭରହେଡ୍ ଟାଙ୍କି ରହିଛି। କିନ୍ତୁ ଏହି ଓଭରହେଡ ଟାଙ୍କିଟି ଆରମ୍ଭରୁ ଠିକ୍ ଭାବରେ କାର୍ଯ୍ୟ କରୁନାହିଁ। ଫଳରେ ଅଳପୁଆ ବିଶ୍ୱାଳ ସାହି, ଅଳପୁଆ ଡିଆ, ସୁବଳପୁର, ପାହାନ୍ତା ସିଂହ ସାହି, ଗୋଜିଆ କଣ ସାହି ଓ ବସ୍ତିରେ ଉକ୍ରଟ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏହି ସବୁ ସାହି ବସ୍ତିରେ ଲାଗିଥିବା ପ୍ରାୟ ୪୦ ଟି ଟ୍ୟାପ୍ ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ରହିଛି। ପାହାନ୍ତା ସିଂହ ସାହିରେ ପରିସ୍ଥିତି ଅଧିକ ସଙ୍ଗିନ ହୋଇପଡିଛି। ଯେଉଁଠାରେ କୌଣସି ନଳକୂପ ନାହିଁ ଏବଂ ଟ୍ୟାପରୁ ପାଣି ମଧ ବାହାରୁନାହିଁ। ଅଳପୁଆ ପଞ୍ଚାୟତରେ ଥିବା ୨୦ଟି ଗଭୀର ନଳକୂପ ମଧ୍ୟରୁ ୫ଟି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି ଏବଂ ଅନ୍ୟଗୁଡ଼ିକ ଭୂତଳ ଜଳ ସ୍ତର କମ ଥିବାରୁ ପର୍ଯ୍ୟାପ୍ତ ପାଣି ଯୋଗାଣ କରିପାରୁନାହିଁ ବୋଲି ଅଭିଯୋଗ ହୋଇଛି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅଞ୍ଚଳ ପରିଦର୍ଶନ କରି ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଁ, ତଥାପି କୌଣସି ଆଖିଦୃଶିଆ ଅଗ୍ରଗତି ହୋଇନାହିଁ। ସ୍ଥାନୀୟ ପଞ୍ଚାୟତ, ବ୍ଲକ କାର୍ଯ୍ୟାଳୟ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ବିଭାଗୀୟ ଅଧିକାରୀମାନଙ୍କ ଠାରୁ ବିଫଳ ଓ ହତାଶ ହୋଇ ଗ୍ରାମବାସୀମାନେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ ହେଁ ସମସ୍ୟାର ସମାଧାନ ହୋଇପାରିନଥିବାରୁ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେବା ସହିତ ଲୋକମାନେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ପାନୀୟ ଜଳ ଭଳି ଏକ ମୌଳିକ ଆବଶ୍ୟକତା ସୁନିଶ୍ଚିତ କରିବାରେ ବିଭାଗର ବିଫଳ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦେବେନ୍ଦ୍ର ବିଶ୍ୱାଳ, ନିରାକାର ବିଶ୍ୱାଳ, ଗଗନ ମହାଳିକ, ମଧୁସୂଦନ



ଦାସ ଏବଂ ନରେନ୍ଦ୍ର ଧଳ ପ୍ରମୁଖ ଏଥି ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଓଡିଆ ପକ୍ଷ ପାଳନ ଅବସରରେ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ



ରାୟଗଡା **୧୩/୪(ନି.ପ୍ର):**ରାୟଗଡା ଜିଲ୍ଲା ପ୍ରଶାସନ ପକ୍ଷରୁ ନୂତନ ଭାବେ ନାମଲେଖା ଶିଶୁମାନଙ୍କ ପାଇଁ ବର୍ଣ୍ଣବୋଧ ବଣ୍ଟନ ଉତ୍ସବ ପାଳିତ ହୋଇଛି। ଓଡ଼ିଆ ପକ୍ଷ୍ୟ ପାଳନର ସପ୍ତମ ଦିବସରେ ସମସ୍ତ ବ୍ଲକ ଗୁଡିକୁ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରଣୀତ ବର୍ଣ୍ଣବୋଧ ଶିଶୁ ମାନଙ୍କୁ ବଣ୍ଟନ ନିମନ୍ତେ ଯୋଗାଇ ଦିଆଯାଇଛି। ରାୟଗଡା ସଦର ଗାନ୍ଧୀନଗର ଓ ଇନ୍ଦିରା ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ଭାବେ ନାମ ଲେଖାଇଥିବା ଶିଶୁଙ୍କୁ ବଣ୍ଟନ କରାଯାଇଥିଲା। ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଓ୍ୱାଙ୍ଗାହି ଶବର, ରାୟଗଡ ବ୍ଲକର ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଗୋପାଳ ପଣ୍ଡା, ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ବାତ୍ରିୟା ଓ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ପଣ୍ଡା, ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ସମେତ ଉଭୟ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ର,ଛାତ୍ରୀ ଉପସ୍ଥିତ ଥିଲେ । ଗାନ୍ଧିନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୫ ଜଣ ଏବଂ ଇନ୍ଦିରାନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦ ଜଣ ନୁତନ ଭାବେ ନାମଲେଖାଇଥିବା ଶିଶୁଙ୍କୁ ଏହି ପୁସ୍ତକ ବଣ୍ଟନ କରାଯାଇଥିଲା । ଓଡିଆ ଭାଷାର ଲିଖନ ଓ ପଠନରେ ବର୍ଣ୍ଣବୋଧର ସ୍ଥାନ ସ୍ୱତନ୍ତ୍ର। ଏହା ଏକ କାଳଜୟୀ ପୁସ୍ତକ ଓ ପ୍ରତି ଓଡିଆଙ୍କ ପ୍ରିୟ । ୧୮୯୫ ମସିହାରେ ପ୍ରଥମ ପ୍ରକାଶିତ ଏହି ବହି ଓଡିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ଚଳିତବର୍ଷର ନୂତନ ସଂସ୍କରଣ ଓଡିଆ ଜାତିର ମନ ଓ ମାଟି ସହ ଜଡ଼ିତ ଥିବାରୁ ଶିଶୁ ଓ ଶିକ୍ଷକ ମାନଙ୍କ ଦ୍ୱାରା ବୃଶ ଆଦୃତ ହେବ ବୋଲି ଅତିଥିବୃନ୍ଦ ପ୍ରକାଶ କରିଛନ୍ତି ।

# ସୁନ୍ଦରଗଡରେ ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଅଭିଯାନ ଅନୁଷ୍ଠିତ



ବଣାଇ **୧୩/୪(ନି.ପ୍ର):** ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ଅଷ୍ଟମ ଦିବସରେ ରକ୍ତଦାନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ, ସୁନ୍ଦରଗଡ଼ ପୌରପାଳିକା , ଜିଲ୍ଲା ରେଡକ୍ରସ ଏବଂ ଜିଲ୍ଲା ପ୍ରଶାସନ ର ମିଳିତ ଆନୁକୂଲ୍ୟରେ ଏହି ରକ୍ତଦାନ ଅଭିଯାନ ଟି ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଉପବାଚସ୍ପତି, ଓଡ଼ିଶା ବିଧାନସଭା ତଥା ମାନ୍ୟବର ବିଧାୟକ, ତଳସରା ଭବାନୀ ଶଙ୍କର ଭୋଇ ଯୋଗ ଦେଇ ଏହି ରକ୍ତଦାନ ଅଭିଯାନକୁ ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌରପାଳିକାର ଅଧକ୍ଷା ଶ୍ରୀମତୀ ତନୟା ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ସଦୟ ଉପସ୍ଥିତ ଥିଲେ। ଏହି ଅବସରରେ ଉପବାଚସ୍ପତି ଶ୍ରୀ ଭୋଇ 'ରକ୍ତଦାନ ମହତ୍ ଦାନ, ରକ୍ତଦାନ ଦ୍ୱାରା ଆମେ ଲୋକଙ୍କ ଜୀବନ ରକ୍ଷା କରିବା ରେ ସହାୟକ ହେଉଥାଉ। ତେଣୁ ଏହି ମହତ୍ ଉଦ୍ଦେଶ୍ୟ ନିମନ୍ତେ ସମସ୍ତେ ଆଗଭର ହେବା ଆବଶ୍ୟକ' ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସେହିଭଳି ସରକାରଙ୍କ ଏହି ଓଡ଼ିଆ ପକ୍ଷ ପାଳନ ନେଇ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଜିଲ୍ଲା କୁ ସୁନ୍ଦର ତଥା ଉତ୍ତମ ସ୍ୱାସ୍ଥ୍ୟ ସମୃଦ୍ଧ କରିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ରକ୍ତଦାନ ର ଉପାଦେୟତା ଉପରେ ମଧ ଅତିଥିମାନେ ଆଲୋଚନା କରିଥିଲେ। ଆଜିର ଏହି ରକ୍ତଦାନ ଅଭିଯାନରେ ମହାବିଦ୍ୟାଳୟର ଛାତ୍ରୀ, ଅଧ୍ୟାପକ, ଜିଲ୍ଲା କାର୍ଯ୍ୟାଳୟ ,ସଦର ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀମାନେ ରକ୍ତଦାନ କରିଥିଲେ । ଏହି ଅଭିଯାନ ରେ ମୋଟ ୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ମହନ୍ତ, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ , ମହାବିଦ୍ୟାଳୟ ର ଅଧକ୍ଷା ଶ୍ରୀମତୀ ଇନ୍ଦିରା ଗଡନାୟକ ଡେପୁଟି କଲେକ୍ଟର ତଥା ରେଡକ୍ରସ ର ସମ୍ପାଦକ ଅଶ୍ୱିନୀ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ନିର୍ବାହୀ ଅଧିକାରୀ ଶ୍ରୀ ବିକାଶ ମୁଣ୍ଡାରୀ, ରେଡକ୍ରସ୍ ର ଆଜୀବନ ସଭ୍ୟ ଅଜିତ ପ୍ରସାଦ, ପ୍ରଦୀପ ସାହୁ, ବୈକୁଣ୍ଠ ବୋନଛର, ତାରାକାନ୍ତ ପଟେଲ, ଡ଼ା. ଲବଣୀଧର ଦାନି, ପ୍ରତାପ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁଡ଼ିଆଯୋର ସେତୁ ନିର୍ମାଣ ଖୋଲିଲା ବାଟ: ମିଳିଲା ସରକାରୀ ସ୍ୱୀକୃତି

## ସାଧାରଣରେ ଖୁସିର ଲହରୀ

ପଟ୍ଟାମୁଣ୍ଡାଇ, **୧୩/୪(ନି.ପ୍ର):-** କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବନ୍ୟା ବିପନ୍ନ ଧୋୟାଞ୍ଚଳର ଅଣ୍ଡରା ଓ ଅମୃତମଣୋହି ସମେତ ଆଖ ପାଖ ଅଂଚଳର ହଜାର ହଜାର ଚାଷୀମାନେ ଗୁଡ଼ିଆ ଜୋର ସେତୁ ନିର୍ମାଣ ପାଇଁ ବର୍ଷ ବର୍ଷ ଧରି ଦାବୀ କରିଆସୁଥିଲେ । ଗୁଡ଼ିଆଯୋର ସେତୁ ନିର୍ମାଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଚାପ ପକାଇବା ପାଇଁ ଧୋୟା ଞ୍ଚଳର ଦିବଂଗତ ସଂଗ୍ରାମୀନେତା ଡା ଗଦାଧର ମଲ୍ଲିକ ଚାଷୀମାନଙ୍କୁ ସଂଗଠିତ କରି ବର୍ଷ ବର୍ଷ ଧରି ଆନ୍ଦୋଳନ କରିଆସୁଥିଲେ । ଆଜି ଡା ଗଦାଧର ମଲ୍ଲିକ ନାହାନ୍ତି ସତ ମାତ୍ର ସଂଗ୍ରାମ ଫଳବତୀ ହୋଇଛି ଓ ଗୁଡ଼ିଆ ଜୋର ସେତୁ ନିର୍ମାଣ ହେଲେ ଧୋୟାଞ୍ଚଳର ଶହ ଶହ ଏକର ଜମି ରେ ଚାଷ କାର୍ଯ୍ୟ ହେବା ସହିତ ଅଣ୍ଡରା, ଅମୃତମଣୋହି ପଂଚାୟତ ର ହଜାର ହଜାର ଚାଷୀ ଉପକୃତ ହେବା ସହିତ ତାଙ୍କର ଦୀର୍ଘ ଦିନର ସ୍ୱପ୍ନ ସାକାର ହେବ ଓ କେନ୍ଦ୍ରାପଡ଼ା ବିଧାୟକ ଭାବେ ପୂର୍ବତନମନ୍ତ୍ରୀ ଗଣେଶ୍ୱର ବେହେରା ନିର୍ବାଚିତ ହେବା ପରେ ଧୋୟାଞ୍ଚଳ ଚାଷୀଙ୍କ ସମୂହ ସ୍ୱାର୍ଥ ଦୃଷ୍ଟିରୁ ଗୁଡ଼ିଆଜୋର ସେତୁ ନିର୍ମାଣ ପାଇଁ ରାଜ୍ୟ ବିଧାନସଭାରେ ପ୍ରଶ୍ନ ଉତ୍ଥାପନ କରିବା ସହିତ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଗ୍ରାମ୍ୟଉନ୍ନୟନ ମନ୍ତ୍ରୀଙ୍କୁ ଭେଟି ଦାବୀ କରିଥିଲେ । ସମ୍ପ୍ରତି ରାଜ୍ୟ ସରକାର ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ବନ୍ୟା ବିପନ୍ନ ଅଣ୍ଡରା ଓ ଅମୃତମଣୋହି ପଂଚାୟତର ଚାଷୀମାନଙ୍କ ସୁବିଧା ପାଇଁ ଅଣ୍ଡରା, ଅମୃତମଣୋହି ଠାରେ ଗୁଡ଼ିଆଜୋର ସେତୁ ନିର୍ମାଣ କରିବା ପାଇଁ ସରକାରୀ ସ୍ୱୀକୃତି ପ୍ରଦାନ କରାଯାଇଛି ଓ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସରକାରୀ ଚିଠି ନଂ ୨୮୫୪୧୫୦୦୦୪୨୦୨୪ ରେ ସରକାରୀ ସ୍ୱୀକୃତି ପ୍ରଦାନ କରାଯାଇଥିବା ସୂଚନା ମିଳିଛି ଓଏଥି ପାଇଁ ସାଧାରଣ ରେ ଖୁସିର ଲହରୀ ଖେଳି ଯାଇଛି । ଏଥି ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧକ୍ଷ ମାନସ ରଞ୍ଜନ ସାମଲ,ଅଣ୍ଡରା ସରପଞ୍ଚ କଳ୍ପନା ଜେନା, ଅମୃତମଣୋହି ସରପଞ୍ଚ ନିରୁପମା ଦାସ, ସମିତିସଭ୍ୟା ଅନ୍ନପୂର୍ଣ୍ଣା ମଲ୍ଲିକ, ସମବାୟବିତ ଚିତ୍ତରଞ୍ଜନ ମଲ୍ଲିକ, ପୂର୍ବତନ ସରପଞ୍ଚ ବସନ୍ତ ସ୍ୱାଇଁ, ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ, ଶିକ୍ଷାବିତ ନିରଞ୍ଜନ ସୁନ୍ଦରରାୟ, ଯୁବନେତା ପ୍ରଶାନ୍ତ ସ୍ୱାଇଁ,କୃଷକ ନେତା ଉଲ୍ଲାସ ମଲ୍ଲିକ, ପୂର୍ବତନ ସରପଞ୍ଚ ସଂଜୀବ ମଲ୍ଲିକ ଉପେନ୍ଦ୍ର ମଲ୍ଲିକ, ଅମ୍ବିକା ମଲ୍ଲିକ ରଂଜିତ ରଞ୍ଜନ ମଲ୍ଲିକ, ଅଶୋକ ମଲ୍ଲିକ, ନାରାୟଣ ମଲ୍ଲିକ, ପୂର୍ବତନ ସରପଞ୍ଚ କୃଳମଣି ମଲିକ, ବିପିନ ସେଠୀ, ବ୍ରଜ କିଶୋର ସେଠୀ ପ୍ରମୁଖ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଗ୍ରାମ୍ୟ ଉନ୍ନୟନମନ୍ତ୍ରୀ ରବି ନାରାୟଣ ନାୟକ ଓ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ